
ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୨୧ ନଭେମ୍ବର ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 21 NOVEMBER 2021

Vol.No. 32 ■ No. 296 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ପ୍ରକାଶ ପାଇଛି ଏବର୍ଷର ପୂଜା ସଂଖ୍ୟା

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ରାଜସ୍ଥାନର ସବୁ ମନ୍ତ୍ରୀ ଏକାଠି ଇସ୍ତଫା ଦେଲେ



ଜୟପୁର,୨୦/୧୧ (ନି.ପ୍ର): ଆସନ୍ତାକାଲି ରାଜସ୍ଥାନରେ କ୍ଷମତାସୀନ କଂଗ୍ରେସ ସରକାର ନୂଆ ମନ୍ତ୍ରିମଣ୍ଡଳ ଗଠନ କରିବ। ଏହାପୂର୍ବରୁ ଆଜି ଯୋଜନା ମୁତାବକ ରାଜ୍ୟର ସବୁ ମନ୍ତ୍ରୀ ନିଜ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ସମସ୍ତେ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟଙ୍କ ନିକଟକୁ ନିଜ ନିଜର ଇସ୍ତଫାପତ୍ର ପଠାଇ ଦେଇଛନ୍ତି। ମନ୍ତ୍ରୀମାନେ ଇସ୍ତଫା ଦେବା ପୂର୍ବରୁ ମୁଖ୍ୟମନ୍ତ୍ରୀ ଗେହଲଟ କ୍ୟାବିନେଟ ବୈଠକ ଡାକିଥିଲେ। ପୁରୁଣା ମନ୍ତ୍ରୀଙ୍କୁ ନେଇ ଆଜି ସନ୍ଧ୍ୟାରେ ଶେଷ କ୍ୟାବିନେଟ ବୈଠକ ବସିଥିଲା। ବୈଠକ ପରେ ସବୁ ମନ୍ତ୍ରୀ ନିଜ ପଦ ଛାଡ଼ିଛନ୍ତି। ଆସନ୍ତାକାଲି ରାଜଭବନରେ ଗେହଲଟଙ୍କ ମନ୍ତ୍ରିମଣ୍ଡଳରେ ସାମିଲ ହେବାକୁ ଥିବା ସଦସ୍ୟମାନେ ପଦ ଓ ଗୋପନୀୟତାର ଶପଥ ନେବେ। ଦୀର୍ଘଦିନ ହେଲାଣି ଗେହଲଟ ଓ ବରିଷ୍ଠ ସଚିନ ପାଇଲଟଙ୍କ ମଧ୍ୟରେ କ୍ଷମତାକୁ ନେଇ ତିକ୍ତତା ଲାଗି ରହିଥିଲା। ଦିନକୁ ଦିନ ତିକ୍ତତା ବଢୁଥିବାରୁ କଂଗ୍ରେସ ହାଇକମାଣ୍ଡ ମନ୍ତ୍ରିମଣ୍ଡଳ ସଂପ୍ରସାରଣ ପାଇଁ ଅନୁମତି ଦେଇଥିଲେ। ଏବେ ଗେହଲଟଙ୍କ ମନ୍ତ୍ରିମଣ୍ଡଳରେ ଥିବା ସବୁ ସଦସ୍ୟ ଇସ୍ତଫା ଦେଇଥିବାରୁ ସଚିନ ପାଇଲଟଙ୍କ ଘନିଷ୍ଠ ସହଯୋଗୀଙ୍କୁ ମନ୍ତ୍ରୀ ପଦ ମିଳିବ। ମିଳିଥିବା ସୂଚନା ଅନୁଯାୟୀ, ପାଇଲଟଙ୍କ କ୍ୟାମ୍ପର ୪ରୁ ୫ ଜଣ ଆସନ୍ତାକାଲି ପଦ ଓ ଗୋପନୀୟତାର ଶପଥ ପାଠ କରିବେ। ସେହିପରି ଗେହଲଟଙ୍କ ମନ୍ତ୍ରିମଣ୍ଡଳରେ ଥିବା କିଛି ବରିଷ୍ଠ ନେତାଙ୍କୁ ବାଦ ଦିଆଯିବ। ମନ୍ତ୍ରୀ ବଦଳରେ ସେମାନେ କଂଗ୍ରେସର ସାଂଗଠନିକ ସ୍ଥିତିକୁ ମଜବୁତ କରିବାକୁ କାମ କରିବେ। କଂଗ୍ରେସ କ୍ୟାବିନେଟ ଅଦଳବଦଳ ବେଳେ ଜଣେ ନେତା, ଗୋଟିଏ ପଦ ଫର୍ମୁଲାକୁ ଲାଗୁ କରିବ। ସେହିପରି ଗେହଲଟଙ୍କ କ୍ୟାବିନେଟରେ ଥିବା ୩ ଜଣ ବରିଷ୍ଠ ନେତାଙ୍କୁ ପଦରୁ ବିଦା କରାଯିବ। ସେମାନଙ୍କୁ ଦଳରେ ବିଭିନ୍ନ ଦାୟିତ୍ୱ ପ୍ରଦାନ କରାଯାଇ ସାରିଛି। ରାଜସ୍ଥାନର ପିସିସି ମୁଖ୍ୟ ଗୋବିନ୍ଦ ଦୋତାସ୍ରା, ପଞ୍ଜାବର ଏଆଇସିସି ଇନଚାର୍ଜ ହରିଶ ଚୌଧୁରୀ ଓ ଗୁଜରାଟ ଏଆଇସିସି ଇନଚାର୍ଜ ରଘୁ ଶର୍ମାଙ୍କୁ କ୍ୟାବିନେଟରୁ ବାଦ ଦିଆଯିବ। ସେମାନେ ନିଜ ତରଫରୁ ହିଁ ଦଳ ପାଇଁ କାମ କରିବାକୁ ଚାହୁଁଥିବା ହାଇକମାଣ୍ଡଙ୍କୁ ଜଣାଇଥିବା କୁହାଯାଉଛି। ବର୍ତ୍ତମାନ ଗେହଲଟଙ୍କ କ୍ୟାବିନେଟରେ ୯ଟି ପଦ ଖାଲି ରହିଛି। ସଚିନ ପାଇଲଟ ତାଙ୍କ କ୍ୟାମ୍ପରୁ ୪ରୁ ୫ ଜଣ ବିଧାୟକଙ୍କୁ ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରୀ ପଦ ଦେବାକୁ ଲବି ଚଳାଇଛନ୍ତି। ଗତବର୍ଷ ଗେହଲଟ ସରକାରଙ୍କ ବିରୋଧରେ ସଚିନ ପାଇଲଟଙ୍କ ସମର୍ଥକମାନେ ବିଦ୍ରୋହ ଘୋଷଣା କରିଥିଲେ। ସ୍ଥିତି ଏପରି ହୋଇଥିଲା ଯେ ସଚିନ ଆଣ୍ଡ କୋ ଦିଲ୍ଲୀରେ ଡେରା ପକାଇଥିଲେ। ଶେଷରେ ଗାନ୍ଧି ପରିବାର ଗେହଲଟ ଓ ପାଇଲଟ କଳିରେ ହସ୍ତକ୍ଷେପ କରି ସବୁ କିଛିକୁ ସମାଧାନ କରିଥିଲେ। ଏହି ସମୟରେ ସଚିନ ପାଇଲଟ ଉଠାଇଥିବା ଦାବି ଗୁଡ଼ିକୁ ପୂରଣ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ଏଥିପାଇଁ କଂଗ୍ରେସ ହାଇକମାଣ୍ଡ ୩ ଜଣିଆ କମିଟି ଗଠନ କରିଥିଲେ। ଏହି କମିଟିର ମତାମତ ଓ ସ୍ଥିତିକୁ ଦେଖି ଏବେ ରାଜସ୍ଥାନ କ୍ୟାବିନେଟକୁ ଅଦଳବଦଳ କରାଯିବ।

## କୃଷି ଆଇନ ପ୍ରତ୍ୟାହାର ନହେବା ଯାଏଁ ଆନ୍ଦୋଳନ ଜାରି ରଖିବାକୁ କହିଲା ଚାଷୀ ସଂଗଠନ



ନୂଆଦିଲ୍ଲୀ,୨୦/୧୧: ୩ଟି ବିବାଦିୟ କୃଷି ଆଇନ ପ୍ରତ୍ୟାହର ହେବା ପରେ ଏହାକୁ ନେଇ ଆରମ୍ଭ ହୋଇଛି ରାଜନୈତିକ ଆରୋପ ପ୍ରତ୍ୟାରୋପ। ଆଇନକୁ ରାଜ୍ୟସଭାରେ ବିରୋଧ କରିଥିବା ବିରୋଧୀ ଦଳ ଗୁଡିକ ଏବେ ବିଜେପିକୁ ଘେରିବାକୁ ଅଂଟା ଭିଡି ସାରିଲେଣି। ସାରାଦେଶରେ କଂଗ୍ରେସ ପାଳନ କରିଛି କିସାନ ବିଜୟ ଦିବସ। ସେପଟେ ଚାଷୀ ନେତା ରାକେଶ ଟିକାୟତ ସ୍ପଷ୍ଟ କହିଛନ୍ତି ଦାବି ପୂରଣ ନହେବା ଯାଏଁ, ଆନ୍ଦୋଳନରୁ ହଟିବାର ପ୍ରଶ୍ନ ଉଠୁନାହିଁ। ପ୍ରଧାନମନ୍ତ୍ରୀ ମୋଦୀ ନୂଆ କୃଷି ଆଇନ ପ୍ରତ୍ୟାହାର ଘୋଷଣା କରିବା ପରେ ଏହି ପ୍ରଶ୍ନ ଏବେ ସମସ୍ତଙ୍କ ମୁହଁରେ। କେନ୍ଦ୍ର ସରକାର କୃଷି ଆଇନ ପ୍ରତ୍ୟାହାର କରିବା ପରେ ପରେ ସମସ୍ତଙ୍କ ନଜର ରହିଥିଲା ଚାଷୀ ନେତା ରାକେଶ ଟିକାୟତଙ୍କ ଉପରେ। ଆଇନ ପ୍ରତ୍ୟାହାର ଦାବିରେ ଅଟଳ ଥିବା ଟିକାୟତଙ୍କ କଣ ରହିବ ଆଭିମୁଖ୍ୟ। ଆଇନ ପ୍ରତ୍ୟାହାର ନେଇ ଖୁସି ପ୍ରକାଶ କଲେ ଚାଷୀ ନେତା, ହେଲେ ସେ ସ୍ପଷ୍ଟ କରିବାକୁ ପଛାଇଲେ ନାହିଁ କି ଆନ୍ଦୋଳନରୁ ଏବେ ହଟିବେନି ଚାଷୀ। କାରଣ ଚାଷୀ ସଂଗଠନର ରହିଛି ଲମ୍ବା ଦାବି। ମୋଦୀ ସରକାର ଆଗରୁ ନିଷ୍ପତି ନେଇଥିଲେ ୭୦୦ରୁ ଅଧିକ ଚାଷୀଙ୍କ ଜୀବନ ରକ୍ଷା ହୋଇଥାନ୍ତା ବୋଲି କହିଛନ୍ତି ଚାଷୀ ନେତା। ଏବେ କେନ୍ଦ୍ର ସରକାର ୩ କୃଷି ଆଇନ ପ୍ରତ୍ୟାହାର ପରେ ଚାଷୀ ସଂଗଠନ ଏହାର ଆଭିମୁଖ୍ୟ ଆହୁରି ଦୃଢ କରିଛି। ଦିଲ୍ଲୀରେ ସର୍ବଭାରତୀୟ କିସାନ ମୋର୍ଚ୍ଚାର ନେତା ବୈଠକ କରିଛନ୍ତି। ▶▶ପୃଷ୍ଠା ୭

## ମାହାଙ୍ଗା ଡବଲ ମର୍ଡର ମାମଲାରେ ପ୍ରତାପ ଜେନାଙ୍କ ପିଏ ଓ ମାହାଙ୍ଗା ବ୍ଲକ ଅଧ୍ୟକ୍ଷଙ୍କ ହେବ କଲ ରେକର୍ଡ ଯାଞ୍ଚ



ଭୁବନେଶ୍ୱର,୨୦/୧୧(ନି.ପ୍ର): ମାହାଙ୍ଗା ଡବଲ ମର୍ଡର ଘଟଣା ପୁଣି ନୂଆ ମୋଡ ନେଇଛି। ମନ୍ତ୍ରୀ ପ୍ରତାପ ଜେନାଙ୍କ ପିଏ ଓ ମାହାଙ୍ଗା ବ୍ଲକ ଚେୟାରମ୍ୟାନଙ୍କ କଲ ରେକର୍ଡର ଯାଞ୍ଚ କରିବାକୁ ଜେଏମଏଫସି କୋର୍ଟ ନିର୍ଦ୍ଦେଶ ଦେବା ପରେ ପୁଣି ଥରେ ଏହି ମାମଲା ଚର୍ଚ୍ଚାକୁ ଫେରିଛି। ମୁଖ୍ୟ ଅଭିଯୁକ୍ତ ମୃତ ପ୍ରଫୁଲ ବିଶ୍ୱାଳଙ୍କୁ କିଏ ଫୋନ୍ କରିଥିଲେ, ତାର ସମ୍ପୂର୍ଣ୍ଣ ତଥ୍ୟ କୋର୍ଟ ମାଗିବା ପରେ ମାମଲା ସନ୍ଦେହ ଭିତରକୁ ଠେଲି ହୋଇଯାଇଛି। କାରଣ ଏହି ମାମଲାରେ ମନ୍ତ୍ରୀ ପ୍ରତାପ ଜେନାଙ୍କ ଭୂମିକା ସନ୍ଦେହ ଘେରରେ ରହିଛି। ପୂର୍ବରୁ ଏଫଆଇଆରରେ ମନ୍ତ୍ରୀଙ୍କ ନାଁ ଥିବା ବେଳେ ପରବର୍ତ୍ତୀ ସମୟରେ କାହିଁକି କଟିଲା, ସେନେଇ ପୁଣି ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ ଜେଏମଏଫସି କୋର୍ଟ। ଅଡୁଆ ବଢ଼ାଉଛି ମାହାଙ୍ଗା ଡବଲ୍ ମର୍ଡର। କଲ୍ ରେକର୍ଡ ଯାଞ୍ଚ ପାଇଁ ପୁଲିସକୁ ନିର୍ଦ୍ଦେଶ। ମାହାଙ୍ଗା ଡବଲ୍ ମର୍ଡର୍ ମାମଲାର ମୁଖ୍ୟ ଅଭିଯୁକ୍ତ ପ୍ରଫୁଲ୍ଲ ବିଶ୍ୱାଳଙ୍କ ଦୁର୍ଘଟଣାରେ ମୃତ୍ୟୁ ହେବା ପ୍ରସଙ୍ଗ ଏବେ ନୂଆ ମୋଡ ନେଇଛି, ଯେତେବେଳେ ମାହାଙ୍ଗା ଜେଏମଏଫସି ତିନି ଜଣ ବ୍ୟକ୍ତିଙ୍କର କଲ୍ ଡିଟେଲ୍ସ ବାହାର କରିବାକୁ ପୁଲିସକୁ ନିର୍ଦ୍ଦେଶ ଦେଇଛନ୍ତି। ବାପି ବିଶ୍ୱାଳ – ମନ୍ତ୍ରୀ ପ୍ରତାପ ଜେନାଙ୍କ ପିଏ। ▶▶ପୃଷ୍ଠା ୭

## କରୋନା କଟକଣା ଭିତରେ ଯାତ୍ରା, ଅପେରା, ଡ୍ରାମା ଓ ମେଲୋଡିକୁ ମିଳିଲା ଅନୁମତି

ଭୁବନେଶ୍ୱର,୨୦/୧୧ (ନି.ପ୍ର): ରାଜ୍ୟ ସରକାର ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଲାଗି ଅନୁମତି ଦେଇଛନ୍ତି। କରୋନା କଟକଣା ଭିତରେ ଯାତ୍ରା, ଅପେରା, ଡ୍ରାମା ଓ ମେଲୋଡି ଆଦି ଆୟୋଜିତ ହୋଇପାରିବ ବୋଲି ସ୍ୱତନ୍ତ୍ର ରିଲିଫ୍ କମିସନରଙ୍କ ପକ୍ଷରୁ ସୂଚନା ଦିଆ ଯିବା ସହ ଏକ ନୂତନ ଗାଇଡଲାଇନ୍ ଜାରି କରାଯାଇଛି। ଏହି ଗାଇଡଲାଇନରେ କୁହା ଯାଇଛି ଯେ ଏସବୁ ଲାଗି ଜିଲ୍ଲାପାଳ, ଆରକ୍ଷୀ ଅଧୀକ୍ଷକ ଓ ପୌର କମିସନରଙ୍କଠାରୁ ▶▶ପୃଷ୍ଠା ୭

## ସିଦ୍ଧୁଙ୍କ 'ବଡ଼ ଭାଇ' ବୟାନକୁ ନେଇ ଘନଉଛି ବିବାଦ



ନୂଆଦିଲ୍ଲୀ,୨୦/୧୧: ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍ ମୋ ବଡ ଭାଇ। କରତାରପୁର କରିଡର ଗସ୍ତ ବେଳେ ପଂଜାବ କଂଗ୍ରେସ ସଭାପତି ନବଜୋତ ସିଂହ ସିଦ୍ଧୁ ଏପରି କହିଛନ୍ତି। ଯାହାକୁ ଏବେ ପ୍ରମୁଖ ପ୍ରସଙ୍ଗ କରି କଂଗ୍ରେସକୁ ଘେରିଛି ବିଜେପି। ଆଗକୁ ପଂଜାବରେ ବିଧାନସଭା ନିର୍ବାଚନ ରହିଛି। ଏପରି ସ୍ଥିତିରେ ସିଦ୍ଧୁଙ୍କ ଏପରି ବୟାନ କଂଗ୍ରେସକୁ ଅଡୁଆରେ ପକାଇପାରେ। ଇମ୍ରାନ୍ ମୋ ବଡ ଭାଇ। ଯେଉଁ ପାକିସ୍ତାନ ଓ ଆତଙ୍କବାଦକୁ ବିଭିନ୍ନ ସମୟରେ ପ୍ରମୁଖ ପ୍ରସଙ୍ଗ କରି ବିଜେପି ବିଭିନ୍ନ ସମୟରେ ନିର୍ବାଚନ ଲଢୁଛି। ଆଉ ଆସନ୍ତାବର୍ଷ ବିଭିନ୍ନ ରାଜ୍ୟରେ ହେବାକୁ ଥିବା ବିଧାନସଭା ନିର୍ବାଚନ ପାଇଁ ପ୍ରଚାର ଆରମ୍ଭ ହୋଇଛି। ସେହି ସମୟରେ ପଂଜାବ କଂଗ୍ରେସ ସଭାପତି ନବଜୋତ ସିଂହ ସିଦ୍ଧୁଙ୍କ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନଙ୍କ ପ୍ରତି ଥିବା ଭାଇଜାନ ପ୍ରୀତି ବିଜେପିକୁ ବେଶ ସୁହାଇଛି। କୃଷି ଆଇନ ପ୍ରତ୍ୟାହାର ଘୋଷଣା ପରେ ବିଜେପି ବ୍ୟାକଫୁଟରେ ରହିଛି। କିନ୍ତୁ ସିଦ୍ଧୁଙ୍କ ଏପରି ବୟାନ ପୁଣିଥରେ କୃଷି ପ୍ରସଙ୍ଗକୁ ପଛକୁ ଠେଲି ଦେବାକୁ ବିଜେପିକୁ ସୁଯୋଗ ଦେଇଛି। ଆଉ ବିଜେପି ପ୍ରେସମିଟ୍ କରି କହିଛ. ଯାହା ଡର ଥିଲା ସେହିଆ ହେଲା। ରାହୁଲ ଗାନ୍ଧୀଙ୍କ ଇଂଗିତରେ ସିଦ୍ଧୁ ଦେଇଛନ୍ତି ଏପରି ବୟାନ। ବିଜେପି ଏହାକୁ ପ୍ରମୁଖ ପ୍ରସଙ୍ଗ କରି ଏବେ କଂଗ୍ରେସକୁ ପାକିସ୍ତାନର ସମର୍ଥକ ବୋଲି କହିବାକୁ ପ୍ରୟାସ ଆରମ୍ଭ କରିଛି। ଆଉ ଏହାକୁ ନେଇ ବିବାଦ ଘନଉଥିବା ଦେଖି ସିଦ୍ଧୁଙ୍କ ସମର୍ଥନରେ ▶▶ପୃଷ୍ଠା ୭

## ଝାରଖଣ୍ଡରେ ନକ୍ସଲମାନଙ୍କ ବନ୍ଦ ସମୟରେ ବିସ୍ଫୋରଣ

### ଲାତେହାରରେ ରେଳଧାରଣା ଉଡ଼ିଲା, ଚକ୍ରଧରପୁରରେ ଉଡ଼ାଇବାର ଚେଷ୍ଟା

ରାଂଚି, ୨୦/୧୧ (ନି.ପ୍ର): ନକ୍ସଲବାଦୀମାନେ ନିଜେ ଭାରତ ବନ୍ଦ ସମୟରେ ଝାରଖଣ୍ଡରେ ଦୁଇ ଜିଲ୍ଲା ଲାତେହାର ଏବଂ ଚାଇବାସାରେ ଚକ୍ରଧରପୁରରେ ରେଳଧାରଣାକୁ ନିଶାନା ବନେଇଛନ୍ତି। ଶନିବାର ମଧ୍ୟରାତ୍ରୀରେ ସେମାନେ ଏକ ଜାଗା ରେଳଧାରଣା ଉଡ଼ାଇବାରେ ସଫଳ ହୋଇଛନ୍ତି, ଯେବେ ଦ୍ୱିତୀୟ ଜାଗା ତାଙ୍କର ଷଡ଼ଯନ୍ତ୍ର ଅସଫଳ ରହିଲା। ତେବେ ଏହି କାରଣରୁ ଦୁଇ ରେଳ ମଣ୍ଡଳର ୨୪ରୁ ଅଧିକ ଟ୍ରେନର ପରିଚାଳନା ପ୍ରଭାବିତ ହୋଇଛି। ନକ୍ସଲଙ୍କ ବନ୍ଦକୁ ଦେଖି ରାଜ୍ୟ ପୋଲିସ୍ ହାଇ ଆଲର୍ଟରେ ଅଛନ୍ତି। ଉଲ୍ଲେଖନୀୟ ଯେ ଭାକପା ମାଓବାଦୀର ଇଷ୍ଟର୍ଣ୍ଣ ରେଜିଓନାଲ ବ୍ୟୁରୋ କମିଟିର ସଚିବ ପ୍ରଶାନ୍ତ ବୋଷ, ତାଙ୍କ ପତ୍ନୀ କେନ୍ଦ୍ରୀୟ କମିଟି ସଦସ୍ୟ ଶୀଲା ମରାଣ୍ଡି ସହିତ ଛଅ ନକ୍ସଲଙ୍କ ଗିରଫ ବିରୋଧରେ ଶନିବାରରୁ ନକ୍ସଲବାଦୀମାନେ ୨୪ ଘଂଟାର ଭାରତ ବନ୍ଦ ଡାକରା କରିଛନ୍ତି। ନକ୍ସଲବାଦୀମାନେ ବନ୍ଦ ସମୟରେ ଶୁକ୍ରବାର ମଧ୍ୟରାତ୍ରୀ ଲାତେହାର ଟୋରି ରେଳମଣ୍ଡଳରେ ରିଚୁଘୁଟା-ଡେମୁ ଷ୍ଟେସନ ମଧ୍ୟରେ ରେଳଧାରଣାକୁ ଉଡ଼ାଇ ଦେଇଛନ୍ତି। ବମ୍ବ୍ଲାଷ୍ଟରେ ରେଲୱେ ଟ୍ରଲି କ୍ଷତିଗ୍ରସ୍ତ ହୋଇଛି। ସେଠାରେ ଅପ୍ ଏବଂ ଡାଉନ୍ ରେଲୱେ ଟ୍ରାକର କ୍ଷତି ପହଂଚାଇବାରେ କେତେକ ଟ୍ରେନ୍‌ର ରୁଟ୍ ଡାଇଭର୍ଟ କରାଯାଇଛି। କିଛି ଟ୍ରେନ୍‌କୁ କୌସିଲ ମଧ୍ୟ କରାଯାଇଛି। ରେଲୱେ ଏବଂ ଜିଲ୍ଲା ପୋଲିସ୍ ମାମଲାର ଯାଂଚ ଆରମ୍ଭ କରିଦେଇଛି। ଦୁଇ ଟ୍ରାକ୍‌ର ଧାରଣାକୁ ଦୁରୁସ୍ତ କରି ରେଳ ପରିଚାଳନା ଆରମ୍ଭ କରିବାର ଚେଷ୍ଟା ଜାରି ରହିଛି।

## ମନି ଲଣ୍ଡରିଂ : ଶିବସେନା ସାଂସଦ ଭାବନା ଗାଓ୍ୱଲୀଙ୍କୁ ଇଡ଼ିର ନୋଟିସ

ମୁମ୍ବାଇ,୨୦/୧୧ (ନି.ପ୍ର): ୱାଶିମ୍ ଜିଲ୍ଲାରେ ଅବସ୍ଥିତ ବାଣିଜ୍ୟିକ ଏବଂ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ଆର୍ଥିକ ଅନିୟମିତତା ସମ୍ପର୍କରେ ପଚରାଉଚୁରା ପାଇଁ ପ୍ରବର୍ତନ ନିର୍ଦ୍ଦେଶାଳୟ (ଇଡ଼ି) ଶନିବାର ଯବତମାଳ-ୱାଶିମ ଲୋକସଭା ନିର୍ବାଚନ ମଣ୍ଡଳୀରୁ ଶିବସେନା ସାଂସଦଙ୍କୁ ସମନ ଜାରି କରିଛନ୍ତି। ଗାଓଲୀଙ୍କୁ ୨୪ ନଭେମ୍ବରକୁ ପଚରା ଉଚୁରା ପାଇଁ ଇଡ଼ି ମୁମ୍ବାଇସ୍ଥିତ କାର୍ଯ୍ୟାଳୟରେ ଉପସ୍ଥିତ ରହିବା ପାଇଁ କୁହାଯାଇଛି। ମନି ଲଣ୍ଡରିଂ ଏଙ୍ଗେଲରୁ ଅନୁସନ୍ଧାନକାରୀ ସଂସ୍ଥା ଏହି ମାମଲା ଯାଂଚ କରୁଛି। ସୂତ୍ରରୁ ପ୍ରକାଶ ଯେ, ସାଂସଦ ଗାଓଲିଙ୍କ ଶିକ୍ଷାଗତ ତଥା ବାଣିଜ୍ୟିକ ଅନୁଷ୍ଠାନରେ କୋଟି କୋଟି ଟଙ୍କା ଆର୍ଥିକ ଅନିୟମିତତା ସମ୍ପର୍କରେ ବିଜେପି ରାଜ୍ୟ ଉପାଧ୍ୟକ୍ଷ ଡକ୍ଟର କିରିଟ ସୋମେୟା ଅଭିଯୋଗ କରିଛନ୍ତି। ଏହାକୁ ଆଧାର କରି ଇଡ଼ି ୱାଶିମରେ ଭାବନା ଗାଓଲୀଙ୍କ ବ୍ୟବସାୟ ତଥା ଶିକ୍ଷାନୁଷ୍ଠାନ ଉପରେ ଚଢ଼ାଉ କରି ତାଙ୍କ ସହାୟକ ସୟିଦଙ୍କୁ ଗିରଫ କରିଥିଲା। ସାଂସଦ ଗାଓଲିଙ୍କ ସହକାରୀ ସୟିଦ ବର୍ତମାନ ନ୍ୟାୟିକ ହେପାଜତରେ ଅଛନ୍ତି।

## ଉତ୍ତର-ପୂର୍ବ ଶିକ୍ଷା ସମ୍ମିଳନୀ ୨୦୨୧କୁ ଉଦ୍‌ଘାଟନ କଲେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ



ଗୌହ୍ୱାଟି/ଭୁବନେଶ୍ୱର,୨୦/୧୧ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦିଗ୍‌ଦର୍ଶନରେ ସମଗ୍ର ଭାରତବର୍ଷରେ ଶିକ୍ଷା ବ୍ୟବସ୍ଥାରେ ସମାନତା ଆଣିବା ପାଇଁ ଏକ ସ୍ୱତନ୍ତ୍ର ଶିକ୍ଷା ଜୋନ ଗଠନ କରିବା ପାଇଁ ଆମେ ରୋଡମ୍ୟାପ ପ୍ରସ୍ତୁତ କରୁଛୁ ବୋଲି ଶନିବାର ଆସାମର ଗୌହ୍ୱାଟୀ ଠାରେ ଆୟୋଜିତ ଉତର-ପୂର୍ବ ଶିକ୍ଷା ସମ୍ମିଳନୀ ୨୦୨୧କୁ ଉଦଘାଟନ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶ୍ରୀ ପ୍ରଧାନ କହିଛନ୍ତି ଯେ ଭାରତର ଶିକ୍ଷା ଦୃଶ୍ୟପଟ୍ଟରେ ନୂଆ ଜାତୀୟ ଶିକ୍ଷା ନୀତି -୨୦୨୦ ଶିକ୍ଷା କ୍ଷେତ୍ରରେ ଏକ ପରିବର୍ତନର ଲକ୍ଷ୍ୟକୁ ନେଇ ଆଗକୁ ବଢୁଛି। ଉତର-ପୂର୍ବରେ ରାଷ୍ଟ୍ରୀୟ ଶିକ୍ଷା ନୀତିକୁ ଶୀଘ୍ର କାର୍ଯ୍ୟକାରୀ କରିବା ପାଇଁ ବିଭିନ୍ନ ଦିଗ ଉପରେ ବିଚାର କରାଯାଉଛି। ନୂଆ ଶିକ୍ଷା ନୀତିରେ ଛାତ୍ରଛାତ୍ରୀମାନେ ବୃହତ ଲାଭାର୍ଥୀ ହେବେ। ପ୍ରାଥମିକ ଶିକ୍ଷା ସମୟରୁ ଛାତ୍ରଛାତ୍ରୀମାନଙ୍କୁ ସଠିକ୍ ଶିକ୍ଷା ଦେବା ସହ ଏକବିଂଶ ଶତାବ୍ଦୀରେ ଜ୍ଞାନ ଓ କୌଶଳ ସହିତ ପ୍ରସ୍ତୁତ କରିବା ସହ ଯୁବପିଢି ମାନଙ୍କୁ ବୈଶ୍ୱିକ ନାଗରିକ ପାଇଁ ପ୍ରସ୍ତୁତ କରିବାକୁ ଜାତୀୟ ଶିକ୍ଷା ନୀତି ପ୍ରାଧାନ୍ୟ ଦେଉଅଛି। ଜାତୀୟ ଶିକ୍ଷା ନୀତି ଭାରତୀୟ ଜ୍ଞାନ ପଦ୍ଧତି, ଆଂଚଳିକ ଭାଷା, କଳା ଏବଂ ସଂସ୍କୃତିକୁ ଏକତ୍ରୀକରଣ କରିବାରେ ଏକ ଜାଗରଣ ସୃଷ୍ଟି କରିବା ସହିତ ଆମର ବିବିଧତା ଓ ସଭ୍ୟତାକୁ ଉତ୍ସବମୁଖର କରିବା। ଉତର-ପୂର୍ବାଂଚଳ ଭାଷାର ବିବିଧତା ଠାରୁ ବଡ଼ ସାକ୍ଷୀ କେହି ହୋଇପାରିବେ ନାହିଁ। ଏହି ଉତର-ପୂର୍ବାଂଚଳରେ ପ୍ରାୟ ୧୮୦ଟି ଭାଷାଭାଷୀ କହୁଥିବା ଜନଜାତି ବସବାସ କରନ୍ତି। ▶▶ପୃଷ୍ଠା ୭

## ଯୁକ୍ତ ଦୁଇ ଅଫଲାଇନ୍ ପରୀକ୍ଷାଫଳ ପ୍ରକାଶିତ : ୬୮.୬୬ ପ୍ରତିଶତ ପାସ

ଭୁବନେଶ୍ୱର, ୨୦/୧୧ (ନି.ପ୍ର): ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଯୁକ୍ତ ଦୁଇ ଅଫଲାଇନ୍ ପରୀକ୍ଷାଫଳ ପ୍ରକାଶ ପାଇଛି। ପରିଷଦ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଏହି ପରୀକ୍ଷାରେ ୬୮.୬୬ ପ୍ରତିଶତ ପାସହାର ରହିଛି। ଏଥିରେ ମୋଟ ୧୨,୩୨୧ ଜଣ ଛାତ୍ରଛାତ୍ରୀ ଏହି ପରୀକ୍ଷା ଦେଇଥିବାବେଳେ ସେଥିମଧ୍ୟରୁ ୮୪୬୦ ଜଣ ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ତେବେ ଏହି ପରୀକ୍ଷାରେ ଛାତ୍ରଙ୍କ ତୁଳନାରେ ଛାତ୍ରୀମାନଙ୍କର ପ୍ରଦର୍ଶନ ଭଲ ରହଥିବା ଜଣା ପଡିଛି। କଳାରେ ୬୩୧୦ ଜଣ ଛାତ୍ରଛାତ୍ରୀ ପାସ କରିଥିବା ବେଳେ ବିଜ୍ଞାନରେ ୧୫୦୧, ବାଣିଜ୍ୟରେ ୪୨୨ ଏବଂ ଧନ୍ଦାମୂଳକ ଶିକ୍ଷାରେ ୨୨୭ ଜଣ ଛାତ୍ରଛାତ୍ରୀ ପାସ୍ କରିଛନ୍ତି। ପରୀକ୍ଷାରେ ଛାତ୍ରମାନଙ୍କ ପାସହାର ୬୨.୭ ପ୍ରତିଶତ ରହିଥିବାବେଳେ ଛାତ୍ରୀମାନଙ୍କର ପାସହାର ୬୭.୭୬ ପ୍ରତିଶତ ରହିଛି। ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ପୂର୍ବାହ୍ନ ୧୧ଟାରେ ଫଳ ପ୍ରକାଶ କରାଯାଇଛି। ପରୀକ୍ଷାର୍ଥୀମାନେ ୱେବ୍‌ସାଇଟ୍‌ରୁ ସେମାନଙ୍କ ରେଜଲ୍ଟ ଜାଣିପାରିବେ। ଯୁକ୍ତ-୨ କଳାରେ ପ୍ରଥମ ଶ୍ରେଣୀରେ ୫୪୬, ଦ୍ୱିତୀୟ ଶ୍ରେଣୀରେ ୩୪୪ ଏବଂ ତୃତୀୟ ଶ୍ରେଣୀରେ ୨୬୯୬ ଜଣ ଛାତ୍ର ପାସ୍ କରିଥିବାବେଳେ ଛାତ୍ରୀଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୪୧୭, ଦ୍ୱିତୀୟ ଶ୍ରେଣୀରେ ୨୬୮ ଏବଂ ତୃତୀୟ ଶ୍ରେଣୀରେ ୨୦୩୯ ଜଣ କୃତକାର୍ଯ୍ୟ ହୋଇଛନ୍ତି। ଯୁକ୍ତ-୨ ବାଣିଜ୍ୟରେ ପ୍ରଥମ ଶ୍ରେଣୀରେ ୭୩, ଦ୍ୱିତୀୟ ଶ୍ରେଣୀରେ ୩୫ ଏବଂ ତୃତୀୟ ଶ୍ରେଣୀରେ ୧୭୯ ଜଣ ଛାତ୍ର ଉତ୍ତୀର୍ଣ୍ଣ ହୋଇଥିବାବେଳେ ଛାତ୍ରୀମାନଙ୍କ ମଧ୍ୟରେ ପ୍ରଥମ ଶ୍ରେଣୀରେ ୨୯ ଜଣ, ଦ୍ୱିତୀୟ ଶ୍ରେଣୀରେ ୧୫ ଜଣ ଏବଂ ତୃତୀୟ ▶▶ପୃଷ୍ଠା ୭

## ଗାଡିର ସ୍ପିଡ୍ ଲିମିଟ୍ ଧାର୍ଯ୍ୟ କଲେ ସରକାର



ଭୁବନେଶ୍ୱର, ୨୦/୧୧ (ନି.ପ୍ର): ଗାଡିର ବେଗ ଧାର୍ଯ୍ୟ କରିଛନ୍ତି ରାଜ୍ୟ ସରକାର। ଦୁର୍ଘଟଣା ସଂଖ୍ୟା କମାଇବାକୁ ରାଜ୍ୟ ପରିବହନ କର୍ତ୍ତୃପକ୍ଷ କେଉଁ ରାସ୍ତାରେ ଘଂଟା ପ୍ରତି କେତେ ସ୍ପିଡରେ ଗାଡ଼ି ଚଳାଇ ପାରିବେ ସେ ନେଇ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ବିଜ୍ଞପ୍ତି ଅନୁଯାୟୀ ଡ୍ରାଇଭର ବ୍ୟତୀତ ୮ ଜଣରୁ କମ ପରିବହନ କ୍ଷମତା ଥିବା ଗାଡ଼ି ୪ ଥାକିଆ ରାସ୍ତାରେ ଘଂଟାପ୍ରତି ସର୍ବାଧିକ ୧୦୦ କିଲୋମିଟର ବେଗରେ ଯାଇ ପାରିବ। ସେହିଭଳି ପୌରାଂଚଳ ଦେଇ ଯାଇଥିବା ଜାତୀୟ କିମ୍ବା ରାଜ୍ୟ ରାଜପଥରେ ଘଂଟାପ୍ରତି ସର୍ବାଧିକ ୫୦ କିଲୋମିଟର ଏବଂ ଅନ୍ୟ ଜାତୀୟ ଓ ରାଜ୍ୟ ରାଜପଥରେ ଘଂଟାପ୍ରତି ସର୍ବାଧିକ ୬୦ କିଲୋମିଟର ବେଗରେ ଯାତ୍ରା କରି ପାରିବ। ଯାତ୍ରୀ ପରିବହନ ପାଇଁ ବ୍ୟବହୃତ ୮ ଜଣରୁ କମ ପରିବହନ କ୍ଷମତା ଥିବା ଗାଡ଼ି ୪ ଥାକିଆ ରାସ୍ତାରେ ଘଂଟାପ୍ରତି ସର୍ବାଧିକ ୮୦ କିଲୋମିଟର ବେଗରେ ଯାଇ ପାରିବ। ସେହିଭଳି ପୌରାଂଚଳ ଦେଇ ଯାଇଥିବା ଜାତୀୟ କିମ୍ବା ରାଜ୍ୟ ରାଜପଥରେ ଘଂଟାପ୍ରତି ସର୍ବାଧିକ ୫୦ କିଲୋମିଟର ଏବଂ ଅନ୍ୟ ଜାତୀୟ ଓ ରାଜ୍ୟ ରାଜପଥରେ ଘଂଟାପ୍ରତି ସର୍ବାଧିକ ୬୦ କିଲୋମିଟର ▶▶ପୃଷ୍ଠା ୭

# ଜିଲ୍ଲା କଂଗ୍ରେସ ପକ୍ଷରୁ ଇନ୍ଦିରା ଗାନ୍ଧୀ ଜୟନ୍ତୀ



ବାଲେଶ୍ୱର,୨୦/୧୧ (ନି.ପ୍ର): ବାଲେଶ୍ୱର ଜିଲା କଂଗ୍ରେସ ପକ୍ଷରୁ ଦେଶର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ସ୍ୱର୍ଗୀୟ ଇନ୍ଦିରା ଗାନ୍ଧୀଙ୍କ୧୦୪ତମ ଜୟନ୍ତୀ ସ୍ଥାନୀୟ ଦଳୀୟ କାର୍ଯ୍ୟାଳୟରେ ଶୁକ୍ରବାର ପାଳିତ ହୋଇଯାଇଛି। ପ୍ରଦେଶ କଂଗ୍ରେସ କମିଟି ସମ୍ପାଦିକା ଅର୍ଚ୍ଚନା ନନ୍ଦୀ ଏଥିରେ ସଭାପତିତ୍ୱ କରିଥିଲେ। ସ୍ୱର୍ଗତା ଗାନ୍ଧୀଙ୍କ ଫଟୋଚିତ୍ରରେ ସହ ଉପସ୍ଥିତ କଂଗ୍ରେସ ନେତା ଓ କର୍ମୀମାନେ ପୁଷ୍ପ ଅର୍ପଣ କରିଥିଲେ। ବାଲେଶ୍ୱର ସଂସଦୀୟ କ୍ଷେତ୍ର କଂଗ୍ରେସ ନେତା ନବଜ୍ୟୋତି ପଟ୍ଟନାୟକଏଥିରେ ଯୋଗଦେଇ ସ୍ୱର୍ଗତା ଗାନ୍ଧୀଙ୍କ ନୀତି ଆଦର୍ଶ ଓ ନାଗରିକ ଅଧିକାର ସୁରକ୍ଷା କ୍ଷେତ୍ରରେ ତାଙ୍କର ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ଦେଶର ଦଳିତ, ଗରିବ ଓ ଖଟିଖିଆ ଲୋକଙ୍କ ସ୍ୱାର୍ଥ ରକ୍ଷା ପାଇଁ ସେ ବହୁ ଯୋଜନା କରିଥିବା ବେଳେ ତତ୍କାଳୀନ ବିରୋଧୀ ଦଳର ନେତା ତାଙ୍କୁ ସଂସଦରେ 'ମା ଦୁର୍ଗା' ଭାବେ ଅଭିହିତ କରିବାକୁ ସାଂସଦମାନେ ପଛାଇ ନଥିଲେ ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ। ତାଙ୍କର ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହେବାକୁ ସେ ଆହ୍ୱାନ ଦେଇଥିଲେ। ପୂର୍ବତନ ବିଧାୟକ ବରିଷ୍ଠ କଂଗ୍ରେସ ନେତା ଗୋପନାରାୟଣ ଦାସ ଏଥିରେ ଯୋଗ ଦେଇ ଇନ୍ଦିରା ଗାନ୍ଧୀ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ପ୍ରତିଷ୍ଠା କରି ସାଧାରଣ ଚାଷୀ, ଗରିବ ଲୋକଙ୍କୁ ସହଜରେ ଋଣ ପ୍ରଦାନର ବ୍ୟବସ୍ଥା କରିଥିଲେ ବୋଲି କହିଥିଲେ। ମାତ୍ର ସାମ୍ପ୍ରତିକ ମୋଦି ସରକାର ଚାଷୀଙ୍କ ସ୍ୱାର୍ଥରକ୍ଷା ପରିବର୍ତ୍ତେ କଳା କୃଷି ଆଇନ କରିବାକୁ ଉଚିତ ମଣିଲେ। ଶେଷରେ ଚାଷୀଙ୍କ ତୀବ୍ର ବିରୋଧରୁ ଏହି ଆଇନ ପ୍ରତ୍ୟାହାର କରିବାକୁ ବାଧ ହୋଇଥିବା ଶ୍ରୀ ଦାସ କହିଥିଲେ। ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ପ୍ରଜ୍ଞାପାରାମିତା ମହାନ୍ତି, ଜିଲା ଯୁବ କଂଗ୍ରେସ ସଭାପତି ରଞ୍ଜନ ଦାସ, ଆଇଏନଟିୟୁସି ଜିଲା ସଭାପତି ବିକାଶ ଦାସ, ଛାତ୍ର କଂଗ୍ରେସ ସଭାପତି ଗୌତମ ସାହୁ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଇନ୍ଦିରା ଗାନ୍ଧୀଙ୍କ ଗୁଣାବଳୀ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ଦେବଦତ୍ତ ଦାସ, ସମ୍ପାଦକ ସରୋଜ ମହାନ୍ତି, ଛାତ୍ର କଂଗ୍ରେସ ଉପ-ସଭାପତି ଜୀବନ ମହାପାତ୍ର, ସାଧାରଣ ସମ୍ପାଦକ ରାଧାକାନ୍ତ ସାହୁ, ପ୍ରଦୀପ୍ତ କୁମାର ନାୟକ, ନବପ୍ରସାଦ ଭୂୟାଁ ରତିକାନ୍ତ ଜେନା, ସୁଧାଂଶୁ ବେହେରା, ସେଖ ୟୁନୁସ, ରଣବୀର ଦାସ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ। ଜିଲା ସମ୍ପାଦକ ପଶୁପତି ଉପାଧ୍ୟାୟ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଜରାନିବାସ ଅନ୍ତେବାସୀଙ୍କୁ ଶୀତ ବସ୍ତ୍ର ବଣ୍ଟନ




ପାରାଦୀପ,୨୦/୧୧ (ନି.ପ୍ର): ଶୀତ ଦିନରେ ସମସ୍ତଙ୍କର ଶୀତ ବସ୍ତ୍ରର ଆବଶ୍ୟକତା ଥାଏ । ଗୃହଶୂନ୍ୟ, ମାନସିକ ବିକାରଗ୍ରସ୍ତ ତଥା ଜରା ନିବାସର ଅନ୍ତେବାସୀମାନେ ଶୀତ ଦିନର ହାଡଭଙ୍ଗା ଶୀତରେ କାଳାତିପାତ କରିଥାନ୍ତି । ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ମନସା ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ଜରାନିବାସରେ ସମୟ ଅତିବାହିତ କରୁଥିବା ଅନ୍ତେବାସୀମାନଙ୍କୁ ଶୀତବସ୍ତ୍ର ପ୍ରଦାନ କରାଯିବାର ଯୋଜନା କରାଯାଇଥିଲା । ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଟ୍ରଷ୍ଟର ସ୍ୱେଚ୍ଛାସେବୀ ମାନେ ଏହାର ଅଧ୍ୟକ୍ଷ ମୃତ୍ୟୁଂଜୟ ମିଶ୍ରଙ୍କ ଦିଗ୍‌ଦର୍ଶନରେ ପାରାଦୀପ ଦୋଛକି ନିକଟସ୍ଥ ସାଇ ଓ ରାମ ଜରାନିବାସରେ ପହଂଚିଥିଲେ । ପାରାଦୀପ ଲେଡିଜ୍ କ୍ଲବ୍‌ର ସଭାନେତ୍ରୀ ପି.ଗିରିଜା ସୁନ୍ଦରୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ଜରାନିବାସର ଅନ୍ତେବାସୀଙ୍କୁ ଶୀତବସ୍ତ୍ର ପ୍ରଦାନ କରିଥିଲେ । ଆଗାମୀ ଦିନରେ ବିଭିନ୍ନ ସ୍ଥାନରେ ରହୁଥିବା ଗୃହଶୂନ୍ୟ, ମାନସିକ ବିକାରଗ୍ରସ୍ତ ତଥା ଜରା ନିବାସର ଅନ୍ତେବାସୀମାନଙ୍କୁ ଶୀତବସ୍ତ୍ର ପ୍ରଦାନ କରିବାର ଲକ୍ଷ୍ୟ ରହିଛି ବୋଲି ଟ୍ରଷ୍ଟର ଅଧ୍ୟକ୍ଷ ଶ୍ରୀ ମିଶ୍ର ସୂଚନା ଦେଇଛନ୍ତି ।

## ୩ ବର୍ଷର ନାବାଳକ ପୋଖରୀରେ ପଡି ମୃତ

ଜଳେଶ୍ୱର ,୨୦/୧୧ (ନି.ପ୍ର): ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକର ପାଇକସିଦା ପଂଚାୟତ ଅଧିନ ତାଳଗଛିଆ ଗାଁର ପରେଶ ବେହେରାଙ୍କ ୩ବର୍ଷର ପୁଅ ଆଜି ପୋଖରୀ ପାଣିରେ ପଡି ମୃତ୍ୟୁବରଣ କରିଛି । ଘଟଣାରୁ ପ୍ରକାଶ ଗାଁ ଦାଣ୍ଡରେ ଖେଳୁଥିବା ବେଳେ ନିକଟରେ ଥିବା ଅସାବଧାନତା ବସତଃ ଏକ ପୋଖରୀରେ ଖସିପଡିଥିଲା । ନିକଟରେ କେହି ନଥିବାରୁ ଏ ସମ୍ପର୍କରେ କେହ ଜାଣି ପାରିନଥିଲେ । ତାର ମା କିଛି ସମୟପରେ ଖୋଜାଖୋଜି କଲାପରେ ପୋଖରୀରେ ଭାସୁଥିବାର କେହି ଦେଖି ସଂଗେ ସଂଗେ ଜିକେଭଟ୍ଟର ହସ୍‌ପିଟାଲକୁ ଆଣିଥିଲେ । ମାତ୍ର ସେଠାରେ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ । ଫଳରେ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳି ଯାଇଛି ।

# ବ୍ୟାସକବି ନଗରରେ ରଙ୍ଗୋଲି ପ୍ରତିଯୋଗିତା



ବାଲେଶ୍ୱର,୨୦/୧୧ (ନି.ପ୍ର): କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ବ୍ୟାସକବି ନଗର ବିକାଶ ପରିଷଦ ପକ୍ଷରୁ ରଙ୍ଗୋଲି ପ୍ରତିଯୋଗିତା ଶୁକ୍ରବାର ସକାଳେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସରକାରଙ୍କ କୋଭିଡ କଟକଣା ଅନୁସାରେ ସାମାଜିକ ଦୂରତାରକ୍ଷା ସହ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ସଦର ବିଧାୟକ ସ୍ୱରୂପ ଦାସ, ସମାଜସେବୀ ଅନ୍ତର୍ଯ୍ୟାମୀ ପ୍ରଧାନ, ଲକ୍ଷ୍ମୀଧର ବେହେରା ଓ ଶ୍ରଦ୍ଧାଞ୍ଜଳି ରାୟଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଏଥିରେ ଯୋଗଦେଇ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ । କାର୍ତ୍ତିକ ମାସରେ ପ୍ରତ୍ୟେକ ଓଡିଆଙ୍କ ଘରେ ତୁଳସୀ ଚୌରାରେ ରଙ୍ଗୋଲି ବା ମୁରୁଜ ପକାଯାଉଥିବା ବେଳେ ଏହି ପରମ୍ପରାକୁ ଉଦଜୀବିତ ରଖିବା ପାଇଁ ପ୍ରତିବର୍ଷ ପ୍ରତିଯୋଗିତା କରାଯାଉଛି ବୋଲି ଆୟୋଜକମାନେ କହିଥିଲେ । ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ବାଳିକା, ଯୁବତୀ ଓ ମହିଳାଙ୍କ ମଧ୍ୟରେ ବେଶ ଉତ୍ସାହ ପରିଲକ୍ଷିତ ହୋଇଥିଲା । ବ୍ୟାସକବି ନଗର ସମେତ ସହରର ବିଭିନ୍ନ ଅଞ୍ଚଳରୁ ବହୁ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ । ପରମ୍ପରା ରକ୍ଷା ସହ ନିଜର କଳା ନୈପୁଣ୍ୟ ପ୍ରଦର୍ଶନ କରିବାର ଏହି ପ୍ରତିଯୋଗିତା ଏକ ସୁନ୍ଦର ପ୍ଲାଟଫର୍ମ ହୋଇପାରିଛି ବୋଲି ପ୍ରତିଯୋଗୀମାନେ କହିଥିଲେ । ଆସନ୍ତା ଜାନୁଆରୀ ମାସ ୧୪ ତାରିଖ ଫକୀର ମୋହନ ସେନାପତିଙ୍କ ଜୟନ୍ତୀରେ ବ୍ୟାସକବି ନଗର ବିକାଶ ପରିଷଦର ବାର୍ଷିକ ଉତ୍ସବରେ କୃତୀ ପ୍ରତିଯେଗୀଙ୍କୁ ପୁରସ୍କୃତ କରାଯିବ ବୋଲି ଆୟୋଜକ କମିଟି ପକ୍ଷରୁ ସୂଚନା ଦିଆଯାଇଛି । ବିଚାରକ ଭାବେ ଅର୍ଚ୍ଚନା ନନ୍ଦୀ, ଟିଙ୍କି ରଥ ଓ ସୁକାନ୍ତି ଦେବଗୋସ୍ୱାମୀ ଦାୟିତ୍ୱ ତୁଲାଇଥିଲେ ।ଏହି ପ୍ରତି ଯୋଗିତାରେ ସୁଚିସ୍ମିତା ପାତ୍ର ପ୍ରଥମ ତନୁଜା ଜେନା ଦ୍ୱିତୀୟ, ମୀନାକ୍ଷୀ ଗଙ୍ଗେଇ ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ ମଧୁସ୍ମିତା ପାତ୍ରଙ୍କୁ ଚତୁର୍ଥ ଶ୍ରେଷ୍ଠ ପ୍ରତିଯୋଗୀ ଭାବେ ଚୟନ କରାଯାଇଛି । ପରିଷଦର ସଭାପତି ରଞ୍ଜନ କୁମାର ଭୋଇ, ସମ୍ପାଦକ ନରେନ୍ଦ୍ର କୁମାର ସ୍ୱାଇଁଙ୍କ ସମେତ ଗୋରାଙ୍ଗ ପାଣିଗ୍ରାହୀ, ଡମ୍ବରୁଧର ପ୍ରଧାନ, ଜିତେନ୍ଦ୍ର ଉପାଧ୍ୟାୟ, ଭଗବାନ ମୋହନୀ, ସରସ୍ୱତୀ ପଣ୍ଡା, ସରସ୍ୱତୀ ଜେନା, ଶମ୍ଭୁ ସିଂ ପ୍ରମୁଖ ପରିଷଦର କର୍ମକର୍ତ୍ତାମାନେ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ ।

# ନିରାଡମ୍ବରରେ ସରିଲା ଶୂନ୍ୟମଣ୍ଡପ ପଞ୍ଝୁକ ମେଳା



ଖଇରା,୨୦/୧୧ (ନି.ପ୍ର): ୫ଶହରୁ ଉର୍ଦ୍ଧ କାଳ ଧରି ଲୋକଙ୍କ ଆସ୍ଥା ଓ ବିଶ୍ୱାସର ପ୍ରତିକ ସାଜିଥିବା ବାଲେଶ୍ୱର ଜିଲା ଖଇରା ବ୍ଲକର କୁପାରୀ ପର୍ଯ୍ୟଟନ କ୍ଷେତ୍ରର ପ୍ରମୁଖ ପୀଠ ଶୁନ୍ୟ ମଣ୍ଡପରେ ପଞ୍ଝୁକ ମେଳା ଓ କାର୍ତ୍ତୀକ ପୂର୍ଣ୍ଣମୀ ନିରାଡମ୍ବରରେ ପାଳିତ ହୋଇ ଯାଇଛି । ପୋଲିସ ର କଟକଣା ସତ୍ୱେ ଶ୍ରଦ୍ଧାଳୁ ମାନେ ବହୁ ସଂଖ୍ୟାରେ ଧାଡିରେ ଆସି ଶୁନ୍ୟବ୍ରହ୍ମଙ୍କ ଦର୍ଶନ କରିବା ସହ ଦିବଂଗତ ପ୍ରଭାକର ବାବାଙ୍କ ପ୍ରତିମୁର୍ତ୍ତୀ,ପାଦୁକା କୁଣ୍ଡ,ସାଧନା ମନ୍ଦିର,ବ୍ରହ୍ମ ମଣ୍ଡପ ଇତ୍ୟାଦି ଦର୍ଶନ କରିଥିଲେ । ବର୍ତ୍ତମାନର ସଞ୍ଚାଳକ ରାଜା ବାବାଙ୍କ ନିକଟରୁ ପାଦୁକା ଗ୍ରହଣ କରିଥିଲେ । ମୟୁରଭଞ୍ଜ,ବାଲେଶ୍ୱର,କେନ୍ଦୁଝର ଓ ଭଦ୍ରକ ଜିଲାର ବିଭିନ୍ନ ପ୍ରାନ୍ତରୁ ଶ୍ରଦ୍ଧାଳୁ ମାନେ ପୁଷ୍ପାଞ୍ଜଳୀ ପ୍ରଦାନ କରିଥିଲେ । ପଣ୍ଡିତ ବ୍ରାହ୍ମଣ ମାନଙ୍କ ଦ୍ୱାରା ଯଜ୍ଞ କର୍ମ ସହ ଗୀତା ଭାଗବତ ପାଠ କରାଯାଇଥିଲା । ପରିଚାଳନା କମିଟିର ସମ୍ପାଦକ କ୍ଷୀରୋଦ କୁମାର ମହାପାତ୍ର, ପ୍ରାକ୍ତନ ସମ୍ପାଦକ ଶରତ କୁମାର ବିଶ୍ୱାଳ, ରତ୍ନାକର ସେଣ୍ଠ, ଭଗବାନ ସାହୁ,ବିରେନ୍ଦ୍ର ଜେନା ପ୍ରମୁଖ ମେଳା ପରିଚାଳନାରେ ସହଯୋଗ କରିଥିଲେ ।

# ପାରାଦୀପ ବନ୍ଦର ପକ୍ଷରୁ ବୋଇତ ବନ୍ଦାଣ ଓ ବନ୍ଦର ଦିବସ ପାଳିତ



ପାରାଦୀପ,୨୦/୧୧ (ନି.ପ୍ର): ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ଶୁକ୍ରବାର ଦିନ ପବିତ୍ର କାର୍ତ୍ତୀକ ପୂର୍ଣ୍ଣିମା ଅବସରରେ ବୋଇତ ବନ୍ଦାଣ ଓ ବନ୍ଦର ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ବନ୍ଦର ମେରାଇନ୍ ସାଇଟ୍ ଅଫିସ୍ ଠାରେ ଏକ ଭବ୍ୟ ସମାରୋହ କୋଭିଡ୍ ନିୟମାବଳୀ ପାଳନ ସହିତ ଆୟୋଜିତ ହୋଇଥିଲା । ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ବନ୍ଦରର ଅଧ୍ୟକ୍ଷ ପି.ଏଲ୍.ହାରାନାଦ୍ ଯୋଗ ଦେଇ ବନ୍ଦର ପତାକା ଉତ୍ତୋଳନ କରିଥିଲେ । ଏହା ପରେ ପୂଜା ହୋମରେ ଯୋଗ ଦେଇ ପବିତ୍ର କଳସ ସାତ ସାଧବଙ୍କୁ ପ୍ରଦାନ କରିଥିଲେ। ବୋଇତ ବନ୍ଦାଣ ପରେ ମୁଖ୍ୟ ଅତିଥି ପତାକା ଦେଖାଇ ବୋଇତ ଯାତ୍ରାର ଶୁଭାରମ୍ଭ କରିଥିଲେ । ବନ୍ଦର ମେରାଇନ୍ ବିଭାଗର ପୋତ ଗୁଡିକ ମୁଖ୍ୟ ଅତିଥିଙ୍କୁ ସମ୍ମାନ ଜଣାଇଥିଲେ । ଏହା ପରେ ଆୟୋଜିତ ସଭାରେ ପୌରହିତ୍ୟ କରିଥିଲେ ବନ୍ଦରର ମେରାଇନ୍ ବିଭାଗର ମୁଖ୍ୟ କ୍ୟାପ୍‌ଟେନ୍ ଅଲେଖ ଚନ୍ଦ୍ର ସାହୁ । ବିଗତ ଦିନରେ ପାରାଦୀପ ବନ୍ଦର ପଣ୍ୟକାରବାର କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି । ଆଗାମୀ ଦିନର ଲକ୍ଷ୍ୟ ପାରାଦୀପ ବନ୍ଦରକୁ ଏକ ନମ୍ବର ବନ୍ଦର କରିବା । ଏଥି ନିମନ୍ତେ ସମସ୍ତଙ୍କ ସହଯୋଗ କାମନା କରିଥିଲେ ଉତ୍ସବର ମୁଖ୍ୟ ଅତିଥି ଶ୍ରୀ ହାରାନାଦ । ଗତ ଅକ୍ଟୋବର ମାସ ଶେଷ ସୁଦ୍ଧା ପାରାଦୀପ ବନ୍ଦର ୬୫.୨୮ଏମ୍.ଏମ୍.ଟି. ପଣ୍ୟ କାରବାର କରିବାରେ ସଫଳ ହୋଇଛି। ଯାହାକି ୫.୩୩ ପ୍ରତିଶତ ଅଧିକ ଏବଂ ୧୦୦ ଏମ୍.ଏମ୍.ଟି.ପଣ୍ୟ କାରବାର ଖୁବ୍ ଶୀଘ୍ର ଅତିକ୍ରମ କରିବାରେ ସକ୍ଷମ ହୋଇ ପାରିବ । ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲକ୍ଷ୍ୟ ଭାରତ ସମଗ୍ର ବିଶ୍ୱରେ ନୌବାଣିଜ୍ୟିକ କ୍ଷେତ୍ରରେ ଏକ ନମ୍ବର ହେବ । ଏହାକୁ ଆମକୁ ମିଳିମିଶି ସଫଳ କରିବାକୁ ହେବ । ନୁମାଲିଗଡ ରିଫାଇନାରୀ ପାରାଦୀପ ଠାରେ ୫୦୦କୋଟି ଟଙ୍କା ବ୍ୟୟରେ ତୈଳ ଭଣ୍ଡାର ସ୍ଥାପନ କରିବାକୁ ଯାଉଛି । ପାରାଦୀପ ବନ୍ଦରର ଦ୍ୱିତୀୟ ପ୍ରସ୍ଥାନ ପଥ ପାଇଁ ଗତି ଶକ୍ତି ପ୍ରକଳ୍ପ ଅଧିନରେ ୯୩କୋଟି ଟଙ୍କା ବ୍ୟୟ ବରାଦ ହୋଇଛି । ଆସନ୍ତା ବର୍ଷ ଏହି କାର୍ଯ୍ୟ ଶେଷ ହେବ ବୋଲି ବନ୍ଦର ଅଧ୍ୟକ୍ଷ କହିଥିଲେ । ବନ୍ଦର କର୍ମଚାରୀମାନଙ୍କ ନିମନ୍ତେ ପ୍ରଥମ ପର୍ଯ୍ୟାୟରେ ୧୪୭ଟି କ୍ୱାଟର ନିର୍ମାଣ ହେବ । ପାରାଦୀପ ବନ୍ଦର ଚିକିତ୍ସାଳୟର ବର୍ଦ୍ଧିକରଣ କରାଯାଇ ହୃଦ୍ ରୋଗ ଓ ଟ୍ରମା କେୟାର ରୋଗୀଙ୍କ ନିମନ୍ତେ ସହାୟକ ହେବ ବୋଲି ସେ କହିଥିଲେ । ଶେଷରେ ବନ୍ଦର ସଚୀବ ଡ.ପି.ନେ୍. ବାହେକର ଧନ୍ୟବାଦ ଦେଇଥିଲେ ବୋଲି ପାରାଦୀପ ବନ୍ଦର ପକ୍ଷରୁ ପ୍ରକାଶିତ ପ୍ରେସ୍ ଇସ୍ତାହାର ରୁ ଜଣାପଡିଛି ।

## ପୋଖରୀରେ ବୁଡ଼ି ଯୁବକ ମୃତ

କୋରେଇ,୨୦/୧୧ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ପଥରପଦା ପଂଚାୟତର ଦାମୋଦରପୁର ଗ୍ରାମର କୁଶାସନ ଦାଶଙ୍କ ଏକମାତ୍ର ପୁଅ ହରିହର (୨୪) କାର୍ତିକ ପୁର୍ଣିମା ଦିନ ପୋଖରୀରେ ବୁଡ଼ି ମୃତ୍ୟୁ ବରଣ କରିଛନ୍ତି। ହରିହର କାଙ୍କଲାପାଟଣା ଗ୍ରାମରେ ଥିବା ତାଙ୍କର ପିଉସି କାହ୍ନୁ ପତିଙ୍କ ଘରକୁ ବୁଲିବାକୁ ଯାଇଥିଲେ। ପିଉସିଙ୍କ ପର ପାଖରେ ଥିବା ଏକ ପୋଖରୀକୁ ହରିହର ଗାଧୋଇବାକୁ ଯାଇଥିବା ବେଳେ ତାଙ୍କର ଗୋଡ଼ ଖସିଯାଇଥିଲା। ସ୍ଥାନୀୟ ଲୋକମାନେ ତାଙ୍କୁ ଉଦ୍ଧାର କରି ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ନେଇଯାଇଥିଲେ ମଧ୍ୟ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ହରିହର ଏକ ପାଦ ଦୋକାନ କରି ପରିବାର ପ୍ରତିପୋଷଣ କରୁଥିଲା ବେଳେ ଜଣେ ପରୋପକାରୀ ଓ ମେଳାପି ଯୁବକ ଥିଲେ।

# ଅତିରିକ୍ତ ଜିଲ୍ଲାପାଳଙ୍କ ବୋଇତ ବନ୍ଦାଣ



ବାଲେଶ୍ୱର,୨୦/୧୧ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ସୁନାମ ଧନ୍ୟ ବରିଷ୍ଠ ପ୍ରଶାସକ ଅତିରିକ୍ତ ଜିଲ୍ଲାପାଳ ସମ୍ମାନୀୟ ଶ୍ରୀଯୁକ୍ତ ନୀଲୁ ମହାପାତ୍ର ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ନିଜ ସରକାରୀ ବାସ ଭବନରେ ଥିବା ପୁଷ୍କରଣୀରେ ବୋଇତ ବନ୍ଦାଣ ଉତ୍ସବ ପାଳନ କରିଛନ୍ତି। ଏପରି କରିବା ଦ୍ୱାରା ସେ ନିଜ ଜାତିର ଐତିହ ଓ ଓଡ଼ିଶା ମାଟିର ସଂସ୍କୃତି ପରମ୍ପରା କୁ ବଜାଇ ରଖିବାକୁ ଉତ୍କଳ ବାସୀଙ୍କୁ ଆହ୍ୱାନ ଜଣାଇଛନ୍ତି।

# ବି.ବି.ମହାବିଦ୍ୟାଳୟରେ ଭୋଟର ସଚେତନତା କାର୍ଯ୍ୟକ୍ରମ

କୁଳିଅଣା ,୨୦/୧୧ (ନି.ପ୍ର): ଇମିସ, ବାଇଗଣବାଡିଆ ସ୍ଥିତ ବି.ବି.ମହାବିଦ୍ୟାଳୟରେ ଭୋଟର ସଚେତନତା କାର୍ଯ୍ୟକ୍ରମ ଅଧ୍ୟକ୍ଷ ଡ.ଯତୀନ୍ଦ୍ର ନାଥ ସିଂଦେଓ ସଚ୍ଚାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ୧.୧୧.୨୦୨୧ ରିଖ ସୁଧା ଯେଉଁ ଛାତ୍ରଛାତ୍ରୀଙ୍କ ବୟସ ୧୮ ବର୍ଷ ବା ତଦୁର୍ଦ୍ଧ ହୋଇଥିବ ସେମାନେ ନୂତନ ଭୋଟର ପିକରଣ ସଚାଂର ଆପ୍ ମାଧମରେ କରିପାରିବେ । ନିଜ ନିଜର ବୁଥ୍ ବି.ଏଲ.ଓ ଙ୍କ ମାଧମରେ ଅଫ ଲାଇନରେ ମଧ ପଂଜୀକରଣ କରିପାରିବେ ବୋଲି ସେ ମତବ୍ୟକ୍ତ କରିଛନ୍ତି । ରେଡକ୍ରସ କାଉନସିଲର ଶ୍ରୀ ପ୍ରମୋଦ କୁମାର ବଶା, ଡ.ଅନ୍ନପୂର୍ଣ୍ଣା ଧଳ, ଜାତୀୟ ସେବା ଯୋଜନାର ପ୍ରୋଗ୍ରାମ ଅଫିସର ଶ୍ରୀମତୀ ଭାରତୀ ପଣ୍ଡା ଶ୍ରୀ ହରିଶଙ୍କର ମହାକୁଡ ଓ ସୁଇଟି ମୁର୍ମୁ ପ୍ରମୁଖଙ୍କ ସହାୟତାରେ ରେଡକ୍ରସ ଓ ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀମାନେ ଯୁକ୍ତ ତିନି ଓ ଦୁଇ ପ୍ରଥମ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀମାନଙ୍କୁ ଏହି ସମ୍ୱନ୍ଧରେ, ସଚେତନ କରାଇଥିଲେ ।

# ଭାଗବତଟୁଙ୍ଗିର ବାର୍ଷିକ ଉତ୍ସବ ଓ ରାହାସପୂର୍ଣ୍ଣିମା ଉପଲକ୍ଷେ ବୋଇତ ବନ୍ଦାଣ




ଜଳେଶ୍ୱର ,୨୦/୧୧ (ନି.ପ୍ର): ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକ ଅଧିନ ନାମ୍ପୋ ଗ୍ରାମରେ ଥିବା ଭାଗବତଟୁଙ୍ଗିର ବାର୍ଷିକ ଉତ୍ସବ ଓ ୫ ଦିନ ବ୍ୟାପି ପାଳନ ହେଉଥିବା ସାର୍ବଜନୀନ ରାହାସପୂର୍ଣ୍ଣିମାର ଉଦ୍‌ଯାପିନୀ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ଜଳେଶ୍ୱର କଳାକାର ପରିଷଦ ପକ୍ଷରୁ ଆଜି ଅପରାହ୍ନରେ ଏକ ବିଶେଷ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ବିଶାଳ ପଟୁଆର ନାମ୍ପୋ ହାଟପଡିଆରୁ ଭାଗବତ ଟୁଙ୍ଗି ପର୍ଯ୍ୟନ୍ତ ଗଲାପରେ ସେଠାରେ ଅନୁଷ୍ଠିତ ସଭାରେ ଅବସରପ୍ରାପ୍ତ ଶିକ୍ଷକ ତଥା ସମାଜସେବୀ ସୀତାକାନ୍ତ ଜେନା ସଭାପତିତ୍ୱ କରି ସଂସ୍କୃତି, ପରମ୍ପରା, ଭାଇଚାରା ସମାଜରୁ ଦୂରେଇ ଯାଉଥିବା ସଂପର୍କରେ କହିଥିଲେ । ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁନୀଲ କୁମାର ନାୟକ ମୁଖ୍ୟବକ୍ତାଭାବେ ଯୋଗ ଦେଇ କଳା, ସଂସ୍କୃତି ଓ ଇତିହାସ ସମାଜର ପ୍ରଗତିର ସୂତ୍ରଧର ବୋଲି କହିଥିଲେ । ମୁଖ୍ୟ ଅତିଥିଭାବେ ଜିଲା ରକ୍ତଦାତା ସଂଘର ସଭାପତି ତଥା ସମାଜସେବି କମଳ ଚକ୍ରବର୍ତ୍ତୀ ଯୋଗ ଦେଇ ଭାଷା, ସାହିତ୍ୟ ଓ ପରମ୍ପକରାକୁ କଳାକାର ମାନେ ବଂଚାଇ ରଖିଥିବା ବେଳେ ସେମାନଙ୍କୁ ସେମାନଙ୍କର ମଂଚ ଫେରାଇଦେବାକୁ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗିରିଜା ଶଂକର ଦାସ, ଶିକ୍ଷକ ବଂକିମ ଚନ୍ଦ୍ର ଦେ, ଅକ୍ଷୟ କୁମାର ଜେନା, ସୁଧିର କୁମାର ଜେନା, ଅରୁଣ କୁମାର ରାଉଳ ପ୍ରମୁଖ ସମ୍ମାନୀତ ଅତିଥିଭାବେ ଯୋଗଦେଇ କଳା ବଂଚିରେ ଐତିହ୍ୟ ବଂଚିବ ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମକୁ କଳା ଓ କଳାକାର ବିକାଶ ପରିଷଦର ସଂପାଦକ ମନୋରଂଜନ ଦାସ ସଂଚାଳନ କରିଥିବା ବେଳେ ସଭାପତି ଚନ୍ଦ୍ରମୋହନ ରାଉଳ ଅତିଥିପରିଚୟ ଓ ପ୍ରାରମ୍ଭିକ ସୂଚନା ଦେଇଥିଲେ । କାର୍ଯ୍ୟକ୍ରମରେ ଓଲମରାର ଶୀତଳାମାତା ବ୍ୟାଣ୍ଡ, ମୁଣ୍ଡୁତୁଣିଆର ଜୟଚଣ୍ଡି ବ୍ୟାଣ୍ଡ, ମାହାଲସାହିର ଦୁଧିଆବଡାମ୍ ଭଜନ ସଂଘ, ବ୍ରହ୍ମାପୁରର ଦୁଧିଆବଡାମ୍ ଲୋକନୃତ୍ୟ, ମାକିଡିଆର ଜୁଡିମହୁରୀ, କୁଆଁରପୁରର ଜଂଗନ୍ନାଥ ସଂକିର୍ତ୍ତନ ସଂଘ, ଓଲମରାର ଭଗବତୀ ସଂକୀର୍ତ୍ତନ ମଣ୍ଡଳୀ ସଂଘ ସହିତ ଗୌରାଙ୍ଗ ମୁଦୁଲି, ବରେନ୍ଦ୍ର ଘଡେଇ, ଅଭିମନ୍ୟୁ ଦେହୁରୀ, ବରେନ୍ଦ୍ର ନାୟକ, ବିଭିଷଣ ବର୍ଷାଳ, ବାସୁଦେବ ଦାସ, ମମତା ରାଜ, ବୀଣାପାଣୀ ପଣ୍ଡା, ବାହାଦୁର ମାରାଣ୍ଡି, ଅଜିତ୍ ନନ୍ଦି, ଚନ୍ଦ୍ର ଶେଖର ରଣାଙ୍କୁ ପୁଷ୍ପଗୁଚ୍ଛ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ସଭାକାର୍ଯ୍ୟ ଶେଷରେ ସ୍ଥାନୀୟ ବଡ ପୋଖରୀରେ ବୋଲିତବନ୍ଧାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ଧିରେନ୍ଦ୍ର ସିଂ, ରାଜକୁମାର ରାଉଳ, କେଦାରନାଥ ବାରିକ, ବିଶ୍ୱନାଥ ପରିଡା, ଗିତାରାଣୀ ରାଉଳ, ଶୀତଳ ଜେନା, ପ୍ରଫୁଲ୍ଲ ଜେନା, ରବିନ୍ଦ୍ର ସାମଲ ପ୍ରମୁଖ ପରିଚାଳନା କରିଥିଲେ ।

# ୧୫ଲକ୍ଷ ଟଙ୍କାର ବ୍ରାଉନସୁଗର ଜବତ୍



ଜଳେଶ୍ୱର ୧୯/୧୧(ନିପ୍ର) : ବାଲେଶ୍ୱର ଜିଲାର ଜଳେଶ୍ୱର ଅଂଚଳରେ ନିଶାକାରବାର ଥମିବାରେ ନାଁଧରୁନାହିଁ। ଛୋଟ ଛୋଟ ବେପାରୀଙ୍କୁ ଧରାଯାଉଥିବା ବେଳେ ଏହାର ମୁଖ୍ୟ କାର୍ପଟଦାରମାନେ ସେମାନଙ୍କ ବ୍ୟବସାୟ ଚଳାଇ ରଖିଛନ୍ତି । ଏବେ ନିଶା ବ୍ୟବସାୟୀମାନେ ସହର ଛାଡି ଗ୍ରାମାଞ୍ଚଳକୁ ନିଜର ସୁରକ୍ଷା କବଚଭାବେ ବାଛିନେଲେଣି। ଘଟଣାରୁ ପ୍ରକାଶ ଆଜି ଶୁକ୍ରବାର ୧୨ଟା ସମୟରେ ଖଣ୍ଡେଶ୍ୱରପୁର ଅଂଚଳର ଜନୈକ ଯୁବକ ଏକ ବାଇକ୍‌ରେ ୧୫୦ ଗ୍ରାମର ବ୍ରାଉନ୍‌ସୁଗର ନେଇ ପଶ୍ଚିମବଂଗକୁ ଯାଉଥିବା ବେଳେ ଅଗ୍ରୱାଲା ଛକ ନିକଟରେ ପୁଲିସ୍ ଏକ ସ୍ୱତନ୍ତ୍ର ଟିମ୍ ତାକୁ କାବୁ କରିଥିଲା । ତାକୁ ଗିରଫ କରାଯିବା ସହିତ ୧୫ଲକ୍ଷ ଟଙ୍କାର ବ୍ରାଉନ୍‌ସୁଗର ଜବତ୍ କରାଯାଇଛି । ତେବେ ବାରମ୍ବାର ଏପରି ଛୋଟ ଛୋଟ ବ୍ୟବସାୟୀମାନେ ଧରା ପଡୁଥିବା ବେଳେ ଏହାର କିଙ୍ଗପିନ୍ କେବେ ଧରା ପଡୁଛି ତାହା ସାଧାରଣରେ ଆଲୋଚନା ହେଉଛି ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର

ରବିବାର, ୨୧ ନଭେମ୍ବର, ୨୦୨୧

email : rabibarachayan2015@gmail.com




## ଧାରାବାହିକ : ଜୀବନାନୁଭୂତି

# ମୋର ପୂର୍ବ ସ୍ମୃତି କଥା



ବାଲେଶ୍ୱରରେ ପ୍ରଥମଥର ୧୯୧୫ ମସିହାରେ ତୃତୀୟଶ୍ରେଣୀ ମାଜିଷ୍ଟ୍ରେଟ ଓ ଦ୍ୱିତୀୟଥର ୧୯୩୧ ମସିହାରେ ଡେପୁଟି ମାଜିଷ୍ଟ୍ରେଟ ପଦରେ ଅବସ୍ଥାପିତ ହୋଇଥିବା ଭାରତଚନ୍ଦ୍ର ନାୟକଙ୍କ ରଚିତ 'ପୂର୍ବ ସ୍ମୃତିକଥା' ୧୯୬୬ରେ ପୁସ୍ତକ ଆକାରରେ ପ୍ରକାଶିତ ହୋଇ ତା' ପରବର୍ଷ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହେବା ମନନଶୀଳ ପାଠକଙ୍କ ପାଇଁ ଆଣିଦେଇଥିଲା ଗୋଟେ ପ୍ରକାର ଆଶ୍ୱସ୍ତି । ଏହି ପୁସ୍ତକରେ ଅଛି ରାଜା ରାଜୁଡ଼ା ସମୟର ଇତିହାସ, ଅଛି ସାମାଜିକ ଚେତନା, ଅଛି ମଧ ଉଚ୍ଚାଙ୍ଗ ସାହିତ୍ୟ । ଆଜି ବି ଆମ ସମାଜରେ ନାରୀ ନିର୍ଯାତନାର ଚିତ୍ର ସର୍ବତ୍ର ଦେଖିବାକୁ ମିଳୁଥିବା ବେଳେ ସେ ସମୟରେ ନାରୀମାନଙ୍କ ପାଇଁ ସେ ଦେଖିଥିବା ସ୍ୱପ୍ନ, ସମ୍ବେଦନଶୀଳ ମନୋଭାବ, ନାରୀଶିକ୍ଷା ପ୍ରତି ତାଙ୍କର ପ୍ରେରଣା ତାଙ୍କୁ ସ୍ମରଣୀୟ କରି ରଖିଛି । ଶ୍ରୀଯୁକ୍ତ ନାୟକଙ୍କର 'ମୋର ପୂର୍ବ ସ୍ମୃତିକଥା' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

**ଭାଗ-୫୧**

(ପୂର୍ବ ପ୍ରକାଶିତ ଉତ୍ତାରୁ...)

ରାଜ୍ୟରେ କେତେକ ଅରଣ୍ୟଜାତ ଦ୍ରବ୍ୟ ଛଡ଼ା ବାଣିଜ୍ୟ ନଥିଲା । କୃଷିଜାତ ଦ୍ରବ୍ୟ ରାଜ୍ୟବାସୀଙ୍କ ସକାଶେ ସୁଦ୍ଧା ପର୍ଯ୍ୟାପ୍ତ ନଥିଲା । ଚାଷଜମିର ପରିମାଣ ଅଳ୍ପ ଥିଲା । ଅରଣ୍ୟଜାତ ଦ୍ରବ୍ୟ ମଧ୍ୟରେ କଡ଼ିକାଠ ପ୍ରଧାନ । ଦୁଇଗୋଟି ସାହେବ କମ୍ପାନୀ ରେଳପଥ ସକାଶେ ସ୍ଲିପର ତିଆରି କରୁଥିଲେ । ଏହାଛଡ଼ା ଲାଖ ଓ ଟସର । ବର୍ତ୍ତମାନ କୋଇଡ଼ା ଅଞ୍ଚଳରେ ଲୁହା ଓ ମାଙ୍ଗାନିଜ୍ ବାହାରି ତହିଁରେ କାର୍ଯ୍ୟ ହେଉଅଛି । ସେହି ସମୟରେ ଏ ସମସ୍ତ ଆବିଷ୍କାର ସକାଶେ ପରୀକ୍ଷା ଆରମ୍ଭ ହୋଇଥିଲା ।

ପ୍ରଥମରେ ମୁଁ ଶିକ୍ଷା ଦିଗରେ ଦୃଷ୍ଟି ଦେଲି । ରାଜ୍ୟ ମଧ୍ୟରେ ଇଂରେଜୀ ଶିକ୍ଷା ସକାଶେ ଗୋଟିଏ ମାତ୍ର ମଧ ଇଂରାଜୀ ସ୍କୁଲ । ତାହା ବଣାଇଗଡ଼ରେ । ଆଉ କେବଳ ତିନୋଟି ଉଚ୍ଚ ପ୍ରାଇମେରୀ ସ୍କୁଲ । ଗୋଟିଏ ବଣେଇଗଡ଼ରେ, ଗୋଟିଏ ଗାଙ୍ଗପୁର ସୀମାସ୍ଥ ବାଙ୍କୀରେ ଓ ତୃତୀୟଟି ବାଗଡ଼ା ଗ୍ରାମରେ । ଆଉ ଷ୍ଟେଟର ବିଭିନ୍ନ ସ୍ଥାନରେ ଗୋଟାକେତେ ନିମ୍ନ ପ୍ରାଇମେରୀ ସ୍କୁଲ । ବିସ୍ତୀର୍ଣ୍ଣ ଭୂୟାଁ ଅଞ୍ଚଳରେ ସ୍କୁଲ ଆଦୌ ନଥିଲା । ମୁଁ ଯିବା ସମୟକୁ ସମଗ୍ର ଷ୍ଟେଟ୍‌ରେ ଛାତ୍ରସଂଖ୍ୟା ମୋଟରେ ତିନିଶହ । ମଧ ଇଂରେଜୀ ସ୍କୁଲର ଉନ୍ନତି ନହେଲେ ନିମ୍ନଶ୍ରେଣୀୟ ସ୍କୁଲମାନଙ୍କ ଉନ୍ନତି ହୋଇପାରିବ ନାହିଁ । ଏହି ବିଶ୍ୱାସରେ ପ୍ରଥମରେ ଏହାର ସଂସ୍କାର କଲି । ଷ୍ଟେଟ୍ ଆୟରୁ ଅଧିକାଂଶ ପୂର୍ତ୍ତ ବିଭାଗରେ ଖର୍ଚ୍ଚ ହେଉଥିଲା । ତଥାପି ରାସ୍ତାଘାଟର ଉନ୍ନତି ନଥିଲା । ଓଡ଼ିଶାର ସମସ୍ତ ଷ୍ଟେଟ୍‌ରେ ପୂର୍ତ୍ତ ବିଭାଗ ସକାଶେ ଜଣେ ଇଂରେଜ ଇଞ୍ଜିନିୟର ବେକେଟ୍ ସାହେବ (E.G. Beckett) ନିଯୁକ୍ତ ଥିଲେ । ମଧ-ଇଂରାଜୀ ସ୍କୁଲ ଗଡ଼ ମଧ୍ୟସ୍ଥ ଗୋଟିଏ କ୍ଷୁଦ୍ର ଗୃହରେ ହେଉଥିଲା । ସେତେବେଳେ ୧୯୨୫ ସାଲରେ ବଜେଟ ପ୍ରସ୍ତୁତ ହେଲା, ତହିଁରେ ମଧଇଂରାଜୀ ସ୍କୁଲ ଗୃହ ସକାଶେ ଏଜେନ୍‌ସି ଇଞ୍ଜିନିୟର ବେକେଟ ସାହେବଙ୍କ ସଙ୍ଗେ ପରାମର୍ଶ କରି ଚଉଦ ହଜାର ଟଙ୍କା ରଖିନେଲି ଓ ଏକ ମୁକ୍ତ ପ୍ରଶସ୍ତ ସ୍ଥାନରେ ଏକବର୍ଷ ମଧ୍ୟରେ ଏହି ଗୃହ ନିର୍ମିତ ହୋଇ ତହିଁରେ ମଧ-ଇଂରେଜୀ ସ୍କୁଲର କାର୍ଯ୍ୟ ଚାଲିଲା । ମଫସଲ ଅଞ୍ଚଳରେ କେତେକ ନିମ୍ନ ପ୍ରାଇମେରୀ ସ୍କୁଲକୁ ଉଚ୍ଚ ପ୍ରାଇମେରୀ ସ୍କୁଲରେ ପରିଣତ କଲି ଓ କେତେକ ନୂତନ ନିମ୍ନ ପ୍ରାଇମେରୀ ସ୍କୁଲ ବସାଇଲି । ବଣେଇଗଡ଼ରେ ଲୋକସଂଖ୍ୟା ସୁଦ୍ଧା ଅତି କମ୍ । ପୁଣି ଏମାନଙ୍କର ସୁଦ୍ଧା ଶିକ୍ଷାପ୍ରତି ସେତେ ଆଗ୍ରହ ନଥିଲା । ମଫସଲରୁ ପିଲା ନଆସିଲେ ମଧଇଂରାଜୀ ସ୍କୁଲ ଚଳିବ ନାହିଁ । ମଫସଲ ଗସ୍ତରେ ଯାଉଥିବା ସମୟରେ ସ୍କୁଲଗୁଡ଼ିକରେ ଛାତ୍ର ସଂଖ୍ୟା ବୃଦ୍ଧି କରିବା ମୋର ପ୍ରଧାନ କର୍ତ୍ତବ୍ୟ ହୋଇଥିଲା। ପ୍ରତ୍ୟେକ ସ୍କୁଲରେ ଛାତ୍ରସଂଖ୍ୟା ବୃଦ୍ଧିପାଇଁ ସଚେଷ୍ଟ ରହିବା ସକାଶେ ସ୍କୁଲ ସବ-ଇନ୍‌ସପେକ୍ଟରଙ୍କ ପ୍ରତି ମୋର କଠୋର ଆଦେଶ ଥିଲା । ଲୋକମାନେ ନିଜ ନିଜ ପିଲାଙ୍କୁ ସ୍କୁଲକୁ ପଠାଇବା ପାଇଁ ନିତାନ୍ତ ଅନିଚ୍ଛୁକ ବୋଲି ସେ ମୋତେ ଜଣାଉଥିଲେ । ଅନେକ ଦିନ ପର୍ଯ୍ୟନ୍ତ ଏ ଦିଗରେ ଆମ୍ଭମାନଙ୍କ ଚେଷ୍ଟା ବିଫଳ ହେଉଥିବା ଦେଖି ମୁଁ ଗୋଟିଏ ଉପାୟ ଅବଲମ୍ବନ କଲି । ମୋ ସଙ୍ଗେ ସବ୍‌ଇନସ୍‌ପେକ୍ଟର ଗସ୍ତରେ ଯିବେ ଓ ଯେଉଁ ଅଞ୍ଚଳରେ ମୁଁ ଗସ୍ତ କରୁଥିବି ସେହି ସ୍ଥାନର ଥାନା ଅଫିସର ପାର୍ଶ୍ୱବର୍ତ୍ତୀ ଗ୍ରାମମାନଙ୍କର ସ୍କୁଲକୁ ଯାଇପାରିବା ଭଳି ବୟସର ପିଲାଙ୍କ ନାମ ଲେଖିବାରେ ସ୍କୁଲ ସବ୍-ଇନସ୍‌ପେକ୍ଟରଙ୍କୁ ସାହାଯ୍ୟ କରିବେ । ଏହି ପ୍ରକାର କାର୍ଯ୍ୟାରମ୍ଭ ହେବାରୁ କେତେକ ପିଲାଙ୍କ ନାମ ପ୍ରତ୍ୟେକ ମୁକାମରେ ଲେଖା ହେବାକୁ ଲାଗିଲା । ଏ ପ୍ରସଙ୍ଗରେ ସରସରାବଲାଙ୍ଗ ମୁକାମର ଗୋଟିଏ କୌତୁକପୂର୍ଣ୍ଣ ଘଟଣା ଉଲ୍ଲେଖଯୋଗ୍ୟ ଏହି ମୁକାମରେ କେତେକ ଅଭିଭାବକ ନିଜ ନିଜ ପିଲାଙ୍କୁ ଧରି ଉପସ୍ଥିତ ହୋଇଥିଲେ । ପିଲାମାନଙ୍କୁ ଧାଡ଼ିକରି ଛିଡ଼ାକରାଇ ସ୍କୁଲ ସବ୍‌ଇନ୍‌ସପେକ୍ଟର ସେମାନଙ୍କ ନାମ ଲେଖିବାକୁ ଆରମ୍ଭ କରିବା ସମୟରେ ଜଣେ ପିଲାର ବାପା କହିଲା ଯେ, ତାହାର ପୁଅ ମୂକ ଓ ବଧିର । ମୂକ ଓ ବଧିରର ରୂପ ସାଧାରଣ ବ୍ୟକ୍ତିଠାରୁ ଟିକିଏ ପୃଥକ୍ । ଟିକିଏ ସୂକ୍ଷ୍ମଭାବରେ ଦେଖିଲେ ମନୁଷ୍ୟର ଏହି ଦୋଷ ଅନୁଭବ କରିବା କଷ୍ଟକର ନୁହେଁ । ପିଲାର ରୂପ ଦେଖି ମୋ ମନରେ ସନ୍ଦେହ ଜାତହେଲା । ମୋ ପାଖକୁ ଆସିବାପାଇଁ ତାକୁ ଅଙ୍ଗୁଳି ସଙ୍କେତ କଲି । ତାହାର ପିତା ଦ୍ରୁତବେଗରେ ତାହାର ସଙ୍ଗେ ଆସି ମୋ ସମ୍ମୁଖରେ ଛିଡ଼ାହୋଇ କହିଲା ଯେ, ତାହାର ପୁଅ କଥା କହିପାରେ ନାହିଁ କିମ୍ବା ଶୁଣିପାରେ ନାହିଁ । ତାହାର ନାମ ନଲେଖିବା ପାଇଁ ସେ ଅନୁରୋଧ କଲା । ତାକୁ ଚାଲିଯାଇ ଅଳ୍ପ ଦୂରରେ ରହିବାକୁ କହିଲି । କିନ୍ତୁ ସେ ଯାଉନଥାଏ ଏବଂ ତାହାର ଆପତ୍ତିସୂଚକ କଥା କହୁଥାଏ । ପିଲାକୁ ପାଖକୁ ଡାକି ଧୀର ସ୍ୱରରେ ପଚାରିଲି, "ତୋର ନାଁ କଣ ?" ନାଁ କହିଲା । କହିଲି, "ତୁ କଥା କହିପାରୁନାହୁଁ ?" ଉତ୍ତର "ନାହିଁ" "ଶୁଣି ବି ପାରୁନାହୁଁ" । ଉତ୍ତର, "କିଛି ଶୁଣି ପାରେନାହିଁ ?" ଏତେଗୁଡ଼ିଏ ଶବ୍ଦରେ। ତାହାର ବୟସ ପ୍ରାୟ ଦଶବର୍ଷ । ନାମ ଲେଖା ହେଲା ।

ଆଜିକାଲି ଓଡ଼ିଶା ସରକାରଙ୍କ ସ୍କୁଲରେ ପିଲାଙ୍କ ନାମ ଲେଖା ଅଭିଯାନ ଆରମ୍ଭ ହୋଇଅଛି । ଏ ସମ୍ବନ୍ଧରେ ପ୍ରଚାର କରାହେଉଅଛି, (୧) ଭାରତର ଅଧିକାଂଶ ରାଜ୍ୟ ତୁଳନାରେ ଓଡ଼ିଶା ଶିକ୍ଷା ବିଷୟରେ ଅନୁନ୍ନତ । (୨) ପ୍ରତ୍ୟେକ ଶିଶୁକୁ ଅନ୍ତତଃ ପ୍ରାଥମିକ ଶିକ୍ଷା ଦେବା ଲୋକ ସରକାରର ପ୍ରଥମ କର୍ତ୍ତବ୍ୟ । (୩) କୌଣସି ସ୍କୁଲରେ ଯେପରି ଗୋଟିଏ ହେଲେ ସ୍ଥାନ ଖାଲି ନରହେ, ତାହା ଦେଖିବା ଦାୟିତ୍ୱ ଦେଶବାସୀଙ୍କର ଓ (୪) ନିଜ ନିଜ ପିଲାଙ୍କ ନାମ ସ୍କୁଲରେ ଲେଖାଇବା ପାଇଁ ଆଗଭର ହୁଅନ୍ତୁ । ୩୭ବର୍ଷ ପୂର୍ବେ ଦେଶବାସୀଙ୍କ କ୍ରମାଗତ ଅଧୋଗତିମୂଳକ ବିଦେଶୀୟ ଶାସନ ପୂର୍ଣ୍ଣମାତ୍ରାରେ ପ୍ରଚଳିତ ଥିବା ସମୟରେ ଅତ୍ୟନ୍ତ ଅନୁନ୍ନତ ବଣେଇ ରାଜ୍ୟର ସ୍କୁଲରେ ପିଲାମାନଙ୍କ ନାମଲେଖା ଅଭିଯାନ ମୁଁ ଚଳାଇଥିଲି । ପରେ ମୋ ବିପକ୍ଷରେ ଇଂରେଜ ପଲିଟିକାଲ୍ ଏଜେଣ୍ଟ ଏହା ଦୋଷାବହ ବୋଲି ଗ୍ରହଣ କରିଥିଲେ ।

ଲୋକମାନଙ୍କ ମଧ୍ୟରେ ଆପତ୍ତି ଉଠିଲା ଯେ, ସେମାନେ ଗରିବ ଓ ସେମାନଙ୍କ ପିଲାମାନଙ୍କ ନିଜ ନିଜ ଗୋରୁ, ଛେଳି ଚରାନ୍ତି; ସେମାନଙ୍କୁ ଚାଷ କାର୍ଯ୍ୟରେ ସାହାଯ୍ୟ କରନ୍ତି । ସେମାନେ ସ୍କୁଲରେ ରହିଲେ ସେମାନଙ୍କ ଏ ସମସ୍ତ କାର୍ଯ୍ୟରେ ବାଧା ହେବ । ଏହି ଆପତ୍ତି ଯୋଗୁଁ ସ୍କୁଲର ସମୟ ଦିନ ୧୨ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ରଖାହେଲା ଓ ସେମାନଙ୍କୁ ବୁଝାଇ ଦିଆଗଲା ଯେ, ସକାଳଓଳି ପିଲାମାନେ କାମକରି ବାରଟାରେ ସ୍କୁଲକୁ ଆସିବେ । ବିଦ୍ୟାଶିକ୍ଷାର ଉପକାରିତା ସମ୍ବନ୍ଧରେ ସଦୁପଦେଶ ଏମାନଙ୍କ ବୋଧଗମ୍ୟ ନୁହେଁ । ଦାୟିତ୍ୱ ପାଳନରେ ବାଧ କରିବା ସକାଶେ ସେମାନଙ୍କୁ ପୁଣି ବୁଝାଇ ଦିଆଗଲା ଯେ, ପିଲାଙ୍କ ଅନୁପସ୍ଥିତି ସକାଶେ ଦିନକୁ ଅଣାଏ ଲେଖାଏଁ ଜରିମାନା ହେବ । ଅଚିରେ ଏହାର ଫଳ ଦୃଷ୍ଟ ହେଲା । ତଥାପି କେତେକ ଲୋକ ଏହାର ପ୍ରତିବାଦ କରିବାକୁ ଲାଗିଲେ । କେତେକ ଲୋକ ଇଚ୍ଛାପୂର୍ବକ ପିଲାଙ୍କୁ ନପଠାଇ ଜରିମାନା ଦେଲେ । ରୋଗର ଉପଶମ ସକାଶେ ବୈଦ୍ୟର କଟୁତିକ୍ତ ଔଷଧର ପ୍ରୟୋଗ ତୁଲ୍ୟ ଅଜ୍ଞାନ ଲୋକଙ୍କ ପ୍ରତି ଏ ପ୍ରକାର ବିଧାନ ନିତାନ୍ତ ଆବଶ୍ୟକ ହୋଇଥିଲା । ଦିନେ କେନାଭଟା ସ୍କୁଲକୁ ଯାଇ ଦେଖିଲି, ପିଲାଙ୍କ ଭିତରେ ତିନି ଚାରିଜଣ ବୁଢ଼ା, ଦରବୁଢ଼ା ଲୋକ ବସିଅଛନ୍ତି । ଶିକ୍ଷକଙ୍କୁ ପଚାରି ଜାଣିଲି, ସେହି ଲୋକମାନଙ୍କ ପୁଅମାନେ ଆସି ନପାରିବାରୁ ଜରିମନା ଭୟରେ ସେମାନଙ୍କ ବଦଳରେ ଆସିଛନ୍ତି । କହିବା ବାହୁଲ୍ୟ, ସେମାନଙ୍କୁ ବୁଝାଇବା ସଙ୍ଗେ ଶିକ୍ଷକଙ୍କୁ ତିରସ୍କାର କଲି ।

ପିଲାଙ୍କୁ ବିନାମୂଲ୍ୟରେ ସ୍ଲେଟ୍, ବହି ଯୋଗାଇବା ସକାଶେ ଶିକ୍ଷା ବିଭାଗର ବଜେଟରେ ଗୋଟିଏ ସ୍ୱତନ୍ତ୍ର ପାଣ୍ଠି ରଖାହେଲା । ଗୋଟାକେତେ ଛାତ୍ରବୃତ୍ତି ସୃଷ୍ଟିହେଲା ପ୍ରତ୍ୟେକ ସ୍କୁଲ ପରିଦର୍ଶନ ଓ ପିଲାମାନଙ୍କୁ ପରୀକ୍ଷା କରି ଅପର ପ୍ରାଇମେରୀ ସ୍କୁଲରୁ ବାଛି ବାଛି ବୁଦ୍ଧିମାନ ପିଲାଙ୍କୁ ଆଣି ବଣେଇଗଡ଼ସ୍ଥ ମଧଇଂରାଜି ସ୍କୁଲରେ ଭର୍ତ୍ତି କରାଇଲି । ମଧ ଇଂରେଜି ପରୀକ୍ଷାରେ ଉତ୍ତୀର୍ଣ୍ଣ ଛାତ୍ରଙ୍କ ସକାଶେ ହାଇସ୍କୁଲରେ ଅଧ୍ୟୟନ ପାଇଁ ମଧ ବୃତ୍ତିର ବ୍ୟବସ୍ଥା କଲି ଓ ବଣେଇରେ ଥିବା ସମୟରେ ଜଣକେତେ ଛାତ୍ରଙ୍କୁ ବୃତ୍ତି ଦେଇ ବାମଣ୍ଡା ଓ ଅନ୍ୟାନ୍ୟ ହାଇସ୍କୁଲକୁ ପଠାଇଲି । (କ୍ରମଶଃ)

## ପର୍ଦ୍ଦା ପଛର କଥା ଭାଗ-୨୫

ଓଡ଼ିଆ ଚଳଚ୍ଚିତ୍ର ଗୀତିକାର, ସଂଳାପକାର, କାହାଣୀ ଓ ପଟ୍ଟକଥା ଲେଖକ ଭାବରେ ଡ. ରଜନୀରଂଜନଙ୍କ ସର୍ବକାଳୀନ ରେକର୍ଡ। ପ୍ରାୟ ୭୦ଟିରୁ ଊର୍ଦ୍ଧ୍ୱ ଚଳଚ୍ଚିତ୍ରରେ ତାଙ୍କର ସଂପୃକ୍ତି। ଦୁଇ ଦୁଇଥର ରାଜ୍ୟ ସରକାରଙ୍କ ଦ୍ୱାରା ପୁରସ୍କୃତ। ଓଡ଼ିଆ ଚଳଚ୍ଚିତ୍ରର ବିକାଶର ଧାରାରେ ଘଟଣା, ଦୁର୍ଘଟଣା, ଅଭିଜ୍ଞତାର ତିକ୍ତ ମଧୁର ଅନୁଭୂତିକୁ ପ୍ରକାଶ ପାଇଁ ଧ୍ୱନି ପ୍ରତିଧ୍ୱନିର ଏ ପ୍ରୟାସ।



### ॥ କୋଟିଏ ତାରାରେ ଗୋଟିଏ ଜହ୍ନ ॥

ଗୋପାଳ ଯୋଗେଶଙ୍କ ସାଥିରେ ସଂପର୍କ ବଢ଼ିଲା। ପ୍ରେମ ବଂଧନ ପରେ ଗୋପାଳବାବୁ ଅନେକ ଯୋଜନା ପ୍ରସ୍ତୁତ କରୁଥାନ୍ତି। ମାତ୍ର ଫଳବତୀ ହୋଇପାରୁନଥାଏ। ଗୋପାଳବାବୁଙ୍କ ସଂପୃକ୍ତି ଓଡ଼ିଆ ଚଳଚ୍ଚିତ୍ର ସହ ବିବିଧ। ଡିଷ୍ଟ୍ରିବ୍ୟୁସନରେ ତାଙ୍କର ବହୁତ ଅଭିଜ୍ଞତା। ଚଳଚ୍ଚିତ୍ରଟିର ନିର୍ମାଣ ସରିଗଲେ ଠିକ୍ ଭାବରେ ଡିଷ୍ଟ୍ରିବ୍ୟୁସନ ନହୋଇପାରିଲେ ଆର୍ଥିକ କ୍ଷତି। ଓଡ଼ିଶାରେ ଅଣଓଡ଼ିଆ ଡିଷ୍ଟ୍ରିବ୍ୟୁଟର ମାନଙ୍କର ପ୍ରଭାବ ଥିଲା ବେଶୀ। ଗୋପାଳବାବୁ ନିଜେ ଏସବୁ ବିଷୟ ତଦାରଖ କରୁଥାନ୍ତି। ଏହା ମଧ୍ୟରେ ହିନ୍ଦିରେ ପ୍ରଭୁ ଜଗନ୍ନାଥଙ୍କ ଉପରେ ଏକ ଧାରାବାହିକ ନିର୍ମାଣ କରିବାର ଯୋଜନା ଚଳାଇଥାନ୍ତି। ମଝିରେ ମଝିରେ ମୁମ୍ବାଇ ଯାଇ ଆନୁସଙ୍ଗିକ କାର୍ଯ୍ୟ କରୁଥାନ୍ତି। ଶ୍ରୀ ଲିଙ୍ଗରାଜ ଫିଲ୍ମସ ବ୍ୟାନରରେ ଶ୍ରୀ ଜଗନ୍ନାଥ ଧାରାବାହିକକୁ ପୁରୁଣା ଭୁବନେଶ୍ୱରର ପଣ୍ଡାବାବୁ ପ୍ରଯୋଜନା କରୁଥାନ୍ତି। ପଣ୍ଡିତ ନିଳମଣି ମିଶ୍ର ଏହାର ଗବେଷଣା ଓ ତଥ୍ୟ ଦାୟିତ୍ୱରେ ଥାନ୍ତି। ମୁମ୍ବାଇର କଳାକାର ମାନଙ୍କୁ ନେଇ ସୁଟିଂ ମଧ୍ୟ ବେଶ୍ କେତୋଟି ଏପିସୋଡର ହୋଇଥିଲା। ପରେ ପ୍ରଚାରିତ ମଧ୍ୟ ହୋଇଥିଲା। ମୋର ସଂପୃକ୍ତି ନଥିଲେ ମଧ୍ୟ ଜଗନ୍ନାଥଙ୍କ ଉପରେ ଆଧାରିତ ଥିବାରୁ ମୋର ଇଣ୍ଟ୍ରେଷ୍ଟ ଥିଲା।

ତେବେ ପ୍ରତ୍ୟେକଦିନ ସଂଧ୍ୟାରେ ଗୋପାଳବାବୁଙ୍କ ସଂଗେ ବୈଠକୀ ଚାଲୁଥିଲା। ହଠାତ୍ ଦିନେ ବ୍ରହ୍ମପୁରର ଆଡଭୋକେଟ ସୀମାଚଳ ମିଶ୍ର ପହଂଚିଗଲେ ଗୋପାଳବାବୁଙ୍କ ଘରେ। ସୀମାଚଳ ବାବୁ ପେସାର ଆଡ଼ଭୋକେଟ ହେଲେ ମଧ୍ୟ ନିଶାରେ ଜଣେ କଳାକାର। ପୂର୍ବରୁ ଗୋପାଳ ବାବୁଙ୍କ ସହ ପତି ପରମେଶ୍ୱରରେ ଆକ୍ଟିଂ କରିଥାନ୍ତି। ମଉଜିଆ ଲୋକ। ସୀମାଚଳ ବାବୁ ନିଜେ ଗୋଟିଏ ଚଳଚ୍ଚିତ୍ରର ପ୍ରଯୋଜନା କରିବା ପାଇଁ ଆଗ୍ରହ ଦେଖାଇଲେ। ସେତେବେଳେ ସୀମାଚଳ ବାବୁଙ୍କ ପାଇଁ ଚଳଚ୍ଚିତ୍ର ନିର୍ମାଣ ନିମନ୍ତେ ପର୍ଯ୍ୟାପ୍ତ ଅର୍ଥ ନଥିଲା। ତଥାପି ଗୋପାଳବାବୁ ତାଙ୍କୁ ଉତ୍ସାହିତ କଲେ। ସ୍କ୍ରିପ୍ଟ କାମ ଆରମ୍ଭ ହେଲା। ପାରିବାରିକ କାହାଣୀ। ଗୋପାଳବାବୁଙ୍କର ସ୍କ୍ରିପ୍ଟରେ ଦଖଲ ଥାଏ। ତେବେ ପ୍ରେମ ବଂଧନ ପରି ଆମେ ଏହାକୁ କରିବାକୁ ଚାହୁଁନଥିଲୁ। ବିଶେଷ କରି ଅଭିନେତା ଅଭିନେତ୍ରୀ ଚୟନରେ ବେଶ୍ ସତର୍କ ହେବାକୁ ସ୍ଥିର କରାଗଲା। ସିଦ୍ଧାନ୍ତ, ମିହିର ଦାସଙ୍କ ସମେତ ଜୟୀ, ହାଡୁ, ନାରାୟଣ ପତି ପ୍ରମୁଖଙ୍କୁ ଯୋଗାଯୋଗ କରାଗଲା। ଅନ୍ୟତମ ନାୟକ ଓ ନାୟିକା ଭାବରେ ଶ୍ରୀତମ ଓ ଜ୍ୟୋତି ମିଶ୍ରଙ୍କ ସହ ଯୋଗାଯୋଗ କରାଗଲେ ହେଁ ବିଭିନ୍ନ କାରଣରୁ ସେମାନେ ଶେଷ ମୁହୁର୍ତ୍ତରେ ପ୍ରୋଜେକ୍ଟରୁ ଓହରି ଗଲେ। ଶ୍ରୀତମଙ୍କ ସ୍ଥାନରେ ଦୀପକଙ୍କୁ ନିଆଗଲା ଓ ଦୁଇ ବଙ୍ଗୀୟ ନାୟିକାଙ୍କୁ ସ୍ଥିର କରାଗଲା। ନାୟିକା ଚୟନ ପାଇଁ ସୀମାଚଳ ବାବୁ ଓ ମୁଁ କଲିକତା ଗଲୁ। ଗୋଟିଏ ଷ୍ଟୁଡିଓରେ କିଛି ଆଶାୟୀ ଅଭିନେତ୍ରୀଙ୍କୁ ଦେଖି ଜଣକୁ ଚୟନ କଲୁ। ମୋର କଲିକତା ଇଣ୍ଡଷ୍ଟ୍ରି ବିଷୟରେ ପ୍ରଥମ ଅଭିଜ୍ଞତା। ତେବେ ସେ ଯାହାହେଉ ନାୟିକା ଚୟନରେ ଏହି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱଟି ଗୋପାଳବାବୁ ଆମକୁ ଦେଇଥିଲେ ଓ ତାକୁ ସୁଚାରୁ ରୂପେ କରିଥିବାରୁ ଖୁସି ଲାଗୁଥାଏ।

ଗୋପାଳବାବୁଙ୍କର ସଂଗୀତ ପ୍ରତି ବିଶେଷ ଇଣ୍ଟ୍ରେଷ୍ଟ। ସେଥିପାଇଁ ତାଙ୍କର ପ୍ରତ୍ୟେକ ଚଳଚ୍ଚିତ୍ରରେ ସେ ସଂଗୀତ ଉପରେ ବିଶେଷ ଧ୍ୟାନ ଦେଇଥାନ୍ତି ଓ ପ୍ରାୟ ନୂଆ ସଂଗୀତ ନିର୍ଦ୍ଦେଶକଙ୍କୁ ସୁଯୋଗ ଦେଇଥାନ୍ତି। 'ପ୍ରେମ ବନ୍ଧନ'ରେ ତାରାକାନ୍ତ ପଣ୍ଡାଙ୍କୁ ରିପିଟ୍ ନ କରି ସ୍ଥିର କଲେ ନୂତନ ଭାବରେ କାହାକୁ ସୁଯୋଗ ଦେବେ। ଗୀତର ଛଅଗୋଟି ସିକ୍ୟୁଏନ୍ସ ଆମେ ପ୍ରସ୍ତୁତ କରିଥିଲୁ। ପ୍ରଥମେ ଜଣେ ଯୁବ ସଂଗୀତ ନିର୍ଦ୍ଦେଶକଙ୍କୁ ସ୍ଥିର କରାଗଲା। ମାତ୍ର କୌଣସି କାରଣରୁ ଗୋପାଳବାବୁ ତାଙ୍କୁ ନେବା ପାଇଁ ଚାହିଁଲେ ନାହିଁ ଏବଂ ଅଲଇଣ୍ଡିଆ ରେଡିଓରେ ଅନୁଭବୀ କମ୍ପୋଜର ଓମ୍ ପ୍ରକାଶ ମହାନ୍ତିଙ୍କୁ ସଂଗୀତ ନିର୍ଦ୍ଦେଶନା ନିମନ୍ତେ ସ୍ଥିର କରାଗଲା।

ପୂର୍ବ ଅଭିଜ୍ଞତା ଅନୁସାରେ ମୁଁ ସିକ୍ୟୁଏନ୍ସ ଅନୁସାରେ ପ୍ରତ୍ୟେକ ଗୀତର ଡମିଲାଇନ୍ ପ୍ରସ୍ତୁତ କରି ରଖିଥାଏ। ସମୁଦାୟ ୪ଟି ଗୀତ ମୁଁ ଲେଖିବା ପାଇଁ ମାନସିକ ପ୍ରସ୍ତୁତ କରିଥାଏ। ଅନ୍ୟ ଦୁଇଟି ଗୀତ ବିଜୟ ମଲ୍ଲ ଓ ଅରୁଣ ମନ୍ତ୍ରୀ ଲେଖିବା ପାଇଁ ସ୍ଥିର ହୋଇଥାଏ। ଆମେ ସମସ୍ତେ ମୁଖଡ଼ା ପ୍ରସ୍ତୁତ କରିଥାଉ। ଓମ୍ ପ୍ରକାଶ ବାବୁଙ୍କ ସହ ମୋର ପ୍ରଥମ ପରିଚୟ। ଲେଖାଯାଇଥିବା ମୁଖଡ଼ାଗୁଡ଼ିକ ତାଙ୍କ ମନକୁ ପାଇଥିଲା ଓ ସେ ଟ୍ୟୁନ ଆରମ୍ଭ କରିଦେଲେ। ସବୁଗୁଡ଼ିକ ଟ୍ୟୁନ୍ ଆମ ମନକୁ ଛୁଇଁଲା। ନିର୍ଦ୍ଦିଷ୍ଟ ସମୟରେ ରେକର୍ଡିଂ ମଧ୍ୟ ହୋଇଗଲା।

ଚଳଚ୍ଚିତ୍ରଟିରେ ଅନ୍ୟତମ ମୁଖ୍ୟ ଭୂମିକାରେ ଅଭିନୟ କରିବାପାଇଁ ନାରାୟଣ ପତିଙ୍କୁ ନେବାପାଇଁ ମୁଁ ସୁପାରିଶ କରିଥିଲି। ଏନ୍.ଏସ.ଡିରୁ ଶିକ୍ଷା ପ୍ରାପ୍ତ ନାରାୟଣ ପତିଙ୍କର ବଲିଉଡରେ ମଧ୍ୟ ଅଭିଜ୍ଞତା ଥିଲା। ପୂର୍ବରୁ କେତୋଟି ଧାରାବାହିକରେ ତାଙ୍କ ସହ ଅଭିଜ୍ଞତା ଥିଲା। ସୁଟିଂ ସମୟରେ ଏପରି ପରିସ୍ଥିତି ସୃଷ୍ଟି ହେଲା ଯେ ଚଳଚ୍ଚିତ୍ରର ନିର୍ମାଣ ବନ୍ଦ ହେବା ଅବସ୍ଥା ଆସିଗଲା ଆର୍ଥିକ କାରଣରୁ। ନାରାୟଣ ପତି ଆର୍ଥିକ ସହଯୋଗ ଯୋଗାଇ ଦେଲେ ଓ ଅନ୍ୟତମ ପ୍ରଯୋଜକ ଭୂମିକାରେ ଅବତୀର୍ଣ୍ଣ ହେଲେ। ଜୟା ସ୍ୱାମୀ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରୁଥିଲେ। ଗୋଟିଏ ଗୀତ ଚଳଚ୍ଚିତ୍ରରେ ଜୟୀ ଓ ରୋମୀଙ୍କ ଉପରେ ପିକଚରଜାଇସେନ କରାଯାଇ ଥିଲା। ମାତ୍ର ଦୁର୍ଭାଗ୍ୟର କଥା ସେନସର ବୋର୍ଡ ତାକୁ ଅଶ୍ଳୀଳ କହି କାଟିଦେଲେ। କଲିକତାରେ ସେନସର ହୋଇଥିଲା। ମୋ ଜାଣିବାରେ ପୂର୍ବରୁ ହାକିମବାବୁ ଚଳଚ୍ଚିତ୍ରରେ ଗୋଟିଏ ଗୀତକୁ ମଧ୍ୟ ଏହି କାରଣରୁ ବାଦ୍ ଦିଆଯାଇଥିଲା। ମୋ ଗୀତରେ ସେପରି କିଛି ନଥିଲା। ତେବେ ମୋର ଅନ୍ୟ ଗୋଟିଏ ଗୀତ, 'କୋଟିଏ ତାରାରେ ଗୋଟିଏ ଜହ୍ନ' ୨୦୦୬ ମସିହାରେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପାଇବା ପାଇଁ ଯୋଗ୍ୟ ମନୋନୀତ ହୋଇଥିଲା ଓ ମୁଁ ଶ୍ରେଷ୍ଠ ଗୀତିକାରରେ ସମ୍ମାନିତ ହେଲି। ମୋ ପ୍ରତିଭାର ପ୍ରଥମ ସରକାରୀ ସ୍ୱୀକୃତି। ଓମ୍ ପ୍ରକାଶ ମହାନ୍ତିଙ୍କୁ ଓ ରତିକାନ୍ତ ଶତପଥୀଙ୍କୁ ଶ୍ରେଷ୍ଠ ସଂଗୀତ ନିର୍ଦ୍ଦେଶନା ଓ ଗାୟନ ପାଇଁ ମଧ୍ୟ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ମିଳିଥିଲା। ସମୁଦାୟ ୫ଗୋଟି କ୍ୟାଟେଗୋରୀରେ 'ଭାଗ୍ୟଚକ୍ର' ସମ୍ମାନିତ ହୋଇଥିଲା। ଅଗଷ୍ଟ ଆଠ ତାରିଖ ୨୦୦୬ ମସିହାରେ 'ଭାଗ୍ୟଚକ୍ର' ଓଡ଼ିଶାରେ ପ୍ରେକ୍ଷାଳୟକୁ ଆସିଥିଲା। (କ୍ରମଶଃ)

## କବିତା.... ଆମ ସମୟର

### ସୁବ୍ରତ କୁମାର ସେନାପତି

### ॥ ଏକ ଶ୍ୟାମଳ ବନଭୂମିର କଥା ॥



ପଚାରନା ପଚାରନା ଆଉ ସେ
ପରିକୀର୍ଣ୍ଣ ଶ୍ୟାମଳ ବନଭୂମିର କଥା
ଭାସିଆସେ ଯହୁଁ ଏକ ଚିର କ୍ଷୁଧିତ ହର୍ଯ୍ୟକ୍ଷର
ପରିକୀର୍ତ୍ତନ,ତୁମକୁ କାହୁଁ ବା ମିଳିବ ସେଇଠୁ
ଝୁଣା, ଲାଖ, ମହୁର ନିର୍ଯ୍ୟାସ ?
ଶୁଭୁଥିବ ଖାଲି ଯାହା ଏମିତି
ବର୍ଷ ପରେ ବର୍ଷ
ନାଗଅଇରୀ ବୁଦାମୂଳୁ କେଇଟା ନିରୀହ
ଶଶଛୁଆର ଦୀର୍ଘଶ୍ୱାସ ।

ସକଳ ଶଶ-ଶଶକ ଯେତେ
ଶଶ ବିଷାଣର ଆଶା ଘେନି ବସିଛନ୍ତି ଗୁମ୍ଫାର ଦୁଆରେ
ଏବେ ବି ଶୁଣୁଛନ୍ତି ମୁଗ୍ଧହୋଇ
ପଶୁରାଜର ଶଶୀଠାର
କେଜାଣି କିଏ ଖୋଲିଦେବ ଦିନେ
ସେମାନଙ୍କ ଆଖିର ଅନ୍ଧ ପୁଟୁଳା

ପାରିବେ ଦେଖି ନୃପବର ଆଖିରେ
ଦପଦପ ହୋଇ ଜଳୁଥିବା
ଭୋକର ଲେଲିହାନ ଶିଖା
ଅନ୍ଧାର ଭିତରେ ଖୋଜି ଖୋଜି ପାଇବେ ସକଳେ
କେବେ ଠୁଁ ନିଖୋଜ ଶାବକଙ୍କ ରକ୍ତାକ୍ତ ଦେହର ସକଳ
ଅବିଶ୍ୱସ୍ତ ଝଡ଼ ସାଥେ ଏମିତି ନିତ୍ୟ ନୈମିତ୍ତିକ
ଆସୁଥିବ କଣ
ଗୋଟେ ରକ୍ତଭିଜା ସକାଳ ?

ଚାରିଆଡ଼େ ଅସ୍ୱସ୍ତିର ରେରେକାର
ଆତଂକର ପବିନାଦ

ବାଜିଉଠୁଛି ଦୂର ପର୍ବତ ଦେଶେ ମରଣ ଦୁନ୍ଦୁଭି
ତଥାପି ନିର୍ବୋଧ ଶଶ ସବୁ
ତ୍ରସ୍ତ, ମୋହିତ, ପ୍ରଲୁବ୍ଧ
ଏ ଧୂର୍ତ୍ତ କେଶରୀର ଦୁସ୍ତର ମାୟାରେ
ଏବେ ଏବେ ଭରିଯାଏ ହଳଦୀବସନ୍ତର ରଙ୍ଗ
ଅରଣ୍ୟର ପାଦପ ରାଜିରେ
ପତ୍ରଝଡ଼ାର ଋତୁ ଆସେ ଶ୍ୟାମଳ କାନ୍ତାରେ
ଏକ ରକ୍ତପିପାସୁର ଛଳନା କରମ୍ବିତ ମହାନୁଭବତାରେ ।

♥ ଖାରବେଳ ଛାତ୍ରାବାସ,ଓୟୁଏଟି, ଭୁବନେଶ୍ୱର
ଫୋନ:୭୯୭୮୧୬୮୧୯୩

### ଭବାନୀ ଶଙ୍କର ନାୟକ

### ॥ ରୂପ ରୂପାନ୍ତର ॥



କଳା ମଚମଚ ପଥର
ଖୁବ୍ ଦ୍ୱନ୍ଦ୍ୱରେ ପଡ଼ିଯାଏ ।
ଯେବେ ଖୋଦାହୁଏ
ଧ୍ୟାନମଗ୍ନ ବୁଦ୍ଧ
ଅର୍ଦ୍ଧନଗ୍ନ ଗାନ୍ଧୀ ଅବା
ଯୁବ ଈଶ୍ୱର ତାରି ଦେହରେ ।

ସେ ଜାଣେ କେଉଁ କାଳର
ଧୂଳି ଧୂସରିତ ଆକାଶର ଭାରେ
ତଳେ ମୁହଁ ମାଡ଼ି ପଡ଼ିଥାଏ ।

ଝରଣାର ରାସ୍ତା ଖୋଲୁ ଖୋଲୁ
ନିଜେ ତୃଷାର୍ତ୍ତ ହୁଏ
ଢୋକିଯାଏ ଯେତକ ଶ୍ରାବଣ,
ଗଛମାନଙ୍କ କ୍ଳାନ୍ତ ଆଖି ଦେଖି
ଛାତି ଦୁମ୍ ଦୁମ୍ ହୁଏ, ବୁଝିପାରେ
ନିଃଶବ୍ଦ ଝଡ଼ର କାରଣ ।

ସେ ଧୂ ଧୂ ନିଆଁରେ ଜମାଟ୍ ବାନ୍ଧେ
ଜଳେ ବରଫ ଶିଖାରେ
ଆଶ୍ଚର୍ଯ୍ୟ !
ସେତେବେଳକୁ
ଜୀବନ ନଥାଏ କାହାରି ଆଖିରେ ।
ସମସ୍ତେ ପଥର ପାଲଟି ଯାଇଥାନ୍ତି

ବୁଦ୍ଧ, ଗାନ୍ଧୀ, ଈଶ୍ୱରଙ୍କ
ଭୟରେ ନା ଲୋଭରେ ?

ପଥର ସମୁଦ୍ର ଠାରୁ
ଦୂରରେ ରହିପାରେ
ନିଜ ଦେହରେ ସମାଧି ଦେଇ
କଲମ ଓ କମାଣକୁ
ଅତି ସତର୍କତାରେ,
ସେଥିପାଇଁ ବୋଧେ
ହାତୁଡ଼ି ଓ ନିହାଣ ଦେଖିଥିବା

ସ୍ୱପ୍ନ ସବୁକୁ ଅବିକଳ
ଉତ୍ତାରି ପାରେ ଭଙ୍ଗୁର ଛାତିରେ ।

ଗାଉଥାଏ ସଙ୍ଗୀତ
ସୁନେଲି ସକାଳର
ରକ୍ତିମ ସନ୍ଧ୍ୟାର
ମୌନୀ କୋଣାର୍କର,
ଏଠି ସମସ୍ତେ ପଥରରେ ଗଢା
ଜୀବନ୍ୟାସ ଅପେକ୍ଷାରେ
କାହାର ଶୀତଳ ସ୍ପର୍ଶର ।

♥ ଲାଡ଼, କୁଚିଣ୍ଡା, ସମ୍ବଲପୁର
ମୋ-୯୯୩୮୩୪୪୬୮୧

### ମହାଦେବ ପ୍ରଧାନ

### ॥ ମୁକ୍ତି ॥



ଦିନେ ମାଗିଥିଲି ନା
ମୋତେ ଶାମୁକାଏ ନିରବତା ଦିଅ
ମୁଁ ଲେଖିଯିବି ଗୁଡ଼ାଏ କବିତା..

ଆଜି କିନ୍ତୁ ସେ ନିରବତା
ବଢ଼ି ବଢ଼ି
ନଈପାଣି ପରି ବେକଯାଏ..

ଜାଣି ନଥିଲି
ନିରବତା ବି ବୃନ୍ଦଗାନ କରିପାରେ
ଓ ଶବ୍ଦ ହୀନତା ବଜ୍ରପରି ଚେର ମେଲିଦିଏ
ଏମିତି ଭିତରେ..

ଯେମିତି
ଚେମେରି ବାଦୁଡ଼ି ମାନଙ୍କ ଚିଂ ଚାଂ ଧ୍ୱନିରେ ଅସମ୍ଭବ
ମୁଖରିତ ହେଉଥିବା ଗୋଟେ ଲଣ୍ଡା ବରଗଛ ମୁଁ..

ଫୁଙ୍କା ବେଲୁନ୍ ଭିତରୁ ପବନ ଭଳି
ଏବେ ଆସ୍ତେ ଆସ୍ତେ
ଆଙ୍ଗୁଠି ଫାଙ୍କରୁ ଖସି ଯାଉଛି
ଋତୁମାନଙ୍କ ଆୟୁଷ
ନାଁ ମୁଁ ମୁକ୍ତ ହେଇ ପାରିଲି ସେ କୋଳାହଳ ଭିତରୁ ଏଯାଏଁ
ନାଁ ତମେ ମୁକ୍ତ କରିପାରିଲ ମୋତେ ଆଜୀବନ

ଦେଖ ମୁକ୍ତ ହେବା ଲୋଭରେ
ଚାଲି ଆସିଛି ନିରଞ୍ଜନା ତଟକୁ
ଅଥଚ ଏ ଯୋଉ ବିରାଟ ବୋଧିଦ୍ରୁମ
ଯା' ତଳେ ସମୁଦ୍ର ପରି ଲମ୍ବି ଥିବା ସୁଦୀର୍ଘ ଛାଇ
ଯାହା କୋରଡରେ ଚଢେଇ, ଗୁଣ୍ଡୁଚିଙ୍କ ଆତଯାତ
ଯୋଉଠି ଜନ୍ମ, ଜୀବନ, ପ୍ରେମର
ଫୁଲ ଫଳରେ ଭାଙ୍ଗି ପଡୁଥିବା ଡାଳ ପତ୍ର।

ସେଠି ନିରବତା କାହିଁ
ନିରାସକ୍ତି ଅବା ନିର୍ବାଣ କାହିଁ ?

କହି ପାରିବ ଏ ସବୁଥିରୁ
ଏବେ ମୁଁ ମୁକ୍ତ, ନାଁ ମୃତ ନାଁ ପୁନରୁଥିତ..

♥ ଗାରୋଇ,ନାଉଗାଁ, ଜଗତସିଂହପୁର
(ମୋ) ୮୨୪୯୫୧୬୭୬୫.

### ଭକ୍ତ ଚରଣ ସୁନାନୀ

### ॥ ଚୁଲି ॥



ଯେଉଁ ଦିନ ମୋ ମାଁର ଦେହ ଖରାପ ହୁଏ
ମୂଲ ଲାଗି ଯାଇ ପାରେନି
ସେହି ଦିନ ଆମ ଘରେ ଚୁଲି ଜଳେନି
କିନ୍ତୁ ଦାଉ ଦାଉ ଜଳେ ଆମ ଭୋକିଲା ପେଟ
ସେମିତି ପଡ଼ିଥାଏ ଚୁଲି ମୁହଁରେ
ଦରପୋଡା କାଠ।

ମୁହଁ ପୋତି ବସିଥାଏ ଚୁଲି
ଆମ ଝାଟିମାଟିର କୁଡ଼ିଆରେ
ଅସଜଡା ହୋଇ ଏଣେ ତେଣେ ପଡିଥାଏ
ଭାତ ହାଣ୍ଡି, ଡେକଚି, କଢେଇ, ଥାଳି, ଗିନା
ଭଙ୍ଗା ଖପରାରେ ଦୁଃଖକୁ ସାଉଁଟି
ଲୁହ ଢାଳୁଥାଏ ମାଁ।

ଆମେ ସମସ୍ତେ ଚୁଲିକୁ ଅନେଇ ବସିଥାଉଁ
ସକାଳରୁ ସଞ୍ଜ ହାଇ ମାରି
ଗାଲେ ହାତ ଦେଇ
ଶୁଖିଲା ଓଠରେ ଲାଳ ଢୋକି
କେତେବେଳେ ଶୋଇପଡୁ ଭୂଇଁ ଉପରେ
ଭୋକରେ କଲବଲ ହୋଇ।

ସେମିତି ଉପବାସରେ
କଟିଯାଏ ଦିନ ବିତିଯାଏ ରାତି
ମାଁର ଓଦା ପଣତରେ
ବତୁରିଯାଏ ଭୋକିଲା ପେଟ
ଶୁଖିଲା ଓଠ, ଅଥଚ
ଗୋଟିଏ କୋଣରେ ସେଇମିତି ଚୁପଚାପ୍
ବସିଥାଏ ଚୁଲି
ଆମର ସବୁ ଦୁଃଖକୁ ତା'ର ଛାତି ତଳେ ସାଇତି।

♥ ଖୁଣ୍ଟିଆ, ପର୍ଲା, କଳାହାଣ୍ଡି
(ମୋ) ୯୩୩୭୬୭୪୬୭୧

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର, ରବିବାର, ୨୧ ନଭେମ୍ବର, ୨୦୨୧




## ପ୍ରେମରେ ପ୍ରେମରେ ଗୀତି ....(୨୪)



### ॥ ବୟସର ଗୋଟେ ଦୋଷ ॥

ନିଶୀଥିନୀ ଆମ ପ୍ରଥମ ନିଶୀଥ
ଆଳାପରେ ହେଲା ଶେଷ,
ପ୍ରଳାପରେ ଭରା ସଂଳାପ ତୁମର
ବୟସର ଗୋଟେ ଦୋଷ ।

ଗଳପରୁ ତୁମ ଯେତିକି ବୁଝିଲି
ଅଳପରେ ଦେବି କହି,
କୁଆଁରୀ ମନର ତନୁ ତନିମାକୁ
ଚୋରାଇ ନେଇଛି କେହି,
ରହିଛି ଗୋପନ ବାଢ଼ୁଅ ସପନ
କେମିତି ରଚିବ ରାସ ।

ପ୍ରେମର ପୂଜାରୀ ତୁମରି ପ୍ରେମକୁ
ପ୍ରଣାମ କରୁଛି ସହୀ !
ନାରୀ ଦେହ ନୁହେଁ ସିନ୍ଦୂର ଆଳରେ
କିଣାବିକା ହେବା ପାଇଁ,
ପ୍ରଥମ ପୁରୁଷ ପ୍ରଥମ ପ୍ରେମ ତ
ଏକ ଅନ୍ତଃହୀନ ଶୋଷ ।


■ ବିପିନ ମହାନ୍ତି

♥ ୩୩, ଗଡ ମହାବୀର ବିହାର, ଗ୍ୟାରେଜ ଛକ, ଭୁବନେଶ୍ୱର-୨
(ମୋ) ୯୮୬୧୧୪୪୯୯୧





## ■ ସ୍ମରଣୀୟେଷୁ ■

## ନବ ଉତ୍କଳର ନିର୍ମାତା ଡ଼ଃ ହରେକୃଷ୍ଣ ମହତାବ



ଭାରତବର୍ଷର ସ୍ୱାଧିନତା ସଂଗ୍ରାମୀ, ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ, ପୂର୍ବତନ କେନ୍ଦ୍ରମନ୍ତ୍ରୀ, ବମ୍ବେର ପୂର୍ବତନ ରାଜ୍ୟପାଳ, ବିଶିଷ୍ଟ ଲେଖକ, ସାରସ୍ୱତ ସାଧକ, ନବ ଉତ୍କଳ ନିର୍ମାଣ ର ପୁରୋଧା କୀର୍ତ୍ତୀମାନ ଡ଼ଃ ହରେକୃଷ୍ଣ ମହତାବ।

ଡ଼ଃ ହରେକୃଷ୍ଣ ମହତାବ ୧୮୯୯ ମସିହା ନଭେମ୍ବର ୨୧ ତାରିଖରେ ଓଡ଼ିଶାର ଭଦ୍ରକ ଜିଲ୍ଲାର ଆଗରପଡାଠାରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତାଙ୍କ ନାମ କୃଷ୍ଣ ଚରଣ ମହତାବ ଓ ମାତାଙ୍କ ନାମ ତୋହଫା ଦେବୀ। ତାଙ୍କର ମାଟ୍ରିକ ପଢ଼ା ଭଦ୍ରକ ହାଇସ୍କୁଲରେ ସମାପ୍ତ ହୋଇଥିଲା, ତାପରେ କଟକର ରେଭେନ୍ସା କଲେଜରେ ପାଠ ପଢ଼ିଥିଲେ। ୧୯୨୧ ମସିହାରେ ପାଠ ପଢ଼ା ଛାଡ଼ି ଭାରତର ସ୍ୱାଧିନତା ସଂଗ୍ରାମରେ ନିଜକୁ ନିୟୋଜିତ କରିଥିଲେ। ୧୯୨୩-୨୪ରେ ଡ଼ଃ ମହତାବ ଓଡ଼ିଶା ପ୍ରଜା ଆନ୍ଦୋଳନର ନେତୃତ୍ୱ ଗ୍ରହଣ କରି କାରାବରଣ କରିଥିଲେ । ୧୯୨୪ ମସିହାରେ ସେ ତତ୍କାଳୀନ ବିହାର-ଓଡ଼ିଶା ପ୍ରଦେଶର ସଭ୍ୟ ରୂପେ ନିର୍ବାଚିତ ହୋଇଥିଲେ।

୧୯୩୦-୩୧ରେ ବାଲେଶ୍ୱରର ଇଞ୍ଚୁଡ଼ିଠାରେ ଲବଣ ସତ୍ୟାଗ୍ରହ ଓ ଆଇନ ଅମାନ୍ୟ ଆନ୍ଦୋଳନକୁ ପରିଚାଳନା କରି ଦୁଇ ଥର କାରାବରଣ କରିଥିଲେ।

୧୯୩୬ ମସିହାରେ ନିଖିଳ ଭାରତ କଂଗ୍ରେସ କାର୍ଯ୍ୟକାରୀ କମିଟିର ସଭ୍ୟ ମନୋନୀତ ହୋଇ ୧୯୪୬ ପର୍ଯ୍ୟନ୍ତ ଅବସ୍ଥାପିତ ଥିଲେ । ୧୯୩୭ରେ ସେ ଓଡ଼ିଶା ରାଜ୍ୟ କଂଗ୍ରେସରେ ସଭାପତି ଭାବେ ଯୋଗଦାନ କରିଥିଲେ । ୧୯୩୮ରେ ସେ ଜାତୀୟ କଂଗ୍ରେସର କାର୍ଯ୍ୟକାରୀ ସମିତିର ସଭ୍ୟରୂପେ ମନୋନୀତ ହୋଇଥିଲେ । ୧୯୪୬ରୁ ୧୯୫୦ ପର୍ଯ୍ୟନ୍ତ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହୋଇଥିଲେ ଓ ପୂନର୍ବାର ୧୯୫୬ ରୁ ୧୯୬୧ ପର୍ଯ୍ୟନ୍ତ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହୋଇଥିଲେ। ୧୯୫୦ରୁ ୧୯୫୨ ପର୍ଯ୍ୟନ୍ତ ସେ କେନ୍ଦ୍ର ଶିଳ୍ପ, ବାଣିଜ୍ୟ ଓ ଯୋଗାଣ ମନ୍ତ୍ରୀ ଭାବରେ କାର୍ଯ୍ୟ କରିଥିଲେ । ୧୯୫୫-୫୬ରେ ସେ ବମ୍ବେ ରାଜ୍ୟର ରାଜ୍ୟପାଳ ହେବାର ସୌଭାଗ୍ୟ ଲାଭ କରିଥିଲେ । ୧୯୬୨ରେ ସେ ଅପ୍ରତିଦ୍ୱନ୍ଦୀ ଭାବେ ଲୋକ ସଭାକୁ ନିର୍ବାଚିତ ହୋଇଥିଲେ । ୧୯୬୭, ୧୯୭୧ ଓ ୧୯୭୪ ମସିହାରେ ସେ ଓଡ଼ିଶା ବିଧାନ ସଭାକୁ ନିର୍ବାଚିତ ହୋଇଥିଲେ।

କନିକା ଓ ରଣପୁର ପ୍ରଜାମେଳୀ ଓ ଓଡ଼ିଶାର ଗଡ଼ଜାତ ମିଶ୍ରଣରେ ଡ଼ଃ ହରେକୃଷ୍ଣ ମହତାବଙ୍କର ପ୍ରମୁଖ ଭୂମିକା ରହିଥିଲା।

ଓଡିଶା ଓ ଓଡ଼ିଶାବାସୀଙ୍କୁ ସର୍ବତ୍ର ଭାବେ ସୁରକ୍ଷିତ ରଖିବା ପାଇଁ ହୀରାକୁଦ ବନ୍ଧ ଥିଲା ତାଙ୍କର ଏକ ଅଭିନବ ପରିକଳ୍ପନା। ଓଡ଼ିଶାର ଯୁବଶକ୍ତିକୁ ଉପଯୋଗ କରିବା ପାଇଁ ରାଉରକେଲା ଇସ୍ପାତ କାରଖାନା ଭଳି ପ୍ରକଳ୍ପର ପ୍ରତିଷ୍ଠା କରିଥିଲେ । ଡୁଡୁମା ଜଳ ବିଦ୍ୟୁତ୍ ପ୍ରକଳ୍ପ, ଆସ୍କାର ଚିନି କଳ, ପାରାଦୀପ ବନ୍ଦର, ଚୌଦ୍ୱାର ଲୁଗା କାରଖାନା, ଓଡ଼ିଶା ଟେକ୍ସଟାଇଲ ମିଲ ପ୍ରତିଷ୍ଠା, କଟକ ଆକାଶବାଣୀ କେନ୍ଦ୍ର ପ୍ରତିଷ୍ଠା, ବାରବାଟୀ ଷ୍ଟାଡିୟମ ନିର୍ମାଣ ଓ ଭୂବନେଶ୍ୱର ନୂଆ ରାଜଧାନୀ ପ୍ରତିଷ୍ଠା, ବିଧାନ ସୌଧ, ସଚିବାଳୟ, ଉତ୍କଳ ବିଶ୍ୱବିଦ୍ୟାଳୟ, କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଆଦି ପ୍ରତିଷ୍ଠାରେ ତାଙ୍କର ପ୍ରମୁଖ ଭୂମିକା ରହିଥିଲା।

ଓଡ଼ିଶା ଅଲମ୍ପିକ ଆସୋସିଏସନର ସେ ପ୍ରତିଷ୍ଠାତା ସଭାପତି ଥିଲେ।

୧୯୨୩ ମସିହାରେ ସେ ସାପ୍ତହିକ ଖବରକାଗଜ ପ୍ରଜାତନ୍ତ୍ର ପ୍ରତିଷ୍ଠା କରିଥିଲେ, ଯାହା ଏବେ ଦୈନିକ ପ୍ରକାଶ ପାଉଛି । ତାଙ୍କଦ୍ୱାରା ସାହିତ୍ୟ ପତ୍ରିକା ଝଙ୍କାରର ପ୍ରତିଷ୍ଠା ଓ 'ବିଷୁବ ମିଳନ' ଆୟୋଜନ ଓଡ଼ିଆ ସାହିତ୍ୟକୁ ପ୍ରଗତି ପଥରେ ନେଇଛି । ସେ ଅନେକ ଉପନ୍ୟାସ ରଚ଼ନା କରିଥିଲେ ସେଗୁଡ଼ିକ ହେଲା ନୂତନ ଧର୍ମ, ଟାଉଟର, ଅବ୍ୟାପାର,

ପ୍ରତିଭା-୧୯୪୬,ତୃତୀୟ ପର୍ବ।

ତାଙ୍କ ଦ୍ୱାରା ଲିଖିତ କବିତା ସଂକଳନ ହେଲା ଚାରି ଚକ୍ଷୁ,ପଲାସୀ, ଅବସାନେ, ଶେଷ ଅଶୃ, ନନ୍ଦିକା, ଲଳିତା, ରାଜାରାଣୀ, ଛାୟାପଥର ଯାତ୍ରୀ ଆଦି।

ଡ଼ଃ ହରେକୃଷ୍ଣ ମହତାବଙ୍କ ଲିଖିତ ଓଡ଼ିଶା ଇତିହାସ, ଆତ୍ମଦାନ, ରୂପାନ୍ତର, ଇତିହାସର ପରିହାସ, ପ୍ରବଚନ, ଗୁପ୍ତ ପ୍ରଣୟ, ଭାରତୀୟ ସଂସ୍କୃତି, ନେତା ଓ ଜନତା, ଦଶ ବର୍ଷର ଓଡ଼ିଶା, ଗାନ୍ଧୀଜୀ ଓ ଓଡ଼ିଶା, ଆରବ ସାଗରରୁ ଚିଲିକା, ଗାଁ ମଜଲିସ ଓ ଆଧୁନିକତା ଇତ୍ୟାଦି। ତାଙ୍କ ଆତ୍ମଜୀବନୀ ହେଲା 'ସାଧନାର ପଥେ'।

ଡ଼ଃ ହରେକୃଷ୍ଣ ମହତାବ ଓଡ଼ିଶା ସାହିତ୍ୟ ଏକାଡେମୀ ଓ ସଂଗୀତ ନାଟକ ଏକାଡେମୀର ସଭାପତି ଭାବେ ଅନେକଥର ନିର୍ବାଚିତ ହୋଇଥିଲେ । ତାଙ୍କୁ ଆନ୍ଧ୍ର ବିଶ୍ୱବିଦ୍ୟାଳୟରୁ ସମ୍ମାନଜନକ ଡକ୍ଟରେଟ ଉପାଧି ଦିଆଯାଇଥିଲା, ତାହା ସହିତ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଡି.ଲିଟ. ଓ ଆଇନରେ ସାଗର ବିଶ୍ୱବିଦ୍ୟାଳୟରୁ ଡକ୍ଟରେଟ ଉପାଧି ମିଳିଥିଲା ।

ଡ଼. ହରେକୃଷ୍ଣ ମହତାବ 'ଓଡ଼ିଶା ଇତିହାସ' ପୁସ୍ତକ ଲେଖିଥିଲେ। ଓଡ଼ିଶାର ପରାକ୍ରମୀ ଯୋଦ୍ଧାଙ୍କ ତ୍ୟାଗ, ତପସ୍ୟା, ବୀରତ୍ୱର ଗାଥା, ବୁଦ୍ଧିମାନ ସମାଜ ଉପରେ ଆଧାରିତ ଏହି ପୁସ୍ତକରେ କଳିଙ୍ଗ ଯୁଦ୍ଧ, ଖାରବେଳ ଶାସନ, ୧୮୧୭ର ପାଇକ ବିଦ୍ରୋହ, ସ୍ୱାଧୀନତା ସଂଗ୍ରାମ ଏବଂ ଆଧୁନିକ ଓଡ଼ିଶା ପାଇଁ ତାଙ୍କର ଥିବା କଳ୍ପନା ଇତ୍ୟାଦି ବର୍ଣ୍ଣିତ। ସେହି ମହାନ୍ ଜନନାୟକଙ୍କର ବିୟୋଗ ୨ ଜାନୁୟାରୀ ୧୯୮୭ ମସିହାରେ ହୋଇଥିଲା। ଆଜି ତାଙ୍କର ଜୟନ୍ତୀ ଅବସରରେ ବିନମ୍ର ଶ୍ରଦ୍ଧାଞ୍ଜଳୀ ଓ କୋଟି କୋଟି ପ୍ରଣାମ।




ବିଶ୍ୱବିଜୟୀ ଦାଶ
+ ଗମ୍ଭାରିମୁଣ୍ଡା, ବାଣପୁର, ଖୋର୍ଦ୍ଧା-୭୫୨୦୩୫
ମୋ: ୬୩୭୦୨୦୮୪୨୮


## ଧାରାବାହିକ ଉପନ୍ୟାସ

# ରାଜନୀତି


ସୃଷ୍ଟିଧର ପରିଡା
♥ ଦେବଶ୍ରୁତି ନିବାସ, ଜେଲରୋଡ, ବାଲେଶ୍ୱର, (ମୋ) ୯୪୩୭୦୬୩୭୦୫




ରାଜନୀତି ପାଇଁ ମଣିଷ କେମିତି ତୁଚ୍ଛ କରିଦିଏ ନିଜ ଘର, ଦ୍ୱାର, ଆତ୍ମୀୟ-ସ୍ୱଜନ, ବଂଧୁ ପରିଜନଙ୍କୁ , ତାହାହିଁ ମୋତେ ଅନେକାଂଶରେ ବିବ୍ରତ କରେ, ଯାହାକୁ ନେଇ ଏଇ ଉପନ୍ୟାସର ସୃଜନ। ଲେଖକଟିଏ ନିଜ ଭିତରେ ଆଶାବାଦର ସ୍ୱପ୍ନଦେଖେ, ପୂରଣ ନହେଲେ ନିରାଶାରେ ବୁଡିଯାଏ ଏବଂ ସେଥିରେ ତା' ସ୍ୱପ୍ନ ଭାଂଗିଯାଏ ଏବଂ ସେ ସେସବୁକୁ ଗୋଟେଇଗାଟେଇ ନିଜ ଲେଖାରେ ଚିତ୍ରରୂପ ଦିଏ, ଏହା ମୋର ବି ପ୍ରୟାସ । - ଲେଖକ

ଭାଗ-୧୨
(ପୂର୍ବ ପ୍ରକାଶିତ ଉତ୍ତାରୁ..)

ନିର୍ବାଚନ ଯେତେ ପାଖେଇ ଆସୁଥିଲା ମନ୍ତ୍ରୀ ବିଜୟାନନ୍ଦଙ୍କ ତତ୍ପରତା ସେତେ ବଢୁଥିଲା । କର୍ମୀମାନଙ୍କୁ ତାଙ୍କର କଡା ନିର୍ଦ୍ଦେଶ, ଯେକୌଣସି ଉପାୟରେ ଓଁକାରନାଥ ଜିତିବା ଦରକାର । ଓମ୍‌ଙ୍କର ଏହି ବିଜୟ ମନ୍ତ୍ରୀ ବିଜୟାନନ୍ଦଙ୍କ ବିଜୟ । ବିଜୟାନନ୍ଦ କେବେ ହାରିନାହାନ୍ତି କି ହାରିବା ଶିଖିନାହାନ୍ତି । ସେ ହାରିବା ଅର୍ଥ ମରିବା ସହ ସମାନ । ସେ ସବୁ ସହିବେ ହାରିବା ସହିବେ ନାହିଁ କେବେହେଲେ ।

ଲଗାତର ଚାଲିଥିଲା ଦଳର କର୍ମୀମାନଙ୍କର ବୈଠକ । ଯୋଜନାବଦ୍ଧ ଭାବେ ନିଆଯାଉଥିଲା ଦଳର ପ୍ରତିଟି ପଦକ୍ଷେପ । ପ୍ରତ୍ୟକ୍ଷ ଭାବେ ଉଭୟ ମୌସୁମୀ ଓ ଓଁକାରନାଥ ମଧ୍ୟ କରୁଥିଲେ ନିର୍ବାଚନ ପରିଚାଳନା । ପ୍ରତି ଗାଁ, ପ୍ରତି ବ୍ଲକ, ପ୍ରତି ପଞ୍ଚାୟତରେ କର୍ମୀ ସମ୍ମିଳନୀ । ଭୋଜିଭାତ, ମେଳା ମଉଛବ ଲାଗୁଥିଲା ଯେମିତି । କିଣା ଯାଉଥିଲା ଶହଶହ କମ୍ବଳ । କିଣା ଯାଉଥିଲା ବିପୁଳ ସଂଖ୍ୟାରେ ଶାଢୀ, ଧୋତି, ପ୍ୟାଣ୍ଟ ସାର୍ଟ କପଡା । ବଣ୍ଟା ହେଉଥିଲା ରାତିରେ, ସମସ୍ତଙ୍କ ଆଗୋଚରରେ । କିଣା ଯାଉଥିଲା ଟିଭି, ଫ୍ରିଜ୍, ୱାସିଂ ମେସିନ୍, ପଞ୍ଚାୟତର ମୁଖ୍ୟମାନଙ୍କୁ ଉପହାର ଦେବା ପାଇଁ । କିଣା ଯାଉଥିଲା ମୋଟର ସାଇକେଲ ଶହଶହ ସଂଖ୍ୟାରେ, କରିତ୍‌କର୍ମା କର୍ମୀମାନଙ୍କ ପାଇଁ । ହଜାର ହଜାର ମୋବାଇଲ୍ କିଣା ହୋଇ ବଣ୍ଟା ଚାଲିଥିଲା । ନିର୍ବାଚନର ଉଷ୍ମତା ବଢିବଢି ଚାଲିଥିଲା ଦିନକୁ ଦିନ । କୋଉଠି ରୋଡ୍ ସୋ ତ କୋଉଠି ପଥପ୍ରାନ୍ତ ନାଟକ । ହିଟ୍ ଗୀତ ସ୍ୱରରେ ବନ୍ଧା ହୋଇ ଗୀତ ବାଜୁଥିଲା ଓଁକାରନାଥଙ୍କ ସପକ୍ଷରେ । ସ୍ୱୟଂ ବିଜୟାନନ୍ଦ ବି ଲଗାଇ ଦେଇଥାନ୍ତି ନିଜର ସମସ୍ତ ବଳ । ସମସ୍ତଙ୍କର ଗୋଟିଏ ମାତ୍ର ଲକ୍ଷ୍ୟ ଓଁକାରନାଥଙ୍କ ବିଜୟ ।

ପ୍ରତିଟି ପଞ୍ଚାୟତରେ ଚାଲିଥିଲା ଭୋଜି ଭାତର ହାଟ । ନିର୍ବାଚନ ମଣ୍ଡଳୀର ପ୍ରତି ମୁଖ୍ୟ ରାସ୍ତାରେ ହୋଡିଂରେ ଲାଗିଥିଲା ଦଳର ମୁଖ୍ୟଙ୍କ ସହ ଓଁକାରନାଥଙ୍କ ବଡବଡ ଫଟୋ ଓ ତୋରଣ । ବିଭିନ୍ନ ପ୍ରକାର ପ୍ରଚାର ପତ୍ର ସହ ଓଁକାରନାଥଙ୍କର ବଡ଼ ବଡ଼ ଫଟୋ ଥାଇ ପୋଷ୍ଟରମାନ ପ୍ରତିଟି ଘର କାନ୍ଥରେ ଶୋଭା ପାଉଥିଲା। ଚାରିଆଡେ କେବଳ ଓଁକାରନାଥ ହିଁ ଓଁକାରନାଥ । କୋଉଠି ଓଁକାରନାଥ ଉଡୁଥିଲେ ପବନରେ ତ କୋଉଠି ଆକାଶରେ । ସତେ ଯେମିତି ସମଗ୍ର ନିର୍ବାଚନ ମଣ୍ଡଳୀ କେବଳ ଓଁକାରମୟ !!

ସକାଳ ହେଲାମାତ୍ରେ ଓଁକାରନାଥଙ୍କ ଘରେ ସ୍ୱୟଂ ମନ୍ତ୍ରୀ ବିଜୟାନନ୍ଦ । ସତେ ଯେମିତି ଓଁକାରନାଥଙ୍କର କୌଣସି ଆତ୍ମୀୟ ! ଏପରିକି ନିଜ ନିର୍ବାଚନ ମଣ୍ଡଳୀରେ ଦାୟିତ୍ୱ ଠିକ୍ ଭାବେ ନ ବୁଝି, କର୍ମୀମାନଙ୍କ ଉପରେ ନ୍ୟସ୍ତ କରି ପହଞ୍ଚିଯାଉଥିଲେ ଓଁକାରନାଥଙ୍କ ଘରେ । ବେଳେବେଳେ ଆଲୋଚନା ପର୍ଯ୍ୟାଲୋଚନା ଭିତରେ ସେଇଠି ହିଁ ସରିଯାଏ ସକାଳ, ଦ୍ୱିପ୍ରହର ଏବଂ ରାତ୍ରୀଭୋଜନ । ଦିନେଦିନେ ରାତି ବି ସେଇଠି ବିତେ । ମନ୍ତ୍ରୀ ସମସ୍ତଙ୍କ ପାଇଁ ଗୋଟେ ବଡ ପ୍ରେରଣା । କର୍ମୀମାନଙ୍କର ମାନସିକ ବଳ । ଗାଁରେ ଅପୂର୍ବ ମାହୋଲ ଓ ପରିବେଶ । ସମସ୍ତଙ୍କ ଭିତରେ ବ୍ୟାକୁଳତା ଓ ଉତ୍କଣ୍ଠା । କଣ ହେବ ଏହାର ଫଳାଫଳ !

ବେକାର ଯୁବକମାନେ ଏଇ ନିର୍ବାଚନକୁ ମନେକରୁଥାନ୍ତି ଗୋଟେ ସୁଯୋଗ । କିପରି ଏଥିରୁ ଫାଇଦା ଉଠାଇ ହେବ, ସମସ୍ତେ ସେଇ ମତଲବରେ । କାରଣ ନିର୍ବାଚନ ପରେ ପ୍ରତିଶ୍ରୁତି ହୋଇଯାଏ ପାଣିର ଗାର । କଥା ମୁତାବକ କିଛି ହୁଏନାହିଁ, ଏକଥା ସମସ୍ତେ ଜାଣନ୍ତି । ତେଣୁ କିଛି ହେଉ ବା ନହେଉ କିନ୍ତୁ ଏଇ ନିର୍ବାଚନରେ ଫୁଲ ଫୁଟୁ, ମଳୟ ପବନ ବହୁ, ସ୍ୱପ୍ନମାନଙ୍କ ଦେହରେ ପର ଖଂଜା ହେଉ । ନିର୍ବାଚନ ପୂର୍ବରୁ ମାସେ ଦି ମାସ ପାଇଁ ତ ସେମାନଙ୍କ ପାଇଁ ଗୋଟେ ବଡ ପର୍ବ ! ମଦ ମାଂସ, ନାଚଗୀତରେ ମତୁଆଲା ହେବାର ଗୋଟେ ସୁଯୋଗ ! ସେମାନେ ଉଡି ବୁଲନ୍ତି ସ୍ୱପ୍ନର ପରୀ ରାଇଜରେ । ଉଡି ବୁଲିବାର ସମସ୍ତ ସାଧନ ଯୋଗାଇ ଦିଆହୁଏ ରାଜନୀତି କରିବା ନାଁରେ । ସମସ୍ତଙ୍କ ପାଇଁ ମେଲା ହୋଇଥାଏ ଦୁଆର । ଖୋଲା ରହିଥାଏ ହାତ, ସିଏ ଯୋଗୀ ହେଉ କି ଭିକାରୀ, ଗରିବଗୁରୁବା ହେଉ କି ଅମୀର । ମଦୁଆ ମାତାଲି ହେଉ କି ଗୁଣ୍ଡା ଦାଦା ହେଉ, କାହା ପାଇଁ କିଛି ପ୍ରଶ୍ନ ହିଁ ନଥାଏ । ସମସ୍ତଙ୍କୁ ଆଦର କରାହୁଏ ଆଲିଙ୍ଗନରେ, ଖର୍ଚ୍ଚ ହୁଏ ଖୋଲା ହୃଦୟରେ ।

ଏହି ଅର୍ଥ କେଉଁଠୁ ଆସେ, କିଏ ଦିଏ, ସେକଥା କେହି ଚିନ୍ତା କରନ୍ତି ନାହିଁ । କୋଉ ଅନୁଷ୍ଠାନ କେତେ ଦେଉଛି ସେସବୁର ହିସାବ ଥାଏ କେବଳ ବିଜୟାନନ୍ଦଙ୍କ ପାଖରେ । ସେସବୁ ବୁଝିବାକୁ ଓଁକାରନାଥଙ୍କର ଅଭିଜ୍ଞତା ହୋଇନାହିଁ । କୋଟି କୋଟି ଟଙ୍କା ପାଣି ପରି ବୋହିଯାଏ । ସେସବୁର ହିସାବ ରଖିବା ପାଇଁ କାହା ପାଖରେ ବେଳ କାହିଁ ! ଶିଳ୍ପପତି ସୁରେନ୍ଦ୍ର ବାବୁଙ୍କ ଗନ୍ତାଘରର ଚାବିକାଠି ତ କୋଉଦିନୁ ଖୋଲିଯାଇଛି ବିଜୟାନନ୍ଦଙ୍କ ପାଇଁ ।

କିନ୍ତୁ କେଉଁ ସ୍ୱାର୍ଥରେ ସିଏ ଏତେ ଅର୍ଥ ଦେଉଛନ୍ତି ? କ'ଣ ସେମାନଙ୍କର ଭିତିରି ଉଦ୍ଦେଶ୍ୟ ? ଏକଥା କେହି ଥରୁଟିଏ ଚିନ୍ତା କରୁ ନାହାନ୍ତି । ଖାଇ ପିଇ, ମଉଜମସ୍ତି କରି ଟଙ୍କା ନେଇ ଭୋଟ ଯୋଗାଡ କରିବା ଏମାନଙ୍କର ଏକମାତ୍ର କାମ ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଥିଲା ନିର୍ବାଚନ ପୂର୍ବର ଶେଷ ଦୁଇ ରାତି। ଏହି ଦୁଇ ରାତି ସବୁ ନେତାଙ୍କର ଭାଗ୍ୟକୁ ଓଲଟ ପାଲଟ କରିବାର ରାତି, ଏକଥା କହିଥାନ୍ତି ସ୍ୱୟଂ ବିଜୟାନନ୍ଦ । ଏହି ଦୁଇ ରାତିରେ ଠିକ୍ ଭାବେ ଯଦି କର୍ମୀ ଓ ଭୋଟରମାନଙ୍କ ସହ ସମନ୍ୱୟ ରକ୍ଷା କରା ନଯାଏ ତେବେ ପ୍ରାର୍ଥୀ ପାଇଁ ଜିତିବା ଅସମ୍ଭବ । ରାତ୍ରୀଚର ପରି ଘର ଘର ବୁଲି ଟଙ୍କା, ଶାଢ଼ୀ, ଟିଭି, ସାଇକେଲ, ଫ୍ରିଜ୍, ମୋବାଇଲ, ସୁନାଗହଣା, ମଦ ଓ ମାଂସ ବଣ୍ଟା ଚାଲିଥାଏ । ଏହି ରାତିରେ କେହି ଶୁଅନ୍ତି ନାହିଁ, ନେତା କି ଭୋଟର । ପ୍ରତ୍ୟେକ ଘର ଭିତରୁ ଏକାଧିକ ଆଖି ଅପେକ୍ଷାରେ ଥାଏ । କେତେବେଳେ କିଏ ଆସିବ ? କୋଉ ଦଳର ନେତା ଆସିବେ ? ତାଙ୍କ ସହିତ କେମିତି ମୂଲଚାଲ କରାଯିବ ।

ଯିଏ ଯେତେ ଅଧିକ ଦେବ ସିଏ ସେତେ ଫାଇଦାରେ ରହିବ । ଏଥିରେ ବିଜୟାନନ୍ଦ ପକ୍‌କା ଖେଳାଳୀ । ଶିଳ୍ପପତି ସୁରେନ୍ଦ୍ରବାବୁଙ୍କ ଅର୍ଥାଗାରର ଦ୍ୱାର ମେଲା । ମୁକ୍ତହସ୍ତ ମୁକ୍ତମନରେ ବଣ୍ଟା ଚାଲିଥିଲା ଟଙ୍କା, ମଦ ଓ ଭୋଜି । ତେଣୁ ବିଜୟାନନ୍ଦ ଓ ଓଁକାରନାଥଙ୍କ ପରି ଦରଦୀ ଲୋକ ସମସ୍ତଙ୍କର ପ୍ରିୟ ମଣିଷ - ପ୍ରିୟ ନେତା ।

ଶେଷରେ ନିର୍ବାଚନର ଫଳାଫଳ ଘୋଷଣା ହେଲା । ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେଲେ ଓଁକାରନାଥ । ବିପୁଳ ଭୋଟ୍ ବ୍ୟବଧାନରେ ସେ ହାସଲ କଲେ ଏହି ବିଜୟ । ବହୁ ଦିନର ଆକାଂକ୍ଷିତ ସ୍ୱପ୍ନ ତାଙ୍କର ସାକାର ହେଲା । ଖୁସିରେ ଆତ୍ମହରା ହୋଇଗଲେ ଓଁକାରନାଥ । ଆନନ୍ଦରେ ଝୁମି ଉଠିଲା ତାଙ୍କ ନିର୍ବାଚନ ମଣ୍ଡଳୀ । କର୍ମୀମାନଙ୍କ ଫୁଲତୋଡା, ଫୁଲମାଳର ସ୍ତୁପ ଭିତରେ ପୋତି ହୋଇ ଯାଇଥିଲେ ଓଁକାରନାଥ । ବିଶାଳ ସମାବେଶରେ, ନାଚ ଗୀତର ପଟୁଆର ଭିତରେ ଓଁକାରନାଥ ପରିକ୍ରମା କଲେ ତାଙ୍କ ନିର୍ବାଚନ ମଣ୍ଡଳୀ । ଜୟଜୟକାର ଶବ୍ଦରେ କମ୍ପୁଥିଲା ପୃଥିବୀ,ଆକାଶ । ବିଶେଷ ଭାବେ ସଜା ହୋଇଥିବା ଗାଡିରେ ଓଁକାରନାଥଙ୍କ ସହ ରୋଡ୍ ସୋରେ ବିଜେ କରିଥିଲେ ମନ୍ତ୍ରୀ ବିଜୟାନନ୍ଦ ।

ଖୁସିରେ ଗଦ୍‌ଗଦ୍ ହେଉଥିଲେ ମନ୍ତ୍ରୀ ବିଜୟାନନ୍ଦ । ସତେ ଯେମିତି ଏ ବିଜୟ ଓଁକାରନାଥଙ୍କର ନୁହେଁ, ତାଙ୍କର । ଦୀର୍ଘ ଦିନର ଆଶା ପୂରଣ ହୋଇଛି, ସ୍ୱପ୍ନ ସାକାର ହୋଇଛି । ସେ ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରିଛନ୍ତି ।

ୟା' ପରେ ସବୁ କିଛି ତାଙ୍କ ହାତ ମୁଠାରେ । ଓଁକାରନାଥ କେବଳ ନାମକୁ ମାତ୍ର । ବିଜୟାନନ୍ଦ ଜାଣନ୍ତି, ଓଁକାରନାଥ ବାହାରିପାରିବେ ନାହିଁ ତାଙ୍କ ଆଜ୍ଞାର ପୃଥିବୀ ଭିତରୁ । ମୁକୁଳାଇ ପାରିବେ ନାହିଁ ତାଙ୍କ ନିଜତ୍ୱକୁ । ଭିତରେ ଭିତରେ ଅଟ୍ଟହାସ୍ୟ କରୁଥିଲେ ବିଜୟାନନ୍ଦ । ଏଥର ତାଙ୍କର ଉଦ୍ଦେଶ୍ୟ ପୂରଣ ହେବାରେ ବାଧାନାହିଁ । ସିଏ କଥା ଦେଇଥିଲେ ଓଁକାରନାଥଙ୍କୁ ବିଧାୟକ କରିବେ, କଲେ । ଏଥର ଓଁକାରନାଥଙ୍କ ପାଳି । ବିଜୟାନନ୍ଦ ଜାଣନ୍ତି, ବିଜୟ ଉଲ୍ଲାସ ଭିତରେ ତାଙ୍କ ଇଚ୍ଛାକୁ ଅପୂରଣୀୟ ରଖିବାକୁ ଦେବେନାହିଁ ଓଁକାରନାଥ । ବିଜୟ ଉତ୍ସବରେ ଓଁକାରନାଥଙ୍କ ସହ ମୌସୁମୀ ଥିଲେ । ସେମାନଙ୍କ ସହ ସାମିଲ୍ ହେବାର ମୁହୂର୍ତ୍ତମାନଙ୍କରେ ହିଁ ବିଜୟାନନ୍ଦ ଅନୁଭବ କରୁଥିଲେ ଇଚ୍ଛାପୂର୍ତ୍ତିର ସଫଳତା । ସମସ୍ତଙ୍କ ଦୃଷ୍ଟି ଆଢୁଆଳରେ ମୌସୁମୀ ହିଁ ଥିଲା ତାଙ୍କ ଦୃଷ୍ଟିପଥର ନାୟିକା ।

ଦାୟିତ୍ୱ ବଢିଯାଇଥିଲା ଓଁକାନାଥଙ୍କର । ନୂଆ ପଦବୀ, ନୂଆ ଦାୟିତ୍ୱ । ସେ ଲୋକମାନଙ୍କ ଗହଣରେ ରହିବା ଭିତରେ ଭୁଲିଯାଇଥିଲେ ତାଙ୍କର ଗୋଟିଏ ଘର ଅଛି, ଘର ଭିତରେ ପରିବାରଟିଏ ଅଛି, ପରିବାରର ସଦସ୍ୟଙ୍କର କିଛି ଇଚ୍ଛା ଅଛି । ବରଂ ମୌସୁମୀଙ୍କୁ ଓମ୍ କହିଥିଲେ - ବିଜୟାନନ୍ଦ କେବଳ ମାତ୍ର ଦଳର ମୁଖ୍ୟ ବା ମନ୍ତ୍ରୀ ନୁହନ୍ତି, ସିଏ ଆମର ସବୁଠାରୁ ବଡ ଶୁଭେଚ୍ଛୁ । ତାଙ୍କ ପାଦଧୂଳି ଆମ ପରିବାର ଉପରେ ନଥିଲେ ଆମେ ସେମିତି ପାଦଘଷା ପଥର ହୋଇ ପଡିଥାନ୍ତେ, ପୃଥିବୀର କୋଉ କୋଣରେ, ଯେମିତି ହଜାର ହଜାର ମଣିଷ ପଡିଛନ୍ତି । ସ୍ୱପ୍ନ ଦେଖିବା, ସ୍ୱପ୍ନକୁ ହାତରେ ଧରିବା ଏକା କଥା ନୁହେଁ । ୟା' ପ୍ରତିବଦଳରେ ତାଙ୍କ ପ୍ରତି ଆମେ ଅଧିକ ଯତ୍ନବାନ୍ ହେବା ଉଚିତ୍ ।

ଓଁକାରନାଥଙ୍କ କଥାରେ କିଛି ଉତ୍ତର ନ ଦେଇ ଚୁପ୍ ରହିଥିଲେ ମୌସୁମୀ ।

॥ ୬ ॥

ଏ ଭିତରେ ଶିକ୍ଷା ସମାପ୍ତ କରି ପୁଅ ଅଭିଷେକ ଆସି ପହଞ୍ଚିଥିଲା ଘରେ ।

ଘରେ ରାଜନୀତିର ମାହୋଲ । କର୍ମୀମାନଙ୍କର ଭିଡ । ବାପା, ମା ଉଭୟେ ସେଇ ରାଜନୀତିର ଜଂଜାଳରେ । ଆଗରୁ ବାପା କେବଳ ରାଜନୀତିର ଲୋକ ଥିଲେ । ଏବେ କିନ୍ତୁ ଗୋଟେ ନିର୍ବାଚନ ମଣ୍ଡଳୀର ନିର୍ବାଚିତ ନେତା । ଆଗରୁ ମା'ଆଉ ସାନମା' କାନିରେ ଚାବିନେନ୍ଥା ହୋଇ ଝୁଲୁଥିଲା ଅଭିଷେକ । ଏବେ କିନ୍ତୁ ମା'କୁ ବେଳନାହିଁ । ସିଏ କଣ ଖାଇଲା ନଖାଇଲା ବି ତାକୁ ବୁଝିବାକୁ ସମୟ ନାହିଁ । ଯାହା ଖାଇବାକୁ ଇଚ୍ଛା ପୂଜାରୀକକାଙ୍କୁ ବରାଦ କଲେ ମିଳିଯିବ। ଏୟା ଥିଲା ବାପାଙ୍କର ନିର୍ଦ୍ଦେଶ । ସିଏ ଆଉ ଛୋଟ ପିଲା ହୋଇ ନାହିଁ ଯେ ମା' ନଦେଲେ ଖାଇପାରିବ ନାହିଁ । ଏଭଳି ଟୀକାଟପ୍ପଣୀକୁ ଶୁଣୁଥିଲା ଅଭିଷେକ । ବାପା ତ ବାପା, ମା' ବି ଏମିତି ବ୍ୟସ୍ତ ରହୁଥିଲା ଯେ ସିଏ ଆଉ ଆଗ ପରି ମନ ଖୋଲି ପଦେ କଥା ହୋଇ ପାରୁ ନଥିଲା । ତା' କୋଳରେ ମୁଣ୍ଡ ଥୋଇ ଟିକେ ଶୋଇ ପାରୁନଥିଲା । ସବୁବେଳେ ସେମାନଙ୍କ ପାଖରେ ଲୋକ । ସତେ ଯେମିତି ସେମାନେ ଗୋଟେ ଲେଖାଁ ମେସିନ୍ । ହୃଦୟ ଏବଂ ମନ ନଥିବା ଗୋଟେ ଲେଖାଁ ଯନ୍ତ୍ର ମଣିଷ । ନହେଲେ ଆଗରୁ ଆସିଲେ ମା' ତା' ସାଂଗରେ ସାଂଗହୋଇ ତା' ସାଙ୍ଗମାନଙ୍କ କଥା, କଲେଜ କଥା, ଅନର୍ଗଳ ଗପୁଥିଲା । କେବେକେବେ ତ ମା' ତା' ଝିଅ ସାଙ୍ଗମାନଙ୍କ କଥା ବି ପଚାରୁଥିଲା । ଥରେ ତ କହୁକହୁ ପ୍ରାଚୀପ୍ରଭା କଥା ପ୍ରଗଲ୍‌ଭ ହୋଇ କହିଦେଇଥିଲା ଯେ ମା' ଆଖି ନଚେଇ ଥଟ୍ଟା ବି କରିଥିଲା । ଅଥଚ ଏବେ ଏତେବଡ ଘରେ ସେ ଏକୁଟିଆ । ଆଗରୁ ଚାରିବଖରିଆ ଛୋଟ ଘରେ ସେମାନେ ଏକାଠି ବସୁଥିଲେ, ଖାଉଥିଲେ, ଶୋଉଥିଲେ । କିନ୍ତୁ ଏବେ ଘରର ରୂପରେଖ ବଦଳିଗଲାଣି । ବେଶ୍ ଲମ୍ବା ବାରଣ୍ଡା ଥିବା ଘରେ ତା' ବେଡ୍‌ରୁମ୍‌ଟା ଏକ୍‌ଦମ୍ ଶେଷ ଘରଟା । ଲାଟିନ୍, ବାଥ୍ ଆଟାଚ୍ ଥିବା ଗୋଟେ ସେମି କ୍ୱାର୍ଟର । ତା' ଘରର ଅଲଗା ବାଲ୍‌କୋନି । ଘରର ପଛପାଖକୁ ଷ୍ଟଡି କମ୍ ଲାଇବ୍ରେରୀ । ତା' ପୁଣି କେବଳ ଅଭିଷେକ ପାଇଁ । ଭୋକ ଲାଗିଲେ ଖାଅ-ପିଅ, ନହେଲେ ଲାଇବ୍ରେରୀରେ ବହି ସହିତ ବୁଡି ରୁହ । ଏଇଟା କଣ ଜୀବନ? ଘରକୁ ମଣିଷ କାହିଁକି ପସନ୍ଦ କରେ ? ବାପା ମା'ଙ୍କର ସ୍ନେହର ବଳୟ ଥାନ୍ତା ଚାରିପଟେ, ତାଙ୍କ ଆକଟ, ତାଙ୍କ ଉପଦେଶକୁ ପାଇ ହୁଅନ୍ତା ସବୁବେଳେ । ଅନ୍ତତଃ ଛୋଟ ଛୋଟ କଥାରେ ଛଟପଟ ହେଲାବେଳେ ସେଥିରୁ ମୁକୁଳି ଆସିବାକୁ ସାହାଯ୍ୟ କରନ୍ତା ମା' । ଅଥଚ ଅଭିଷେକ ନିଜ ଘରେ ବି ଏକଦମ୍ ଏକ୍‌ଲା । ତାକୁ ଲାଗୁଥିଲା ଯେମିତି ତା' ପାଇଁ କାହା ପାଖରେ ବେଳନାହିଁ । ସେ ସମସ୍ତଙ୍କ ପାଇଁ ଅପାଙ୍‌କ୍ତେୟ, ସମସ୍ତଙ୍କ ପାଇଁ ଅଲୋଡା । ହଷ୍ଟେଲରେ ଥିବା ବେଳେ ଅନ୍ତତଃ ସାଙ୍ଗମାନେ ଥିଲେ, ଘରେ ତ ସେତିକି ସୁବିଧା ବି ମିଳେନା। (କ୍ରମଶଃ)


♥ ଦେବଶ୍ରୁତି ନିବାସ, ଜେଲରୋଡ, ବାଲେଶ୍ୱର-୧
(ମୋ) ୯୪୩୭୦୬୩୭୦୫


## ଅଣୁ ଗଳ୍ପ

## ବାପ ଦଶା


ଡକ୍ଟର ନରେନ୍ଦ୍ର ସେଠୀ




॥ କ ॥

ବାପ ଖୁବ ଖଟିଲା । ମୁଣ୍ଡ ଝାଳ ତୁଣ୍ଡରେ ମାରିଲା । ବିଲରେ ଧାନ । ବରଜରେ ପାନ । ସବୁ କଲା ଯାହା ତା ପରିବାର ପାଇଁ ଦରକାର । ବ୍ଲକ ଗଲା । ନେତାଙ୍କୁ ନେହୁରା ହେଇ ଦଣ୍ଡବତ ହେଲା । ଇନ୍ଦିରା ଆବାସ ପାଇଁ ଗୁହାରି କଲା । ଚାଳ କୁଡ଼ିଆକୁ ଭାଙ୍ଗି ଇଟା ମାଟି ଜାବରେ ଘର କଲା । ପୁଅକୁ ଝିଅକୁ ପାଠ ପଢେଇଲା । ନିଜକୁ ସୁପର ମ୍ୟାନ କରି ପୂରଣ କଲା ପିଲାଙ୍କ ସବୁ ଦାବି । ନୂଆ ସାଇକଲ କିଣିବାର ଅକ୍ଷମତାକୁ ଚଳେଇ ଦେଲା ଭଙ୍ଗା ସାଇକଲ ମରାମତି କରି । ନୂଆ ବହି ବଦଳରେ ସେକେଣ୍ଡ ହ୍ୟାଣ୍ଡ ବହି ଆଣିଦେଲା ପିଲାଙ୍କୁ । ପୁଅ ବଡ଼ ହେଇ ବଡ଼ ଚାକିରି କଲା । ଇଚ୍ଛାରେ ଭଲ ପାଇ ବାହାହେଲା ବଡ଼ ଘରେ । ଝିଅ ବାହାହେଇ ଶାଶୁ ଘର ଗଲା । ବାପ ରହିଗଲା ଗାଁରେ । ବୁଢ଼ୀ ନାତି ପାଳିଲା ପୁଅର । ଭିଟାମାଟି ଛାଡି ପୁଅ ବୋହୂଙ୍କ ପାଖରେ ଯାଇ ରହିବାକୁ ତାର ମନ ହୁଏନି । ବୁଢା ବାପର ଦେହ ଭଲ ରହେନି । କିଛି ଦିନ ପରେ ସେ ମରିଯାଏ । ବାପର ମୃତ୍ୟୁରେ ପୁଅ ଆସି ପହଞ୍ଚେ । ଶୁଦ୍ଧ କ୍ରିୟା ସାରି ଫେରିଯାଏ ।

॥ ଖ ॥

ସ୍କୁଲ ମାଷ୍ଟର ବାପା ପୁଅକୁ ଭଲ କରି ପଢେଇଲା । ପୁଅ ଇଂଜିନିୟର ହେଲା । ଆମେରିକାର ବଡ଼ କମ୍ପାନୀରେ । ମାଷ୍ଟ୍ରେଙ୍କ ଛାତି କୁଣ୍ଢେ ମୋଟ । ଛୁଟିରେ ପୁଅ ଆସେ । କିଛି ଦିନ ପାଇଁ ଖାଁ ଖାଁ ଘରେ କୋଳାହଳ କରନ୍ତି ନାତି ନାତୁଣୀ । ମାଷ୍ଟ୍ରେ ନାତିକୁ କାଉ ଦେଖାନ୍ତି । କଙ୍କି ଦେଖାନ୍ତି । ବଣି, ହଳଦୀ ବସନ୍ତ ସହ ପରିଚୟ କରାନ୍ତି । ଆମ୍ବ, ନିମ, କୁରୁମ ଓ ନଡ଼ିଆ, ପଣସ, ସପୁରୀ ସହ ଭେଟ କରାନ୍ତି । ମାଛ ପୋଖରୀ, ଆମ୍ବ ତୋଟା ଓ ମୁଗ କିଆରୀ ଆଡେ ବୁଲି ନାତି ନାତୁଣୀ ପରିଚିତ ହୁଅନ୍ତି ନୂଆ ଦୁନିଆ ବିଷୟରେ । ପୁଅ ପସନ୍ଦର ଆରିଶା ପିଠା ହୁଏ । ପିତା ଶାଗ ଭଜା ହୁଏ । ଦେଖୁ ଦେଖୁ ଛୁଟି ସରିଯାଏ । ପୁଅ ପରିବାର ନେଇ ଫେରିଯାଏ । ମାଷ୍ଟ୍ରେ ଅବସର ନେଇ ଦାଣ୍ଡ ପିଣ୍ଡାରେ ବସି ରହନ୍ତି । ବର୍ଷ ସାରା ଗୋହରି ରାସ୍ତା ଆଡେ ଅନେଇ ଅପେକ୍ଷା କରନ୍ତି ପୁଅକୁ । ସେ ଆସେନି । ଦିନେ ମାଷ୍ଟ୍ରେଙ୍କ ଛାତିରେ ଯନ୍ତ୍ରଣା ହୁଏ । ମାଷ୍ଟ୍ରେଙ୍କ ଦଶା ଶେଷ ଆଡ଼କୁ 'କ' ପରି ହୁଏ ।

॥ ଗ ॥

କେବେ ଅତି ଉଚ୍ଚ ପଦସ୍ତ ଅଧିକାରୀ ଥିବା ବାପା ଅବସର ପ୍ରାପ୍ତ । ଗୋଟିଏ ବୋଲି ପୁଅ ବିଦେଶରେ । ଏବେ ପ୍ରବାସୀ ଭାରତୀୟ । ବାପା ବୋଉ ରହନ୍ତି ଭୁବନେଶ୍ୱର ସତ୍ତ୍ରାନ କୋଲୋନୀର ଏକ ଆଲିଶାନ ବଙ୍ଗଳାରେ । ଦି ଦିଟା ଚାକର । ଦରକାରୀ ଜିନିଷ ସବୁ ପହଁଚି ଯାଏ ପାଖରେ । ସେଦିନ ରାତିରେ ହଠାତ ବାବୁ ଚାଲିଗଲେ । ଚାକର ଫୋନ କରି ଜଣେଇଲା ପୁଅକୁ । ପୁଅ ବ୍ୟସ୍ତ ଥିଲା । ବହୁ ରାଷ୍ଟ୍ରୀୟ କମ୍ପାନୀର ଗୁରୁତ୍ୱପୂର୍ଣ୍ଣ ବାର୍ଷିକ ହାନିଲାଭ ସମ୍ମିଳନୀରେ ସେ ବଡ଼ ବଡ଼ ଲୋକଙ୍କୁ ଭାଷଣ ଦେଉଥିଲା । ତଥାପି ସେ ଫୋନ ଉଠେଇଲା । କହିଲା ଶେଷ କୃତ୍ୟ ପାଇଁ କେତେ ପଇସା ଲାଗିବ ? ଚାକର ହିସାବ କଲା । ସ୍ୱର୍ଗଦ୍ୱାରରେ ପନ୍ଦର ଶହ । ଭୁବନେଶ୍ୱରରୁ ପୁରୀ ଗାଡି ଭଡା ତିନିହଜାର । ଶୁଦ୍ଧ କ୍ରିୟା କୋଡିଏ ହଜାର । ପୁଅ କହିଲା ପଚିଶ ହଜାର ପଠେଇଲି । କାମ ସାରିଦେ । ମୁଁ ବ୍ୟସ୍ତ ଅଛି । ଚାକର ଦିଜଣ ଆଁ ମେଲା କରି ପରସ୍ପରକୁ ଅନେଇଲେ । ସବୁଠୁ ପୁରୁଣା ଓ ବିଶ୍ୱସ୍ତ ଚାକର ଲୁହ ପୋଛି ଆର ଜଣଙ୍କୁ କହିଲା ୧୦୮ ଆମ୍ବୁଲାନ୍ସକୁ ଫୋନ କର । ସ୍ୱର୍ଗଦ୍ୱାର ଯିବା ।

॥ ଙ ॥

'କ', 'ଖ' କିମ୍ବା 'ଗ' ର ବାପା ମାନେ କେବେ ବଦଳିବେନି । ସେମାନଙ୍କର ଶ୍ରେଣୀ ଅଲଗା ହେଇପାରେ ମାତ୍ର ପ୍ରଜାତି ଗୋଟିଏ । ଯାହାର ଗୁଣ ଖାଲି ନିଜେ ନିଜକୁ ତ୍ୟାଗ କରିବା । ସେ ସବୁ ତ୍ୟାଗ କରି ପରିବାର ଆଗରେ ଜଣେ ବୋକା, ନିକମା ଓ ଅକର୍ମଣ୍ୟ ବ୍ୟକ୍ତିର ଆଖ୍ୟା ପାଆନ୍ତି। ବାପା କେବେ କହନ୍ତିନି କଣ ତାଙ୍କର ଇଛା । ଲହୁ ଲୁହାଣ କରନ୍ତି ଜୀବନକୁ । ପୁଅ, ଝିଅ ଓ ପରିବାରର ଇଛା ପୂରଣ କରିବାକୁ । ତଥାପି ପରିବାର ଆଗରେ ସେ ଜଣେ ନିହାତି ଅଳସୁଆ ଓ ବୋକା ମଣିଷ ରୂପରେ ଆଖ୍ୟା ଅର୍ଜନ କରନ୍ତି । ବାପାଙ୍କର ଧୀରେ ଧୀରେ ବଳ ବୟସ ସରି ସରି ଆସେ। ଦେହପା ଭଲ ରହେନି । ବାପା ଜଣେ ବିରକ୍ତିକର ବୁଢା ହେଇ ସମସ୍ତଙ୍କୁ ହଇରାଣ କରନ୍ତି । ଶେଷରେ ଆଇସିୟୁ ୱାର୍ଡର ଛାତକୁ ଅନେଇ ବାପା ହେଜନ୍ତି । କିନ୍ତୁ ସେତେବେଳକୁ ନେଡି ଗୁଡ଼ କହୁଣୀରେ । ଆଉ ଉପାୟ ନଥାଏ । ବାପା ଆଖି ବୁଜନ୍ତି । ପୁଅ, ଝିଅ ବୋଉର ଫଟୋକୁ ବଡ଼ କରି ଟାଙ୍ଗନ୍ତି ଡ୍ରଇଂ ରୁମରେ । ବାପାଙ୍କ ଛୋଟିଆ ଫଟୋରେ କୃତ୍ରିମ ଫୁଲ ମାଳ ମହିଳା ହେଇଯାଏ । ବାପ ଦଶା ପୂର୍ଣ୍ଣ ହୁଏ ।


♥ ଯାଦୁଗୁଡା, ପୂର୍ବ ସିଂଭୁମି, ଝାରଖଣ୍ଡ -୮୩୨୧୦୨
ମୋ: ୦୭୦୦୪୦୬୮୧୧୦

ସ୍ୱୀକାରୋକ୍ତି...

# ‘ମହାଭୋଗ’ରେ କଳା ସୁଂଦରୀଙ୍କ ଦଶଟି ଭୋଗ ଓ ମୋକ୍ଷ କଥା ଉପସ୍ଥାପିତ




ମଦ୍ୟଂ ମାଂସ ମସ୍ୟୋ ମୁଦ୍ରା
ମୈଥୁନ ମେବଚ
ମକାର-ପଂଚକଂ ଦେବି
ଦେବନାମପି ଦୁର୍ଲ୍ଲଭମ୍।
ପଂଚତତ୍ତ୍ୱମିଦଂ ଦେବି
ନିର୍ବାଣ- ମୁକ୍ତି- ହେତବ।।
(ଗୁପ୍ତ ସାଧନତନ୍ତ୍ର, ୭ମ ପଟଳ)

ତାନ୍ତ୍ରିକ ପଂଚ ମକାରରେ ସର୍ବଶ୍ରେଷ୍ଠ ଓ ସର୍ବଶେଷ ମକାର ସିଦ୍ଧିକୁ କୁହାଯାଇଛି ‘ମହାଭୋଗ’। ‘ମହାଭୋଗ’ ସୂକ୍ଷ୍ମ ଚେତନାରେ ମୈଥୁନ ତତ୍ତ୍ୱର ଆବାହନ ଓ ଅବତରଣ। ଆତ୍ମଚୈତନ୍ୟ ଶେଷ ଓ ଶ୍ରେଷ୍ଠ ପୁଲକରେ ହୁଏ ନିମଗ୍ନ। ସ୍ୱାଦ ଦୃଷ୍ଟିରୁ ତାହା ବୈଦିକ ‘ବ୍ରହ୍ମାନନ୍ଦ’। ଯେଉଁ ‘ଆନନ୍ଦ’ ଆଗକୁ ଋଷି କଳ୍ପନା କରି ପାରି ନାହାନ୍ତି ଜନ୍ମ, ଜୀବନ ଓ ମୃତ୍ୟୁଚକ୍ରର ଉପସ୍ଥାନ। କେବଳ ଚିନ୍ମୟ ଶୂନ୍ୟ, ତୈତ୍ତିରୀୟୋପନିଷଦ (ଷଷ୍ଠ ଅନୁବାକ)ର ‘ଆନଂଦ’; ଯତୋ ବାଚୋ ନିବର୍ତନ୍ତେ! ବାକ୍ ତାଙ୍କୁ ପ୍ରକାଶ କରି ନପାରି ଫେରି ଆସିଛନ୍ତି! ‘ଅଚିନ୍ତ୍ୟ’ ଓ ‘ଅବିଷୟ’; କଠୋପନିଷଦସ୍ଥ ବ୍ରହ୍ମ ସମ୍ବନ୍ଧୀୟ ରହସ୍ୟର ‘ମୂଳଭୂମି’, ଯେଉଁଠି ଆତ୍ମଜ୍ୟୋତି ବ୍ରହ୍ମାଣ୍ଡୀୟ ଜ୍ୟୋତିରେ ହୋଇଯାଏ ବିଲୀନ! ‘ମହାଭୋଗ’ ଅଜ୍ଞାତ ସେହି ଘୋର ଯୋଗ-ତାନ୍ତ୍ରିକ ପାରମାର୍ଥିକ ମୈଥୁନ କ୍ରିୟା ତତ୍ତ୍ୱର ନାମ। କାମ ଓ ମୋକ୍ଷ ଦୁଇ ସଂଲଗ୍ନ ଅପବର୍ଗ ତତ୍ତ୍ୱ ଆଧାରିତ କଥାଗୁଡ଼ିକ।

‘ମହାଭୋଗ’ ମୋର ଉଣେଇଶ ତମ ପୁସ୍ତକ, ମାତ୍ର ଦ୍ୱିତୀୟ କଥାଗ୍ରନ୍ଥ। ଏଥିରେ କଳା ସୁଂଦରୀଙ୍କ ଦଶଟି ଭୋଗ ଓ ମୋକ୍ଷ କଥା ଉପସ୍ଥାପିତ। ଆ’ ଜହ୍ନକୁ ଯିବା (୨୦୦୭) ମୋ ପ୍ରଥମ କଥା ପୁସ୍ତକ।

ଭାରତୀୟ ସାହିତ୍ୟ କେଉଁ ଅନାଦି କାଳରୁ କଥା ସମୃଦ୍ଧ! ବୈଦିକ ଗଳ୍ପ, ଉପନିଷଦ କଥା, ପୁରାଣ କାହାଣୀ ଖ୍ରୀଷ୍ଟପୂର୍ବକାଳ ପାଲି ଭାଷାର ଭରହୂତ ସ୍ତୁପ ଖୋଦିତ ୫୪୯ଟି ବୌଦ୍ଧ-ଜାତକ ଦିଏ କଥା ପ୍ରାଚୀନତାର ପ୍ରମାଣ! କଥାର ବିଶ୍ୱକୋଷ ‘ରାମାୟଣ’ ଓ ‘ମହାଭାରତ’! ‘କଥା ସରିତ୍ ସାଗର’ ଓ ‘କାଦଂବରୀ’ କଥା ସାହିତ୍ୟର ଅନ୍ତହୀନ ବିପୁଳ ସାମ୍ରାଜ୍ୟ! ‘ପଞ୍ଚତନ୍ତ୍ର’ ଓ ‘ଯୋଗ ବଶିଷ୍ଠ’ କଥା ଭାରତୀୟ ସାହିତ୍ୟର ଅକ୍ଷୟ ଐଶ୍ୱର୍ଯ୍ୟ!

‘କଥା’ କହିବା କ୍ରିୟାରୁ ଉଦ୍ଭବ। କହୁଛନ୍ତି ଋଷି, ଶ୍ରବଣ କରୁଛନ୍ତି ଜିଜ୍ଞାସିତ ଶିଷ୍ୟ! ଅଧିକାଂଶ ପୁରାଣ କହୁଛନ୍ତି ଶିବ, ଶ୍ରବଣ କରିଛନ୍ତି ଶିବା! କଥାର ବିଷୟ ଓ ଉଦ୍ଦେଶ୍ୟ ଅଲଗା! ‘କଥା’ କହିବା କଳାର ଆଙ୍ଗିକ ଓ ଆତ୍ମୀକ!

ପ୍ରଥମ କଥା, ତା’ପରେ ଗପ ଓ କ୍ଷୁଦ୍ରଗଳ୍ପ; ଏହା ଶବ୍ଦ କଳା ପରଂପରାରେ କ୍ରମ ବିକାଶ ଧାରା। ସଂଳାପୀୟତା ଓ ଅଭିବ୍ୟକ୍ତିରେ ସାଂଗୀତିକତା କଥା ଚେତନାକୁ ରଖିଥାଏ ଜୀବନ୍ତ ଓ ତାଜା। କଥା ଶୈଳୀ ସଂପନ୍ନ। ଶୈଳୀ ଆଭୂଷଣ। କଥାର ଜୀବନ୍ତ କାହାଣୀ। କାହାଣୀ ଜଡ଼ତତ୍ତ୍ୱ ଏବଂ କାହାଣୀର ଜୀବନ ଇମୋସନ୍। କଥାତୃପ୍ତି କଳାତୃପ୍ତିର ମୁଖ୍ୟ ଓ ପ୍ରମୁଖ ଉପାଦାନ। କଳା କଳ୍ପନା। କଥା ଶବ୍ଦ ଗଢ଼ା ସୁସଂପନ୍ନ ଆଙ୍ଗିକ,- ଏଇଠି ତଫାତ୍! ଶବ୍ଦଙ୍କୁ ସଂଚାରି ଭାବରେ ସଂଜୀବୀତ କଲେ ଧାଡ଼ି ଅମୃତ ହୋଇ କଥାକୁ କରେ ଜୀବନ୍ତ।

ୟୁରୋପୀୟ ‘ଏସ୍ଥେଟିକ୍ ରିଅଲିଟୀ’ ମୋ କଥାକୁ କରିଛି ଆକର୍ଷକ। କଥା ଏକ୍ସପ୍ରେସନ୍ ଟେକ୍ନିକ୍ ସମସ୍ତ ପ୍ରକାର ପରୀକ୍ଷା ନିରୀକ୍ଷାକୁ ଦଳିମଥି ପକାଇଛି। ବିଶ୍ୱକଳା ଦର୍ଶନର ପ୍ରାୟ ଅଧିକାଂଶ ‘ବାଦ୍’ (ଆଇଏସଏମ) ମୋ କଥା ଆଙ୍ଗିକରେ ରହିଛି।

ବ୍ରହ୍ମାଙ୍କ ରଚନା ବେଦ। ‘ହିରଣ୍ୟଗର୍ଭ’ (ଶ୍ରୀବିଷ୍ଣୁ)ଙ୍କ ସୃଷ୍ଟି ଯୋଗ। ମହାଯୋଗୀ ଶ୍ରୀ ଶିବଙ୍କ ସର୍ଜନା ତନ୍ତ୍ର। ତାହାଙ୍କ ପ୍ରତୀକ ଆରାଧିତ ଶକ୍ତି ସଂଯୁକ୍ତ ଲିଙ୍ଗ ଏକ ତାନ୍ତ୍ରିକ ସିଂବଲ୍! ପଞ୍ଚ ପ୍ରକାର ଅନ୍ତର୍ଗତ- ସୃଷ୍ଟିସ୍ଥିତ୍ୟନ୍ତ କାରଣମ୍। ମୈଥୁନଂ ଜାୟତେ ସିଦ୍ଧି ବ୍ରହ୍ମଜ୍ଞାନଂ ସୁଦୁର୍ଲ୍ଲଭମ୍, (ତନ୍ତ୍ରର ସାରକଥା, ପ୍ରମୋଦ କୁମାର ଚଟ୍ଟୋପାଧ୍ୟାୟ, ସତ୍ୟଶ୍ରୀ, ପୃଷ୍ଠା-୬୩, ଅଗଷ୍ଟ ୧୯୬୯, ଶ୍ରୀ ଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ) କୁହାଯାଇଛି।

ତନ୍ତ୍ର ବୈଦିକ ସଂସ୍କୃତିର ଅଂଶ। ଅଥର୍ବ ବେଦ ତନ୍ତ୍ର ଶାସ୍ତ୍ର, ସଂସାରର କାରଣ ପାଇଁ ବିରଚିତ! ବୈଦିକ ସାଧନା ଜନ୍ମ ଜନ୍ମ ଧରି ଲମ୍ବ। ଜୀବନର ଲକ୍ଷ୍ୟ କଠୋର ଯୋଗ ଦ୍ୱାରା ମିଳେ ମୋକ୍ଷ! ମାତ୍ର ଯୋଗ-ତନ୍ତ୍ର ଦ୍ୱାରା ସାଧକ ଲାଭ କରନ୍ତି ଭୋଗ ଓ ମୋକ୍ଷ! ସୁଖ ଓ ଅମୃତ, ଦୁଇଟି ଯାକ! ଯୋଗ ଓ ତନ୍ତ୍ର ଦୁହିଙ୍କ ସାଧନାର ମାର୍ଗ ପ୍ରାରମ୍ଭରେ ଏକ, କୁଣ୍ଡଳିନୀ ଜାଗରଣ!

ତନ୍ତ୍ରର ଦେବୀ ମା’! ମା’ ଶୂନ୍ୟ ବ୍ରହ୍ମଙ୍କ ଶକ୍ତି! ଶକ୍ତି ନାରୀ ସ୍ୱରୂପା। ନାରୀର ରୂପ ଦୁଇଟି। ପ୍ରଥମତଃ ସେ ପତ୍ନୀ ଏବଂ ତାହା ପରେ ସେ ହୋଇଥାନ୍ତି ଜନନୀ! ଜନନୀ ହେବା ପୂର୍ବରୁ ସିଏ ଭୈରବୀ, ସାଧକ ଭୈରବଙ୍କ ସାଧନା ସଂଗିନୀ, ପତ୍ନୀ!

ତନ୍ତ୍ରର ସଗୁଣ ଉପାସନା ଭୂମିରେ ବିଦ୍ୟମାନ ତ୍ରି ମୌଳିକ ଶକ୍ତି ମହା ସରସ୍ୱତୀ, ମହାକାଳୀ ଓ ମହାଲକ୍ଷ୍ମୀ! ଏମାନେ ବାକ୍ଶକ୍ତି, ପ୍ରାଣଶକ୍ତି ଓ ମନଶକ୍ତି। ଏମାନେ ମାନବ ଆନ୍ତରିକ ସ୍ୱରୂପ ଗଠନ କରନ୍ତି; ଜୀବନ ନିର୍ମାଣ କରନ୍ତି! ଶକ୍ତି ପରମା, ପ୍ରାଣବାୟୁ ପରା ଓ ପ୍ରକୃତି ପରାପ୍ରରା ବା ଅପରା ଶକ୍ତି। ପୁରୁଷକୁ ପୁରୁଷୋତ୍ତମ କରିବା ତନ୍ତ୍ରର ଲକ୍ଷ୍ୟ। ଏମାନେ ସହାୟତା କରନ୍ତି। ଏହି ଶକ୍ତି ତ୍ରୟଙ୍କ ଆୟତକୁ କୁହାଯାଇଛି ତାନ୍ତ୍ରିକ ସାଧନା। ସମାଜରେ ବହୁ ପ୍ରଚଳିତ ତନ୍ତ୍ର ସମ୍ବନ୍ଧୀୟ ଭ୍ରାନ୍ତ ଧାରଣା ଓ ଅନ୍ଧବିଶ୍ୱାସ! ଅନ୍ଧବିଶ୍ୱାସ ଓ ଅଶ୍ଳୀଳତାକୁ ପ୍ରୋତ୍ସାହିତ କରିବା ଏହି କଥା ଗୁଡ଼ିକର ନୁହେଁ ଉଦ୍ଦେଶ୍ୟ! କଥାର ଲକ୍ଷ୍ୟ ମନୋରଂଜନ। ଏଣୁ ସାଧାରଣ କଥା ଓ ବିଷୟକୁ କରାଯାଇଛି ଅସାଧାରଣ। ଦେହ ଗଠନର ଭୌତିକ ପଞ୍ଚତତ୍ତ୍ୱ ପରି କଥାର ପଞ୍ଚତତ୍ତ୍ୱ-ଜୀବନ, ମୃତ୍ୟୁ, ପୁନର୍ଜନ୍ମ, କ୍ରିୟା ଓ ମୋକ୍ଷ! କ୍ରିୟାର ମାର୍ଗ ପଂଚମ କାର ଅନ୍ତର୍ଗତ ଶେଷତତ୍ତ୍ୱ ସାମରସ୍ୟ (ମୈଥୁନ)!

କଥା ଚରିତ୍ର ବା କୌଣସି ଘଟଣାର କାହା ସହିତ ସାମଂଜସ୍ୟ ଆକସ୍ମିକ। ଏଥିପାଇଁ କେହି ଦାୟୀ ନୁହନ୍ତି ଲେଖକ ବା ପ୍ରକାଶକ! କାରଣ ଏହା ଆର୍ଟ। ଆର୍ଟ ସତ୍ୟ ବା ବାସ୍ତବ ପରି ବୋଧ ହେଉଥିବା କଳ୍ପନା।

ସବୁତକ କଥା ଜୀବନ ରସରେ ସିକ୍ତ ଓ ନିଜସ୍ୱ ସୌନ୍ଦର୍ଯ୍ୟରେ ଅତ୍ୟାଧୁନିକ (ଅଲଟ୍ରା-ମର୍ଡନ)! ବିଭିନ୍ନ ସମୟରେ ଶ୍ରଦ୍ଧାର ସହିତ କଥାଗୁଡ଼ିକ ପ୍ରକାଶିତ କରିଛନ୍ତି- ପରାଗ, ଲେଖାଲେଖି, ଆଇନା, କଥାକାର, ମନୀଷା, ଗୌରବ, ସୁଧା ଜାହ୍ନବୀ ଓ ରଜନୀଗଂଧା! ଏହି ପତ୍ର-ପତ୍ରିକାମାନଙ୍କ ସୁଧୀ ସଂପାଦକଙ୍କଠାରେ ମୁଁ ବିନମ୍ର ଭାବେ ଋଣୀ। ସେମାନଙ୍କୁ ମୋ ସାଧୁବାଦ। + + +



ନକୁଳ ଚନ୍ଦ୍ର ସାହୁ
ଶବଦ ଘର, ଗୋଡିସାହି, କଟକ

ଆଲୋଚନା

# ଦ୍ୱିତୀଚନ୍ଦ୍ର ସାହୁଙ୍କ ‘ ନିଆଁଝୁଲ’ ଉପନ୍ୟାସର ପରିଚର୍ଚ୍ଚା

ସମକାଳୀନ ଓଡିଆ ସାହିତ୍ୟରେ ଯେଉଁ କେତେ ଜଣ ସମର୍ଥ ଶିଳ୍ପୀ କବିତା, ଗଳ୍ପ, ଉପନ୍ୟାସ, ସଂପାଦକୀୟ ଲେଖନୀ ଆଦି ଓଡିଆ ସାହିତ୍ୟର ପ୍ରତ୍ୟେକ ବିଭାଗରେ ଲେଖନୀ ଚାଳନା କରୁଛନ୍ତି, ସେମାନଙ୍କ ମଧ୍ୟରେ ସାହିତ୍ୟିକ ଦ୍ୱିତୀଚନ୍ଦ୍ର ସାହୁ ସ୍ୱତନ୍ତ୍ର ଏବଂ ନିଆରା ସ୍ୱର । ବୃତ୍ତିରେ ସେ ବରିଷ୍ଠ ଶିକ୍ଷକ କିନ୍ତୁ ପ୍ରବୃତ୍ତିରେ ଜଣେ ସୁସାହିତ୍ୟିକ। ‘ପାପମୁଖା’, ‘ଅଦେଖା ଭବିଷ୍ୟ’, ‘ହଜିଯାଇଥିବା ଠିକଣା’, ‘ଦ୍ୱିତୀୟ ବାଟ’ ଓ ପ୍ରେମକୁ ନେଇ ବହୁ ଅଣୁଗଳ୍ପ ଏବଂ ଆହୁରି ସମାଜର ବାସ୍ତବତାର ନିଖୁଣ ଚିତ୍ର ତୋଳି ସେ ଯେଉଁ ଗଳ୍ପ ରଚନା କରିଛନ୍ତି ସେସବୁ ବହୁ ପାଠକୀୟତା ଲାଭ କରିଛି । ଠିକ୍ ସେମିତି ବହୁ କବିତା ଓ ଉପନ୍ୟାସ ଯଥା ‘ଜୀବନଯୁଦ୍ଧ’, ‘କୁକୁର ମହକ’ ରେ ଜୀବନମୟତାର ନିଛକ ପ୍ରତିଛବିକୁ ସେ ଉତ୍ତୋଳିତ କରିବାର ଆମେ ଦେଖିବାକୁ ପାଇଥାଉ । ତତ୍ ସଙ୍ଗେସଙ୍ଗେ ଆଦିବାସୀମାନଙ୍କ ଜୀବନକୁ ନେଇ ବହୁ ବାସ୍ତବଧର୍ମୀ ଫିଚର ମଧ୍ୟ ପାଠକମାନଙ୍କୁ ସେ ଭେଟି ଦେଇଛନ୍ତି ।

ଆଦିବାସୀ ଜନ କଲ୍ୟାଣ ବିଭାଗରେ ବହୁ ବର୍ଷ ଶିକ୍ଷା ପ୍ରଦାନ କରି ଏବଂ ରାୟଗଡା ଭଳି ଆଦିବାସୀ ବହୁଳ ଅଂଚଳରେ ବସବାସ କରି ଶ୍ରୀମାନ୍ ସାହୁ ଆଦିବାସୀ ଭାଇ ଭଉଣୀମାନଙ୍କ ଜୀବନ ପ୍ରତି ଏକ ଅନ୍ତରଙ୍ଗ ମନୋଭାବ ପ୍ରତି ପୋଷଣ କରିଥାନ୍ତି।

ଲୋକପରଂପରା, ବିଶ୍ୱାସକୁ ନେଇ ତାଙ୍କର କେତେ ଗୁଡିଏ ଫିଚର ରଚନା ଏହାର ବଳିଷ୍ଠ ପ୍ରମାଣ ଅଟେ ।

‘ନିଆଁଝୁଲ’ ଉପନ୍ୟାସଟି ଆଦିବାସୀ ଝିଅଙ୍କର ସୁଖଦୁଃଖ, ହସଲୁହ, ଆଶା ଆବେଗ, କଳ୍ପନାଜଳ୍ପନା, ପ୍ରଥା ପରଂପରା, ଆଚାର ବିଚାର, ପ୍ରେମ ପ୍ରଣୟ, ଥଟ୍ଟା କୌତୁକ ସହ ଆଦିବାସୀ ଭାଇ ଭଉଣୀଙ୍କ ଜୀବନଚର୍ଯ୍ୟା, ସାମାଜିକ ବାସ୍ତବତା, ସାଂପ୍ରତିକ ଶିକ୍ଷା ବ୍ୟବସ୍ଥା ଏବଂ ସର୍ବୋପରି ଏକ ଆଦିବାସୀ ଝିଅ ‘ସୁନାଦେଇ’ର ଆତ୍ମସମୀକ୍ଷାରେ ଉର୍ଜ୍ଜ୍ୱଳ ହୋଇଉଠିଛି । ସଂପ୍ରତି ଯୌନବୁଭୁକ୍ଷୁ ରାକ୍ଷସମାନେ ଶିକ୍ଷା ବିଭାଗକୁ ମଧ୍ୟ କଳୁଷତାରେ ପରିପୂର୍ଣ୍ଣ କରିଦେବାର ନଜିର ରହିଛି ଉକ୍ତ ଉପନ୍ୟାସରେ । ଗୁରୁ ଶିଷ୍ୟର ପବିତ୍ର ସଂପର୍କ ଯେ ଆଜି ଅବିଶ୍ୱାସର ଶୂଳୀରେ ଅଣନିଶ୍ୱାସୀ ହୋଇଛି, ଏକଥାର ଜୀବନ୍ତ ଚିତ୍ରଣ ଉପନ୍ୟାସକୁ ବାସ୍ତବଧର୍ମୀ କରିଛି ।

ଥରେ ଜଣେ ମହାନ୍ କବି ଉଚ୍ଚାରଣ କରିଥିଲେ,

‘ଆମାର ଜୀବନ କ୍ରନ୍ଦନ କରେ
ମାନବ ଜୀବନ ମିଶିତେ
ନିଖିଳର ସାଥେ ମହାରାଜ ପଥେ
ଚଲିତେ ଜୀବନ ନିଶୀଥେ ।’

କଥାକାର ଶ୍ରୀମାନ୍ ସାହୁ ଆଦିବାସୀ ଭାଇ ଭଉଣୀଙ୍କ ଜୀବନ ସହ ଏକୀଭୂତ ହୋଇ ଜୀବନନିଷ୍ଠ ଉପନ୍ୟାସଟିକୁ ପାଠକ ସମ୍ମୁଖରେ ଉପସ୍ଥାପନା କରିଛନ୍ତି । ‘ସୁନାଦେଇ’ ଚରିତ୍ରଟିକୁ ନିରୀକ୍ଷଣ କଲେ ସେ ଆଉ ଚରିତ୍ର ଭଳି ଲାଗୁନାହିଁ। ବରଂ ଖୁବ୍ ଜୀବନ୍ତ ଭାବରେ ପ୍ରତିଭାତ ହେଉଛି । କୋରାପୁଟିଆ ବୁଦା, ଝୁଲା, ପେଟ ତଳୁ ଶୂଳ ମାରିବା, ବାଆ, କାଣିଶିରିସା ଆଦି ଶବ୍ଦମାନଙ୍କର ପ୍ରୟୋଗ ଉପନ୍ୟାସର କଳେବରକୁ ଯଥେଷ୍ଟ ଜୀବନଧର୍ମୀ କରିବା ସହ ପାଠକକୁ ବାନ୍ଧି ରଖିବାର ସାମର୍ଥ୍ୟ ରଖିଛି ।

ଜଣେ ଆଦର୍ଶ ଶିକ୍ଷକ ଭାବେ ତାଙ୍କ ଚତୁଃପାର୍ଶ୍ୱରେ ଘଟିଯାଉଥିବା ଅବୈଧ ଆଚରଣ ସବୁକୁ ସହ୍ୟ କରିପାରିନାହାଁନ୍ତି ଔପନ୍ୟାସିକ ମହାଶୟ । ଗୁରୁ ପରଂପରା ଖଣ୍ଡିତ ହେଉଥିବା ବେଳେ ତାଙ୍କ ଗୁରୁ ଆତ୍ମାଟି ରୋଦନ କରିଛି ଏବଂ ମର୍ମାହତ ହୋଇ ପଡିଛି । ସୁନାଦେଇ ଭଳି ସହସ୍ର ଆଦିବାସୀ ଝିଅଙ୍କର ମର୍ମସ୍ପର୍ଶୀ ଅନୁଭବକୁ ସେ ଉତ୍ତରଣ କରିବାର ମାଧ୍ୟମ କରିଛନ୍ତି ଆଲୋଚ୍ୟ ଉପନ୍ୟାସଟିକୁ । ସୁନାଦେଇ ଆଉ ଚରିତ୍ର ହୋଇ ନାହିଁ ବରଂ ସେ ଆଦିବାସୀ ଝିଅଙ୍କର ଏକ ପ୍ରତୀକ ପାଲଟି ଯାଇଛି ।

ବଣ ପାହାଡ ଘେରା କୋରାପୁଟ ଜିଲ୍ଲାର କେଉଁ ଏକ ଅଆଦିବାସୀ ଗ୍ରାମରେ ସୁନାଦେଇର ଜନ୍ମ । ବାପାର ସ୍ୱପ୍ନ ଝିଅ ବହୁତ ପାଠ ପଢୁ । ସେମାନଙ୍କ ଭଳି ପାହାଡ ଭୂମିରେ କାମ ନକରି ପାଠ ପଢି ମଣିଷ ହେଉ । ସଂପ୍ରତି ସରକାର ଆଦିବାସୀ କଲ୍ୟାଣ ବିଭାଗ ଦ୍ୱାରା ଆଦିବାସୀ ପିଲାମାନଙ୍କୁ ଖାଦ୍ୟ, ପୁସ୍ତକ, ପୋଷାକ, ସାଇକେଲ, କଂପ୍ୟୁଟର ଆଦି ପ୍ରତ୍ୟେକ ଆସବାବ ପତ୍ର ଯୋଗାଇବା ସହ ଅନ୍ତେବାସର ମଧ୍ୟ ବ୍ୟବସ୍ଥା କରିଛନ୍ତି । ଏସମସ୍ତ ସୁବିଧା ପାଇଁ ସୁନାଦେଇର ବାପା ଭଳି ସବୁ ନିରୀହ ସରଳ ଆଦିବାସୀ ପିତାମାତା ନିଜ ସନ୍ତାନ ସନ୍ତତିଙ୍କୁ ଉଜ୍ଜ୍ୱଳ ଭବିଷ୍ୟତ ଗଢିବା ସକାଶେ ଏହି ବିଦ୍ୟାଳୟ ମାନଙ୍କରେ ନାମ ଲେଖାଇ ଆଶ୍ୱସ୍ତି ଲଭୁଛନ୍ତି । ସେମାନଙ୍କ ଭଳି ସରଳ ହୃଦୟଧାରୀ କାହୁଁ ବା ବୁଝିବେ ଆଧୁନିକ ସଭ୍ୟତାକୁ । ସଭ୍ୟଜଗତର ନର ରାକ୍ଷସ ମାନଙ୍କୁ । ଗୁରୁ ଭଳି ମହାନ୍ ସ୍ଥାନରେ ସ୍ଥାନିତ କ୍ରୁର ଯୌନବୁଭୁକ୍ଷୁମାନଙ୍କୁ । ମାତ୍ର ଏ ସରଳ ପଣର ଫାଇଦା ଉଠାଇ ବହୁ ନର ରାକ୍ଷସ ମାନେ ସରଳ ଆଦିବାସୀ ଝିଅଙ୍କ ପ୍ରତି ଅବୈଧ ଆଚରଣକୁ ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି ଶ୍ରୀମାନ୍ ସାହୁ ।

ସୁନାଦେଇ ହିନ୍ଦୀ ଶିକ୍ଷକଙ୍କ ଆଶାଳୀନ ବ୍ୟବହାରରେ କ୍ଷୁବ୍ଧ ଓ ମର୍ମାହତ ହୋଇ ବିଦ୍ୟାଳୟରୁ ପଳାୟନ କରିବା, ଭୟଭୀତ ହୋଇ ପାଠ ପଢା ପ୍ରତି ବୀତସ୍ପୃହ ଭାବ ପୋଷଣ କରିବା, ଅନ୍ୟ ଝିଅଙ୍କୁ ବି ଏଭଳି ଅପ୍ରୀତିକର ପରିସ୍ଥିତିରେ ସନ୍ଧାନକରି ପାଇବା ଭିତରେ ଉପନ୍ୟାସର ଗତିପଥ ନିର୍ଦ୍ଧାରିତ ହୋଇଛି । କଥାକାର ଶ୍ରୀ ସାହୁ ଶିକ୍ଷାବିତ୍ ଭାବରେ କୌଣସି ପଦକ୍ଷେପ ନେଇନପାରି ତାକୁ ପ୍ରଚଣ୍ଡ କଳ୍ପନାଶକ୍ତିର ପୁଟ ଦେଇ ସାହିତ୍ୟିକ ନ୍ୟାୟ ଦେବାର ମାର୍ଗ ଚୟନ କରିଛନ୍ତି । ବିଶ୍ୱ ସାହିତ୍ୟିକ ‘ଇମର୍ସନ’ (Emerson)ଙ୍କ ମହାନ୍ ବାଣୀ ଏଠି ପ୍ରମାଣିତ ହୋଇଛି କଳାକାରଙ୍କ ପାଇଁ- ‘The imagination is nothing less than God as he operates in the human soul .‘ସତରେ ସାହିତ୍ୟିକ ହିଁ ତ ମଣିଷର ବେଦନାକୁ ହୃଦୟବତ୍ତା ର ସହ ଗ୍ରହଣ କରି ପ୍ରଚଣ୍ଡ କଳ୍ପନାଶକ୍ତି ଦ୍ୱାରା ଜୀବନ୍ତ କରି ତୋଳିଥାଏ । ଶ୍ରୀମାନ୍ ସାହୁ ବା ଏଥିରୁ କେମିତି ବାଦ୍ ଯାଆନ୍ତେ !

ପରବର୍ତ୍ତୀ ସମୟରେ ସୁନାଦେଇର ଫେରିଛି ବିଦ୍ୟାଳୟକୁ, ଅନ୍ୟ ଜଣେ ଆଦର୍ଶ ଶିକ୍ଷକଙ୍କ ଯୋଗୁଁ । ସେ ମହାନ୍ ବ୍ୟକ୍ତି ବହୁଦିନ ଧରି ଅନୁପସ୍ଥିତ ଥିବା ଜଣେ ଆଗଧାଡିର ଛାତ୍ରୀ ସୁନାଦେଇକୁ ବିଦ୍ୟାଳୟରେ ନପାଇ ଘରକୁ ଯାଇ ବୁଝେଇବାର ପ୍ରୟାସ କରିଛନ୍ତି । ଯାହା ସଫଳ ହୋଇଛି । ସୁନାଦେଇ ହିନ୍ଦୀ ଶିକ୍ଷକଙ୍କ ଆଶାଳୀନ ବ୍ୟବହାର ଭୁଲି ପାଠପଢ଼ାରେ ମନ ଦେଇଛି । କିନ୍ତୁ ହିନ୍ଦୀ ଶିକ୍ଷକଙ୍କ ଅବୈଧ ଆଚରଣ ଆଉ ବେଶୀ ଦିନ ଲୁଚି ରହିନାହିଁ । ଅନ୍ୟ ଝିଅଙ୍କ ପ୍ରତି ଅବୈଧ ଆଚରଣକୁ ଶିକ୍ଷାର୍ଥୀମାନେ ଏବଂ ସମସ୍ତ ଶିକ୍ଷକମାନେ ଜାଣିପାରିଛନ୍ତି । ଏଭଳିକି ଜିଲ୍ଲା ପ୍ରଶାସନ ଓ ମିଡିଆରେ ଖବର ପହଞ୍ଚିଛି । ଜିଲ୍ଲା କଲେକ୍ଟର ଏହାକୁ ସ୍ୱୟଂ ତଦନ୍ତ ପୂର୍ବକ ଝିଅମାନଙ୍କର ସାହସ ବର୍ଦ୍ଧିତ କରିଛନ୍ତି । ପରିଶେଷରେ ଯୌନବୁଭୁକ୍ଷୁ ଶିକ୍ଷକଙ୍କୁ ଉପଯୁକ୍ତ ଶାସ୍ତି ମିଳିଛି ।

ସରଳ ଆଦିବାସୀ ଝିଅଙ୍କର ଏ ବିଦ୍ରୋହ ସଭ୍ୟ ସମାଜକୁ ଏକ ଆହ୍ୱାନ କହିଲେ ଅତ୍ୟୁକ୍ତି ହେବନାହିଁ।

ଆଦିବାସୀ ଝିଅଙ୍କର ବି ସ୍ୱପ୍ନ ଅଛି ଏବଂ ଏଥିପାଇଁ ସେମାନେ ସ୍ୱର ଉତ୍ତୋଳନ କରିପାରନ୍ତି, ଏହାର ନିଛକ ପ୍ରମାଣ ଉକ୍ତ ଉପନ୍ୟାସରେ ଆମେ ପାଇଥାଉ ।

ଆଦିବାସୀ ଜନ ଜୀବନର ରୂପକାର ଶ୍ରୀମାନ୍ ସାହୁଙ୍କ ଏ ଉପନ୍ୟାସ ବହୁ ପାଠକୀୟତା ଲାଭ କରିଛିଏବଂ ଆଗକୁ ମଧ୍ୟ ବିପୁଳ ଆଗ୍ରହ ପାଇପାରିବା ସହ ଏକ ଜୀବନନିଷ୍ଠ ଉପନ୍ୟାସ ର ଗୌରବ ଲାଭ କରିବ, ଏଥିରେ କୌଣସି ଦ୍ୱନ୍ଦ୍ୱ ନାହିଁ ।



ଡ. ମମତା ପ୍ରିୟଦର୍ଶିନୀ ସାହୁ
ଓଡିଆ ଅଧ୍ୟାପିକା,
ସରକାରୀ ଏସ୍ ଏସ୍ ଡି, ଏଚ୍ ଏସ୍ ଏସ୍,
ଯୁକ୍ତ ଦୁଇ ବିଜ୍ଞାନ ମହାବିଦ୍ୟାଳୟ ,
ବାଲିଶଙ୍କରା, ସୁନ୍ଦରଗଡ



କଲମ ଆଜ୍ ଉନକୀ ଜୟ ବୋଲ୍
ଯୋ ଚଢ଼ ଗୟେ ପୁଣ୍ୟ ବେଦୀ ପର୍
ଲିୟେ ବିନା ଗରଦନ୍ କା ମୋଲ୍,
ସାକ୍ଷୀ ହେଁ ଜିନକୀ ମହିମା କେ
ସୂର୍ଯ୍ୟ, ଚନ୍ଦ୍ର, ଭୂଗୋଲ୍, ଖଗୋଲ୍
କଲମ ଆଜ୍ ଉନକୀ ଜୟ ବୋଲ୍ ...

- ରାଷ୍ଟ୍ରକବି ଶ୍ରୀ ରାମଧାରୀ ସିଂହ ‘ଦିନକର’



# ବମ୍ ତୁଲ୍ ବୁଖାରା



ଦୀପକ ରଂଜନ ମିଶ୍ର

## ।। ...ଚକ୍ଷୁଷ୍ମାନ୍ ଭବ ।।




୧୯୪୫ ମସିହାର କଥା । ସେତେବେଳେ ଶିବ୍ ବର୍ମା ନୈନୀ ଜେଲ୍‌ରେ । ତାଙ୍କ ସହ କିଛି ଛାମୁଆଁ କଂଗ୍ରେସ ନେତା ବି ଥାଆନ୍ତି ସହବନ୍ଦୀ । ସେମାନଙ୍କୁ ଦିନେ କଥା ଛଳରେ ସେ ହସି ହସି କହିଥିଲେ, “ଏବେ ଆମକୁ ଇଂରେଜମାନେ ବନ୍ଦୀ ବନେଇଛନ୍ତି । କିନ୍ତୁ ଦେଶ ସ୍ୱାଧୀନ ହୋଇଗଲା ପରେ ଦେଖିବେ ଆପଣମାନେ ଆମକୁ ବନ୍ଦୀ କରିବେ ।” ଏହା ଶୁଣି ଜଣେ ଜଣେ କଂଗ୍ରେସ ନେତା କୋହଭରା କଣ୍ଠରେ କହନ୍ତି, “ଦେଶ ପାଇଁ ଆପଣଙ୍କର ଏତେ ମହାନ ବଳିଦାନକୁ କ’ଣ କେହି ଭୁଲି ପାରିବ ? ଆମେ ସେତିକି ସ୍ୱାର୍ଥୀ କେବେ ହୋଇ ପାରିବୁନି ।” ଜେଲ୍‌ରୁ ମୁକୁଳିବାର ଠିକ୍ ବର୍ଷକ ମଧ୍ୟରେ ଜୌନ୍‌ପୁର ଜିଲ୍ଲା କିଷାନ ସମ୍ମିଳନୀରେ ଯୋଗ ଦେବାକୁ ଶିବ୍‌ଦା’ ଯାଇଥିବା ବେଳେ ତାଙ୍କ ପୂର୍ବାନୁମାନ ସତ୍ୟ ପ୍ରମାଣିତ ହୁଏ । ତାଙ୍କର ଦୋଷ କ’ଣ ଥିଲା ? ତାହା ଗୋଟେ ହସକଥା ଭଳି ଲାଗିବ ଆପଣଙ୍କୁ । ସେଠିକା କିଷାନ ସମାବେଶରେ ସେ ସାମ୍ପ୍ରଦାୟିକତାର ଖୁବ୍ ପ୍ରଚାର କରିଥାନ୍ତି ତାଙ୍କ ଭାଷଣ ମାଧ୍ୟମରେ । ଈଶ୍ୱରଙ୍କ ଅସ୍ତିତ୍ୱ ଉପରେ ପ୍ରଶ୍ନ ଉଠାଉଥିବା ଜଣେ ସାମ୍ୟବାଦ୍‌ର ପ୍ରବକ୍ତାଙ୍କର ସାମ୍ପ୍ରଦାୟିକତାର ପ୍ରଚାର ଟିକେ ଅଖାଡୁଆ ଲାଗୁଥିବ ନିଶ୍ଚିତ । ତେବେ ଅସଲ କଥା ଥିଲା କିଛି ଏମିତି - ଯେଉଁ ସି.ଆଇ.ଡି ଇନ୍ସପେକ୍ଟରଙ୍କୁ ମୁଗଲସରାଇର ଜନସଭାର ରିପୋର୍ଟ ପ୍ରସ୍ତୁତ କରିବା ଦାୟିତ୍ୱ ଦିଆହୋଇଥିଲା ସେ ମହାନୁଭବଙ୍କୁ ‘କମ୍ୟୁନିଜମ୍’ ଓ ‘କମ୍ୟୁନାଲିଜମ୍’ ଏକା ଭଳି ଶୁଭେ । ତେଣୁ ମହାଶୟ ରିପୋର୍ଟରେ ଲେଖନ୍ତି ଶିବ୍ ବର୍ମା ତାଙ୍କ ଏକ ଘଣ୍ଟିଆ ଭାଷଣ ଭିତରେ ବହୁବାର କମ୍ୟୁନାଲିଜମ୍‌ର ପ୍ରଚାର ପ୍ରସାର କରିଛନ୍ତି ବୋଲି । ଆଉ ସେଇ ରିପୋର୍ଟ ଆଧାରରେ ଆମ ସ୍ୱାଧୀନ ଦେଶର ପୋଲିସ୍ ଗିରଫ୍ କରେ ଶିବ୍‌ଦା’ଙ୍କୁ କିଛି ସତ୍ୟାସତ୍ୟ ଯାଞ୍ଚ ନକରି । ସ୍ୱାଧୀନ ଭାରତରେ ତାଙ୍କର ପ୍ରଥମ ଗିରଫଦାରୀ ତଥା ସାମ୍ପ୍ରଦାୟିକତାର ପ୍ରଚାର କରୁଥିବାର ଆରୋପ ବିରୁଦ୍ଧରେ ପ୍ରବଳ ଜନଉତ୍ତେଜନା ଦେଖାଦିଏ । ଶୋଭାଯାତ୍ରା, ସଭା ଇତ୍ୟାଦି ଅନୁଷ୍ଠିତ ହେବାସହ କିଛି ପ୍ରତିନିଧି ଗୃହମନ୍ତ୍ରୀଙ୍କୁ ମଧ୍ୟ ଭେଟି ତାଙ୍କ ଦୃଷ୍ଟି ଆକର୍ଷଣ କରନ୍ତି । ହେଲେ କିଛି ଫଳ ମିଳେନି । ଦୁଇମାସ ପାଇଁ ଶିବ୍‌ଦା’ଙ୍କୁ ଭୋଗିବାକୁ ପଡ଼େ ଜେଲଦଣ୍ଡ । ପୁଣି ବିଡ଼ମ୍ବନା ଏଇୟା ଯେ, ଯିଏ ତାଙ୍କ ସାଥୀଙ୍କ ସହ ସାତଥର ଆମରଣ ଅନଶନ କରି କ୍ରାନ୍ତିକାରୀଙ୍କ ପାଇଁ ସ୍ୱତନ୍ତ୍ର ‘ବି’ କ୍ଲାସ୍‌ର ସୁବିଧା ହାସଲ କରି ପାରିଥିଲେ ବ୍ରିଟିଶ୍ ରାଜତ୍ୱ କାଳରେ, ତାଙ୍କୁ ସ୍ୱାଧୀନ ଭାରତରେ ‘ସି’ କ୍ଲାସର କୈଦୀ ଭାବରେ ଜେଲ୍‌ରେ ରହିବାକୁ ହୁଏ ।

ଜବାହରଲାଲ ନେହେରୁ, ଯିଏ ଲୋକତାନ୍ତ୍ରିକ, ଧର୍ମନିରପେକ୍ଷ ତଥା ବାମପନ୍ଥୀ ବିଚାରଧାରା ରଖୁଥିବା ରାଜନେତା ଥିଲେ, ସେ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ହେବାପରେ ୧୯୪୮ ମସିହାରେ ସାମ୍ୟବାଦୀଙ୍କ ବିରୁଦ୍ଧରେ ଦମନକାର୍ଯ୍ୟ ଆରମ୍ଭ କରନ୍ତି । ତାଙ୍କ ଇଙ୍ଗିତରେ ଦେଶର ବହୁ ସାମ୍ୟବାଦୀ ବିଚାରଧାରାର ସମର୍ଥକଙ୍କୁ କାରାବରଣ କରିବାକୁ ପଡ଼େ । ଜେଲରୁ ମୁକୁଳିବାର କିଛିମାସ ପରେ ପୁଣି ତାଙ୍କ ନାଁରେ ୱାରେଣ୍ଟ ଜାରି କରାଯିବାରୁ ଶିବ୍‌ଦା’ ଭୂମିଗତ ହୋଇ ଆପଣା ସଂଗ୍ରାମ ଜାରି ରଖିବାକୁ ବାଧ୍ୟ ହୁଅନ୍ତି । ସେତେବେଳକୁ ସାଥୀ ଜୟଦେବ କପୁର ଗିରଫ୍ ହୋଇ ସାରିଥାନ୍ତି ଶ୍ରମିକ ସଂଗଠନର ନେତୃତ୍ୱ ନେବା ଅଭିଯୋଗରେ । ୧୯୬୨, ଭାରତ-ଚୀନ ଯୁଦ୍ଧ ସମୟରେ ଭାରତ ସରକାର ପୁଣିଥରେ ସାମ୍ୟବାଦୀଙ୍କ ଦମନ ପ୍ରକ୍ରିୟା ଆରମ୍ଭ କରନ୍ତି । ଏହା କେବଳ ସେଇ ସାମ୍ୟବାଦୀଙ୍କ ବିରୁଦ୍ଧରେ ଥାଏ ଯେଉଁମାନେ ଯୁଦ୍ଧ ସମୟରେ ଚୀନ୍ ବିରୋଧୀ ପ୍ରଚାରରେ କଂଗ୍ରେସର ହାତବାରିଶି ବନିବାକୁ ପ୍ରସ୍ତୁତ ନଥିଲେ । କଂଗ୍ରେସକୁ ପୁଞ୍ଜିପତିଙ୍କ ସମର୍ଥକ ମାନୁଥିବା ଶିବ୍‌ଦା’ ଥିଲେ ସେମାନଙ୍କ ଭିତରୁ ଜଣେ । ତେଣୁ ପୁଣିଥରେ ନେହେରୁ ସରକାର ତାଙ୍କୁ ବନ୍ଦୀ ବନାଇ କାରାଗାର ଭିତରକୁ ନେଇ ଯାଆନ୍ତି । ଜେଲ ଭିତରେ ଏଥର ୧୭ ମାସର ବନ୍ଦୀ ଜୀବନ କାଟିବାକୁ ହୁଏ । ଆଉ ମୁକୁଳିବାର ୬ ମାସ ପରେ ପୁଣି ଗିରଫ୍ କରାଯାଏ ତାଙ୍କୁ । ଚୀନ୍‌ର ପ୍ରଶ୍ନକୁ ନେଇ ଭାରତୀୟ କମ୍ୟୁନିଷ୍ଟ ଦଳ ସି.ପି.ଆଇ ଓ ସି.ପି.ଏମ୍. ନାମରେ ଦୁଇଭାଗରେ ଭାଗ ହୋଇସାରିଥାଏ । କଂଗ୍ରେସ ସମର୍ଥକ ସି.ପି.ଆଇ. ସ୍ଥାନରେ କଂଗ୍ରେସ ବିରୋଧୀ ସି.ପି.ଏମ୍.ରେ ଯୋଗଦେବାକୁ ଉଚିତ୍ ମଣନ୍ତି ଶିବ୍‌ଦା’ ।

ଜେଲ ଭିତରେ ଥିବା ସମୟରେ ସେ ଆପଣା ଯୁବାବସ୍ଥାର ସାତଜଣ ସାଥୀଙ୍କୁ ସ୍ମରଣ କରି ତାଙ୍କ ବିଷୟରେ ଗୋଟିଏ ଲେଖା ସଂସ୍ମରଣାତ୍ମକ ରେଖାଚିତ୍ର ଅଙ୍କନ କରନ୍ତି । ଯାହା ୧୯୬୭ ମସିହାରେ ‘ସଂସ୍ମୃତିୟାଁ’ ନାମକ ଏକ ପୁସ୍ତକରୂପେ ପ୍ରକାଶିତ ହୁଏ । ସ୍ୱାଧୀନ ଭାରତରେ ସାଧାରଣ ଜନତା କ୍ରାନ୍ତିକାରୀଙ୍କୁ ଫିଲ୍ମ କିମ୍ବା ଟିଭି ସିରିଏଲରେ ଦେଖିଥିବା ଚରିତ୍ରମାନଙ୍କ ଭଳି ଅନୁମାନ କରୁଥାନ୍ତି । ଭାବୁଥାନ୍ତି ସେମାନେ ଯେମିତି କୌଣସି ଭିନ୍ନ ଗ୍ରହର ମଣିଷ । ଅନାବଶ୍ୟକ ହିଂସାରେ ବିଶ୍ୱାସ କରୁଥିବା, ଯାହାଙ୍କ ପାଇଁ ମଣିଷର ହତ୍ୟା ଏକ ମନୋରଞ୍ଜନ, ଯିଏ ସର୍ବଦା ରାଗରେ ଗରଗର ହେଉଥିବା ସହ ଚିତ୍କାର କରୁଥିବ ହିଂସ୍ର ହୋଇ । ହେଲେ ବାସ୍ତବିକତା ଯେ ପୂରା ଓଲଟା ତାହାକିଏ ଜଣାଇବ ସେମାନଙ୍କୁ । ଏଇ କାର୍ଯ୍ୟଭାର ନିଜ କାନ୍ଧକୁ ନେଇଥିଲେ ଶିବ୍ ବର୍ମା ଅତୀତର କ୍ରାନ୍ତିକାରୀ ସାଥୀଙ୍କ ବିଷୟରେ ସ୍ମୃତିଚାରଣ କରି । ଭଗତ ସିଂହ, ଆଜାଦ, ରାଜଗୁରୁ, ସୁଖଦେବ, ମହାବୀର ସିଂହ, ଯତୀନ ଦାସ ଓ ଭଗବତୀ ଚରଣ ବୋହରା । ଏମାନେ ସମସ୍ତେ ଧରାପୃଷ୍ଠରେ ଚାଲବୁଲ କରୁଥିବା ରକ୍ତମାଂସଧାରୀ ମଣିଷ ଥିଲେ । ତାଙ୍କ ସୁଖଦୁଃଖ, ହସକାନ୍ଦ, ଘୃଣା-ଭଲପାଇବା, ମିତ୍ର-ଶତ୍ରୁ, ଖାଦ୍ୟପେୟ ତଥା ପୋଷାକପତ୍ର ଇତ୍ୟାଦି ସବୁକିଛି ସାଧାରଣ ଲୋକଙ୍କ ଠାରୁ କୌଣସି ଗୁଣରେ ଭିନ୍ନ ନଥିଲା । ସାଧାରଣ ଲୋକଙ୍କ ପରି ନିରୁଦ୍ଦେଶ୍ୟ ଅଥବା ବ୍ୟକ୍ତିବାଦୀ ଉଦ୍ଦେଶ୍ୟରୁ ପ୍ରେରିତ ନହୋଇ ସେମାନଙ୍କ ଜୀବନର ଥିଲା ଏକ ନିର୍ଦ୍ଦିଷ୍ଟ ସାମାଜିକ ଉଦ୍ଦେଶ୍ୟ । ବହିଟି ବିଭିନ୍ନ ଭାରତୀୟ ଭାଷାରେ ଅନୁବାଦିତ ହୋଇ ପାଠକଙ୍କ ଗହଣରେ ଖୁବ୍ ଆଦୃତ ହେବାସହ ସୋଭିଏତ୍‌ଲେଣ୍ଡ-ନେହେରୁ କମିଟି ଦ୍ୱାରା ପୁରସ୍କୃତ ହୁଏ ମଧ୍ୟ । ନେହେରୁ ତଥା ଶାସ୍ତ୍ରୀଙ୍କ ଦେହାନ୍ତ ପରେ କଂଗ୍ରେସର ଲଗାମ ଇନ୍ଦିରା ଗାନ୍ଧୀଙ୍କ ହାତକୁ ଆସେ । ତାଙ୍କ ଶାସନକାଳରେ ଭ୍ରଷ୍ଟାଚାରର ସଂସ୍କୃତି ବୃଦ୍ଧିପାଏ । ଯାହାର ପରିଣାମ ସ୍ୱରୂପ ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ଭ୍ରଷ୍ଟାଚାର ବିରୋଧୀ ଆନ୍ଦୋଳନ ତଥା ଇମରଜେନ୍ସୀର ଘୋଷଣା । ଏଇ ଇମରଜେନ୍ସୀ ସମୟରେ ଶିବ୍ ବର୍ମା ୧୯ ମାସ ଯାଏଁ ଭୂମିଗତ ରହିବାକୁ ବାଧ୍ୟ ହୁଅନ୍ତି । ଆଉ ୧୯୮୧ ମସିହା ଆସେ ଏକ ପରିବର୍ତ୍ତନକୁ ସାଥୀରେ ନେଇ । ସାମ୍ୟବାଦୀ ବିଚାରଧାରା ଆସ୍ତେ ଆସ୍ତେ ସ୍ୱାର୍ଥକୈନ୍ଦ୍ରିକ ହୋଇ ତାର ମହତ୍ତ୍ୱ ହରାଇବାକୁ ଲାଗେ । ଯାହା ଅସହ୍ୟ ହୁଏ ସେଇ ଲୋକମାନଙ୍କୁ ଯେଉଁମାନେ ଏଇ ବିଚାରଧାରାକୁ ଭାରତକୁ ଆଣି ଏକ ସ୍ୱର୍ଣ୍ଣିମ ପ୍ରଭାତର ସ୍ୱପ୍ନ ଦେଖିଥିଲେ । ଯେଉଁମାନେ ଆଣ୍ଡାମାନର କାଳ କୋଠରୀ ଭିତରେ ଭବିଷ୍ୟତର କମ୍ରେଡ୍ ନିର୍ମାଣ ପାଇଁ କଲେଜ ଖୋଲି ନିୟମିତ କ୍ଲାସ୍ କରୁଥିଲେ । ଆସ୍ତେ ଆସ୍ତେ ଦଳ ଭିତରେ ନିଜକୁ ଅପାଂକ୍ତେୟ ମନେ କରି ଶିବ୍‌ଦା’ ସେକ୍ରେଟେରିଏଟ୍ ତଥା ରାଜ୍ୟ କମିଟିର ସଦସ୍ୟତାରୁ ତ୍ୟାଗପତ୍ର ଦିଅନ୍ତି । ବୟସାଧିକ୍ୟ ଯୋଗୁଁ କାର୍ଯ୍ୟ କରିବାକୁ ଅସମର୍ଥ ବୋଲି ଲେଖିଥିଲେ ସିନା ତାଙ୍କ ତ୍ୟାଗପତ୍ରରେ, ହେଲେ କ୍ରାନ୍ତିକାରୀ କ’ଣ କେବେ ଅସମର୍ଥ ହୋଇପାରେ ? ଥକିଯାଇ ନିଶ୍ଚିନ୍ତରେ ବସିପାରେ ରାସ୍ତା କଡ଼େ ? ଲାହୋର ସେଣ୍ଟ୍ରାଲ ଜେଲରେ ଅନ୍ତିମ ସାକ୍ଷାତ ବେଳେ ତାଙ୍କ ଲୁହ ଛଳଛଳ ଆଖି ଦେଖି ଭଗତସିଂହ କହିଥିଲେ, “ଇୟେ ଭାବପ୍ରବଣତାର ସମୟ ନୁହେଁରେ ଶିବ ! ମୁଁ ତ ଦିନ କେଇଟା ଭିତରେ ସବୁ ଝଞ୍ଝଟ୍‌ରୁ ମୁକ୍ତ ହୋଇଯିବି; କିନ୍ତୁ ତୁମମାନଙ୍କ ଆଗରେ ଲମ୍ବା ରାସ୍ତା । ମୋର ବିଶ୍ୱାସ, ଦାୟିତ୍ୱର ଭାରି ବୋଝ କାନ୍ଧେଇ ଲମ୍ବା ଅଭିଯାନରେ ଗଲାବେଳେ ତୁମେ କେବେ ଥକିବନି, ହାର ମାନି ରାସ୍ତା କଡ଼ରେ ବସି ଯିବନି ।”

ନା, ବାର୍ଦ୍ଧକ୍ୟ କେବେ ଶିଥିଳତା ଆଣି ପାରିବନି ଜଣେ କ୍ରାନ୍ତିକାରୀ ଠାରେ । ଏବେ ପରିସ୍ଥିତି ପରିବର୍ତ୍ତିତ । କିନ୍ତୁ ପୁଞ୍ଜିବାଦୀ ମାନସିକତା ବିରୁଦ୍ଧରେ ସ୍ୱର ଉତ୍ତୋଳନ ନକଲେ ସ୍ୱାଧୀନତା ଯେ ଦିବାସ୍ୱପ୍ନ । ତାଙ୍କୁ ଆଗେଇବାକୁ ପଡ଼ିବ । ଯେଉଁ ଆଦର୍ଶର ପ୍ରତିଷ୍ଠା ପାଇଁ ସେମାନେ ଜ୍ୱଳନ୍ତ ମଶାଲ ହାତରେ ଧରି ସଶସ୍ତ୍ର କ୍ରାନ୍ତିର ପଥକୁ ବାଛି ନେଇଥିଲେ ଯୁବା ବୟସରେ ସେଇ ଆଦର୍ଶର ସଂରକ୍ଷଣ ନିହାତି ଆବଶ୍ୟକ ଆଗାମୀ ପିଢ଼ି ପାଇଁ । ତାଙ୍କ ସାଥୀମାନଙ୍କ ମହାନ ବଳିଦାନର ଗାଥା ତାଙ୍କୁ ଲିପିବଦ୍ଧ କରିବାକୁ ପଡ଼ିବ । ବନ୍ଧୁକର ଦିନ ଯାଇ ସାରିଛି । ଦା’ ଓ ହାତୁଡ଼ି ମଧ୍ୟ ଛାଡ଼ି ସାରିଛନ୍ତି । ଏଥର ତାଙ୍କ ଶିରାଳ ହାଡୁଆ ହାତରେ ଲେଖନୀକୁ ମୁଠେଇ ଧରିବାର ଦୁର୍ବାର କାମନା । ସେଇ ମହାନ୍ କାର୍ଯ୍ୟରେ ସହଯୋଗ କରିବାକୁ ଅତୀତର କିଛି ସାଥୀ ବି କାନ୍ଧରେ କାନ୍ଧ ମିଶାଇବାକୁ ଆଗେଇ ଆସନ୍ତି । ଲକ୍ଷ୍ନୌ ସ୍ଥିତ ‘ମାଣ୍ଟେସରୀ ଇଣ୍ଟର ମିଡିଏଟ୍ କଲେଜ’ ସାଜେ ତାଙ୍କର କର୍ମକ୍ଷେତ୍ର । ଯାହାର ପ୍ରତିଷ୍ଠାତା ଥିଲେ ଶ୍ରୀମତୀ ଦୁର୍ଗାବତୀ ବୋହରା, ମହାନ କ୍ରାନ୍ତିକାରୀ ଭଗବତୀ ଚରଣ ବୋହରାଙ୍କ ଧର୍ମପତ୍ନୀ । ୧୯୨୮ରେ ସାଣ୍ଡାର୍ସ ହତ୍ୟାକାଣ୍ଡ ପରେ ଯିଏ ଛଦ୍ମବେଶରେ ଭଗତସିଂହଙ୍କ ପତ୍ନୀ ସାଜି ଟ୍ରେନ୍‌ରେ ତାଙ୍କୁ ଲାହୋରରୁ ସୁରକ୍ଷିତ କଲିକତା ପହଞ୍ଚାଇଥିଲେ । ଭଗତସିଂହଙ୍କୁ ଜେଲ୍‌ରୁ ମୁକୁଳାଇବା ଉଦ୍ଦେଶ୍ୟରେ ବ୍ୟବହାର ପାଇଁ ପ୍ରସ୍ତୁତ କରାହୋଇଥିବା ବୋମାର କ୍ଷମତା ପରୀକ୍ଷା କରିବାକୁ ଯାଇ ରାବୀ ନଦୀକୂଳରେ ବିସ୍ଫୋରଣ ଘଟି ଭଗବତୀ ଭାଇ ଶହୀଦ୍ ହେବାପରେ ଦୁର୍ଗାଭାବୀ ଲାହୋର ଛାଡ଼ି ଚାଲିଆସନ୍ତି ଦିଲ୍ଲୀ । ଜଣେ ଇଂରେଜ୍ ଅଫିସରଙ୍କୁ ଗୁଳି କରିବାର ତଥା ଲାହୋର ଷଡ଼ଯନ୍ତ୍ର ର ଅଭିଯୁକ୍ତଙ୍କୁ ସାହାଯ୍ୟ କରିବାର ଅଭିଯୋଗରେ ତାଙ୍କୁ କାରାଦଣ୍ଡରେ ଦଣ୍ଡିତ କରାଯାଏ । ସିଏ ୧୯୩୫ ମସିହାରେ ଜେଲରୁ ମୁକୁଳିବା ପରେ ଲକ୍ଷ୍ନୌଠାରେ ଏକ ମାଣ୍ଟେସରୀ ସ୍କୁଲ ଖୋଲି ପିଲାଙ୍କୁ ପଢ଼େଇବା ଆରମ୍ଭ କରନ୍ତି । ଆସ୍ତେ ଆସ୍ତେ ସ୍କୁଲଟି କଲେଜର ରୂପ ନିଏ । ଦୁର୍ଗାଭାବୀଙ୍କୁ ଭେଟିବାକୁ ଶିବ୍‌ଦା’ ପ୍ରାୟ ଯାଉଥିଲେ ଲକ୍ଷ୍ନୌ । ଅତୀତର ଅନେକ କ୍ରାନ୍ତିକାରୀ ବନ୍ଧୁଙ୍କ ସହିତ ସେଇଠି ଦେଖାସାକ୍ଷାତ ତଥା ଭାବର ଆଦାନ ପ୍ରଦାନ ହେଉଥିଲା । ସମସ୍ତେ ମିଶି ଦୁର୍ଗାଭାବୀଙ୍କ ସେଇ କଲେଜ୍ ସ୍ଥିତ ବାସଗୃହରେ ପ୍ରତିଷ୍ଠା କରନ୍ତି ‘ଶହୀଦ ସ୍ମାରକ’ ବା ‘ସ୍ୱତନ୍ତ୍ରତା ସଂଗ୍ରାମ ଗବେଷଣା କେନ୍ଦ୍ର’ । ଅତୀତର କ୍ରାନ୍ତିକାରୀ ଗତିବିଧି ଗୁଡ଼ିକ ବିଷୟରେ ବନ୍ଧୁମାନଙ୍କ ସହ ଆଲୋଚନା ତଥା ଦସ୍ତାବେଜଗୁଡ଼ିକ ସଂଗ୍ରହ କରି ଲିଖନ କାର୍ଯ୍ୟ ଆରମ୍ଭ କରାଯାଏ । ଏଇ ସମୟରେ ମୋତିଆବିନ୍ଦୁ ହୋଇ ତାଙ୍କୁ ଝାପ୍‌ସା ଦେଖାଯାଏ । ଅସ୍ତ୍ରୋପଚାର କରିବାରୁ ଆଖି ଭଲ ହେବା ପରିବର୍ତ୍ତେ କିଛିଟା ତୃଟି ରହିଯିବାରୁ ସବୁଦିନ ପାଇଁ ଦୃଷ୍ଟିଶକ୍ତି ହରାଇବସନ୍ତି ଶିବ୍‌ଦା’ । ବାଁପଟ ଆଖିଟି ନଷ୍ଟ ହୋଇଥିଲା ଆଣ୍ଡାମାନର ସେଲ୍ୟୁଲାର ଜେଲରେ ୧୯୩୩ ମସିହାରେ । ଡାହାଣ ଆଖିଟି ୧୯୮୧ରେ ନଷ୍ଟ ହେବାରୁ ସେ ସମ୍ପୂର୍ଣ୍ଣ ଅନ୍ଧ ହୋଇଯାଆନ୍ତି । ଦେଖି ନପାରିବାରୁ ଯେତିକି ନୁହେଁ ଭଗତସିଂହଙ୍କ ଉପରେ ଗବେଷଣା କାର୍ଯ୍ୟ ଆରମ୍ଭ ହେଉ ହେଉ ଅଟକି ଯିବାରୁ ସେ ଖୁବ୍ ମାନସିକ ଯନ୍ତ୍ରଣା ଭୋଗନ୍ତି । କମ୍ରେଡ୍ ପି. ସୁନ୍ଦରୈୟା ତାଙ୍କୁ କାନପୁର ଆସି ଏଭଳି ପରିସ୍ଥିତିରେ ନୈତିକ ପ୍ରେରଣା ପ୍ରଦାନ କରିବା ସହ ତାଙ୍କ ଯୋଜନାକୁ ଆଗକୁ ବଢ଼ାଇବା ପାଇଁ ଗୋଟିଏ ଷ୍ଟେନୋର ବ୍ୟବସ୍ଥା ମଧ୍ୟ କରିଦିଅନ୍ତି । ଦୁର୍ଗାଭାବୀଙ୍କ ପ୍ରତ୍ୟକ୍ଷ ସହଯୋଗରେ ଭଗତସିଂହଙ୍କ ପତ୍ର ଓ ଦସ୍ତାବେଜ ପୁସ୍ତକଟି ପ୍ରକାଶିତ ହୁଏ । ଦକ୍ଷିଣପନ୍ଥୀ ରାଜନୈତିକ ଦଳ ଓ ସଂଗଠକମାନେ ଆପଣା ସ୍ୱାର୍ଥସାଧନ ପାଇଁ ଯେଉଁଭଳି ଭାବେ ଭଗତସିଂହଙ୍କ ଚିତ୍ରଣ କରୁଥିଲେ ସେଥିରେ ଯବନିକାପାତ ହୁଏ । ଶିବ୍ ବର୍ମା ଏଇ ପୁସ୍ତକ ରଚନା କରି ଭଗତସିଂହଙ୍କ ପ୍ରକୃତ ସମାଜବାଦୀ ଛବି ଦେଶବାସୀଙ୍କ ସମ୍ମୁଖରେ ପ୍ରସ୍ତୁତ କରିବାରେ ସଫଳ ହୁଅନ୍ତି । ଏଇତ ଥିଲା ଶହୀଦମାନଙ୍କ ଉଦ୍ଦେଶ୍ୟରେ ପ୍ରଥମ ଅର୍ଘ୍ୟଦାନ । ଆଗକୁ ଆହୁରି ଅନେକ କାର୍ଯ୍ୟ ଅପେକ୍ଷା କରି ରହିଛି । ସାଧନାର ଅନେକ ଦୁର୍ଗମ ପଥ ଅତିକ୍ରମ କରିବାକୁ ହେବ । ବର୍ଷ ବର୍ଷ କାଳ କୋଠରୀର ଘନ ଅନ୍ଧକାର ଭିତରେ ବଞ୍ଚିଥିବା ମଣିଷ ଉପରେ ଅନ୍ଧତ୍ୱ ସେମିତି କୌଣସି ପ୍ରଭାବ ପକାଇ ପାରେନାହିଁ ।

ଦିନେ ତାଙ୍କୁ ଦେଖା କରିବାକୁ ଆସନ୍ତି ଭଗତସିଂହଙ୍କ ସାନଭାଇ କୁଲତାର । ଅଶୀତିପର ବୟସରେ ବାର୍ଦ୍ଧକ୍ୟ ତଥା ଅନ୍ଧତ୍ୱର ଶିକାର ହେବା ସତ୍ତ୍ୱେ କ୍ରାନ୍ତିର ମଶାଲକୁ ଜଳାଇ ରଖିବାକୁ ଅହରହ ପ୍ରଚେଷ୍ଟାରତ ଥିବା ଜଣେ କ୍ରାନ୍ତିକାରୀଙ୍କୁ ଦେଖି ଅତୀତର ଭଗତ୍‌ସିଂହ ତାଙ୍କ ଆଖି ସାମ୍ନାରେ ଝଲସି ଯାଆନ୍ତି । ଭ୍ରା’ଜୀ ଙ୍କ ବିଚ୍ଛେଦକୁ ଅର୍ଦ୍ଧଶତାବ୍ଦୀ ବିତି ଗଲାଣି । ତାଙ୍କ ପାଇଁ ତ କିଛି କରି ପାରି ନାହାନ୍ତି । ତାଙ୍କ ଅନ୍ତରଙ୍ଗ ବନ୍ଧୁଙ୍କ ପାଇଁ ହେଲେ କିଛି ଟିକିଏ କରି ପାରିଲେ ବି ସେଥିରେ ଭ୍ରା’ଜୀଙ୍କ ଆତ୍ମା ଶାନ୍ତି ପାଇବ ଭାବି ସେ ପଞ୍ଜାବର ମୁଖ୍ୟମନ୍ତ୍ରୀ ସରଦାର ଦରବାରା ସିଂହଙ୍କ ସହ ଶିବ୍‌ଦା’ଙ୍କ ବିଷୟରେ କଥା ହୁଅନ୍ତି । ଦରବାରା ସିଂହ ଅତି ଆଗ୍ରହର ସହ ତାଙ୍କୁ କାନପୁରରୁ ଅଣେଇ ଚଣ୍ଡିଗଡ଼ ମେଡିକାଲ କଲେଜର ଜଣେ ଚକ୍ଷୁବିଭାଗର ପ୍ରଫେସରଙ୍କୁ ଦେଖେଇବାର ବ୍ୟବସ୍ଥା କରନ୍ତି । ପରୀକ୍ଷା କରି ଚକ୍ଷୁ ବିଶେଷଜ୍ଞ ଡାହାଣ ଆଖିଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ବେଳେ ବାଁ ଆଖିରେ ଏବେ ବି କ୍ଷୀଣ ଦୃଷ୍ଟିଶକ୍ତି ଥିବାର ସନ୍ଧାନ ପାଆନ୍ତି । ଅସ୍ତ୍ରୋପଚାର କଲେ ବାଁ ଆଖିଟି କାମ କରିବାର ଯଥେଷ୍ଟ ସମ୍ଭାବନା । ଅସ୍ତ୍ରୋପଚାର ବିଫଳ ହେଲେ ବି ଶିବ୍‌ଦା’ଙ୍କର କିଛି ହରେଇବାକୁ ନଥିବାରୁ ସେ ରାଜି ହୋଇଯାଆନ୍ତି । ଆଉ ୧୯୩୩ ମସିହାରେ, ସେଲ୍ୟୁଲାର ଜେଲରେ ଆଖିରେ ମଦ ଢାଳି ପଟି ବାନ୍ଧି ଦେବାରୁ ଯେଉଁ ଆଖିଟି ଦୃଷ୍ଟି ଶକ୍ତି ହରାଇଥିଲା ସେଇ ଆଖିକୁ ଦୀର୍ଘ ପଚାଶବର୍ଷ ପରେ ଦୃଷ୍ଟିଶକ୍ତି ଫେରେ ୧୯୮୩ ମସିହାରେ । ଏହା ନିଶ୍ଚିତ ଭାବରେ ଥିଲା ମା’ ଭାରତୀଙ୍କ ତାଙ୍କ ଲାଡ଼ଲା ବେଟା ପ୍ରତି ଆଶୀର୍ବାଦ । ବିଦେଶୀ କବଳରୁ ନିଜ ମାତୃଭୂମିକୁ ମୁକ୍ତ କରିବା ଉଦ୍ଦେଶ୍ୟରେ କ’ଣ କମ୍ କଷ୍ଟ ସହିଛି ତାଙ୍କ ଏଇ ପୁଅ । ସ୍ୱାଧୀନତା ପ୍ରାପ୍ତି ପରେ ବି ତା’ର ସଂଗ୍ରାମର ଅନ୍ତନାହିଁ । ଖଟିଖିଆ, ଦିନମଜୁରିଆ ତଥା କୃଷକମାନଙ୍କ ପାଇଁ ସେ ଦିନରାତି ଏକ କରି ଲଢ଼େଇ କରୁଛି । ଆଉ ଶେଷକୁ ତା’ରି କ୍ରାନ୍ତିକାରୀ ସାଥୀମାନଙ୍କ ରକ୍ତାକ୍ତ ସଂଘର୍ଷ ତଥା ବଳିଦାନର ମହାନ ଗାଥାକୁ ଭବିଷ୍ୟତ ପିଢ଼ି ପାଇଁ ଲିପିବଦ୍ଧ କରି ରଖିବା ଲକ୍ଷ୍ୟରେ ଗବେଷଣା କେନ୍ଦ୍ର ପ୍ରତିଷ୍ଠା କରି ସାଧନାରତ ଥିବାବେଳେ ତାକୁ ଚକ୍ଷୁହୀନ କରିଦେବା କ’ଣ ଉଚିତ୍ ? ପୁଅର ମନକୁ ବୁଝିବାର ସାମର୍ଥ୍ୟ କେବଳ ପରା ମା’ର ଥାଏ । ସେଇଥିପାଇଁ ପୁଅକୁ ‘ଚକ୍ଷୁଷ୍ମାନ୍ ଭବ’ର ଆଶୀର୍ବାଦ ଦିଅନ୍ତି ମା’ ଭାରତୀ । ଆଉ ସେଇ ଆଶୀର୍ବାଦ କେବଳ ଶିବ୍‌ଦା’ଙ୍କ ପାଇଁ ନୁହେଁ, ଥିଲା ସମଗ୍ର ଭାରତବାସୀଙ୍କ ପାଇଁ । ୧୯୯୭ ମସିହା ଜାନୁଆରୀ ୧୦ ତାରିଖରେ ୯୩ ବର୍ଷ ବୟସରେ ତାଙ୍କର ଦେହାବସାନ ହେବା ପର୍ଯ୍ୟନ୍ତ ଆପଣାକୁ ଚଳଚଞ୍ଚଳ ରଖି ଅନେକ ଗବେଷକଙ୍କୁ କ୍ରାନ୍ତିକାରୀଙ୍କ ଉପରେ ଗବେଷଣା କରିବା ପାଇଁ ଉତ୍ସାହିତ କରିବା ସହ ସିଏ ନିଜେ ଅନେକ ଦୁର୍ମୂଲ୍ୟ ଗ୍ରନ୍ଥ ରଚନା କରି ଆମମାନଙ୍କ ଆଖି ଖୋଲିବା ପାଇଁ ଆପ୍ରାଣ ଉଦ୍ୟମ କରିଯାଇଛନ୍ତି । - ବନ୍ଦେ ମାତରମ୍

ସା./ପୋ- ଧର୍ମଶାଳା, ଜି- ସୁବର୍ଣ୍ଣପୁର, ଓଡ଼ିଶା-୭୬୭୦୩୪, (ମୋ) ୯୪୩୭୨୫୩୭୧୫

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୨୧ ନଭେମ୍ବର, ୨୦୨୧

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର
email : rabibarachayan2015@gmail.com



## ଆଉଜା କବାଟ (୫୪)



# ଦଲାଲମୁକ୍ତ ସାହିତ୍ୟ : ଏକ ଆହ୍ୱାନ(୨)

ଡ. ରାଧାରଂଜନ ପଟ୍ଟନାୟକ

(ପୂର୍ବ ପ୍ରକାଶିତ ଉତ୍ତାରୁ)

କବି ବା ଲେଖକ ଭାଗବତରେ ବର୍ଣ୍ଣନା କରାଯାଇଥିବା ଠିକ୍ ଅବଧୂତ ପରି। "ସେ ପାଠକମାନଙ୍କୁ ଚବିଶ ଗୁରୁର ସମ୍ବାଦ ଶୁଣାଇବ, ଅଥଚ ନିଜେ ରହିବ ଅନାସକ୍ତ। ପାଠକମାନେ ଯଦୁ ରାଜା ତୁଲ୍ୟ ଅବଧୂତ କଣ୍ଠକବିଠାରୁ ଜୀବନ, ଜୀବିକା ଓ ଜଗତ ସମ୍ପର୍କରେ ସମ୍ବାଦ ଶୁଣି ଗଢ଼ିନେଲେ ହେଲା।" (ସାମ୍ପ୍ରତିକ ସାହିତ୍ୟର କୁଳଶୀଳ : ଡ. ଶରତ ଚନ୍ଦ୍ର ପ୍ରଧାନ, ପୃଷ୍ଠା - ୨୫) କବିଟିଏ କବିତାର କୈବଲ୍ୟ ବାଣ୍ଟେ। ମାନବବାଦର ମହାପ୍ରସାଦ ଅଜାଡ଼ିଦିଏ। ଆଶା ଓ ବିଶ୍ୱାସର ପୃଥିବୀରେ ସମ୍ପର୍କର ସେତୁ ବାନ୍ଧେ। ନିଜ ମନର ଭାବକୁ ଶବ୍ଦ ଫୁଲରେ ପ୍ରସ୍ଫୁଟିତ କରାଏ। କବି ମଣିଷଟି କେବଳ ରୀତି, ନୀତି ଓ ରୁଚି ସହ ନିଜକୁ ବାନ୍ଧି ପାରେନା। ଜୀବନକୁ ଖୋଜେ। ଏଇ ଖୋଜିବା ଭିତରେ ସମୁଦାୟ ଜଗତକୁ ଦେଖେ। ସେଇଥିପାଇଁ ସେ ସାଜିଥାଏ ଦ୍ୱିତୀୟ ଈଶ୍ୱର। ସେ ବୁଝେ ଫୁଲ, କଣ୍ଟା, ଜନ୍ମ ଓ ମୃତ୍ୟୁର ରହସ୍ୟ ଭେଦ।

'କବି' ଶବ୍ଦଟିର ପ୍ରଚଳନ କେବଳ ସାମ୍ପ୍ରତିକ ସମୟର ନୁହେଁ, ବରଂ କେଉଁ ସୁଦୀର୍ଘ ଅତୀତରୁ ଏହା ପ୍ରଚଳିତ ହୋଇ ଆସୁଅଛି। ତ୍ରେତୟା ଯୁଗୀୟ କବି ମହାମୁନି ବାଲ୍ମୀକିଙ୍କ କଣ୍ଠରୁ ନିର୍ଗତ ହୋଇଥିବା "ମା' ନିଷାଦ ପ୍ରତିଷ୍ଠାଂ ତ୍ୱମଗମଃ ଶାଶ୍ୱତୀ ସମାଃ/ ଯ କ୍ରୌଞ୍ଚ ମିଥୁନ ଦେକମବଧୀଃ କାମ ମହିତମ୍।" ଏଇ ପଦଟି ସମଗ୍ର ଭାରତୀୟ କାବ୍ୟ ସାହିତ୍ୟ କାହିଁକି ବରଂ ବିଶ୍ୱ ସାହିତ୍ୟର ପ୍ରଥମ କାବ୍ୟ ଶ୍ଳୋକର ମର୍ଯ୍ୟାଦା ପ୍ରାପ୍ତ କରିଛି କହିଲେ କିଛି ଭୁଲ୍ ହେବ ନାହିଁ।। ଶରବିଦ୍ଧ କ୍ରୌଞ୍ଚ ପକ୍ଷୀର ରକ୍ତାକ୍ତ ଦୃଶ୍ୟ ଦେଖି ସେଦିନ ବାଲ୍ମିକୀଙ୍କ କଣ୍ଠରୁ ଶିକାରୀ ପ୍ରତି ଅଭିଶାପର ଯେଉଁ ଶ୍ଳୋକଟି ନିଃସୃତ ହୋଇଥିଲା, ସେଥିରୁ ତାଙ୍କ ଦୁଃଖ ଦ୍ରବୀଭୂତ ଚିନ୍ତା ଓ ଚେତନାର ପରିଚୟ ମିଳିଥାଏ। ଦୁଃଖ ଏବଂ ଅଶ୍ରୁରୁ ହିଁ କବିତାର ଜନ୍ମ। ସେଇଥି ପାଇଁ ତ କବିଟିଏ ହୋଇଥାଏ ଉଦାରପ୍ରାଣ। ସେ ସଭିଙ୍କୁ ଆପଣାର କରିନିଏ। କବିର ବିଶ୍ୱ ଏକ ସୃଜନର ବିଶ୍ୱ। ସେ ବନ୍ଧୁତ୍ୱର ସମ୍ପର୍କ ଯୋଡ଼ିପାରେ। ସେ ବି ବନ୍ଧୁକ ଉଠାଇପାରେ। ପଥଭ୍ରଷ୍ଟ ମଣିଷକୁ ଉଚିତ୍ ରାସ୍ତାରେ ଯିବାପାଇଁ ତା'ର ସୃଜନସ୍ୱରକୁ ତୀବ୍ର କରିଥାଏ। ସେ କାହାରି ଦୟାର ପାତ୍ର ହୁଏନାହିଁ। ଏପରିକି କାହାର ପଦବନ୍ଦନା ମଧ କରେନା। କାରଣ ସେ ଜଣେ ସ୍ୱାଧୀନଚେତା କବି। ଆକ୍‌ବରଙ୍କ ରାଜସଭାର ବୀର୍‌ବଲ୍‌ଙ୍କଠାରୁ ଆରମ୍ଭ କରି ଦାକ୍ଷିଣାତ୍ୟର ତେନାଲିରାମା ଏପରିକି ଆମ ରାଜ୍ୟର ଯଦୁମଣି ଏଭଳି ଜଣେଜଣେ ସ୍ପଷ୍ଟବାଦୀ କବି, ଯେଉଁମାନେ କି ସେମାନଙ୍କର ସ୍ପଷ୍ଟ ବକ୍ରପଦ ଦ୍ୱାରା ରାଜାଙ୍କର ଆଖି ଖୋଲି ଦେଉଥିଲା। ସେ ରାଜା ହୁଅନ୍ତୁ ବା ବାଦ୍‌ଶାହା ସଭିଙ୍କ ହୃଦୟରେ ଗଠନାତ୍ମକ ଭାବକଳ୍ପ ସୃଷ୍ଟି କରାଇବାରେ ଏଇ କବିମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। ଏହିପରି କବି ଅଯଥାରେ କାହାରି ଗୁଣ କୀର୍ତ୍ତନ କରନ୍ତି ନାହିଁ କି ସେମାନଙ୍କ ନାମରେ କବିତା ରଚନା କରନ୍ତି ନାହିଁ। ଏ ସମ୍ପର୍କରେ ଦୀନକୃଷ୍ଣଙ୍କ ଉଦାହରଣ ନିଆଯାଇପାରେ। ଓଡ଼ିଶାର ଗଜପତି ଦିବ୍ୟସିଂହ ଦେବ ନିଜ ନାମରେ କବିତା ଭଣିତା କରିବା ପାଇଁ ଦୀନକୃଷ୍ଣଙ୍କୁ ନିର୍ଦ୍ଦେଶ ଦେଇଥିଲେ ସୁଦ୍ଧା ସେ ତାହାକୁ କର୍ଣ୍ଣପାତ କରି ନଥିଲେ। ଏପରିକି ରାଜାଙ୍କର ଧମକ - "ମୋ ନାମେ ଭଣିଲେ ଅବଶ୍ୟ / ଅନେକ ଦେବି ଗ୍ରାମଦେଶ / ମୋ ରାଜ୍ୟେ ଦେବି ଅଧିକାର / ଦେଖ ମୁଁ ଜଗତ ଇଶ୍ୱର / ନୋହିଲେ ମରିବୁ ଅବଶ୍ୟ / ଛାଡ଼ ତୋ ଜୀବନର ଆଶ।" (ରସବିନୋଦ) କବି କିନ୍ତୁ ନିର୍ବିକାର ଚିତ୍ତରେ ରାଜାଙ୍କ ଧମକକୁ ଖାତିର କରିନାହାନ୍ତି। ବିଚଳିତ ହୋଇନାହାନ୍ତି। ବରଂ ରାଜାଙ୍କୁ ଠୋକ୍‌ଠୋକ୍ ଶୁଣାଇଛନ୍ତି - "ତୁମ୍ଭକୁ ନାହିଁ ମୋ ଡର / ମୋ ପ୍ରଭୁ ବଳେ ବଳିୟାର / ଜଗତ ସୃଷ୍ଟ ଆନ ହେଲେ / ଗୀତ ମୁଁ ଅନ୍ୟକୁ ନ ବୋଲେ।" ଜଣେ ଦୃଢ଼ମନା ବ୍ୟକ୍ତି ସମସ୍ତ ପ୍ରକାର ପ୍ରଲୋଭନକୁ ଭୃକ୍ଷେପ ନ କରି ଏଭଳି ଉକ୍ତି ହିଁ ପ୍ରକାଶ କରିପାରେ। ଯାହା କରି ଦେଖାଇଛନ୍ତି କବି ଦୀନକୃଷ୍ଣ।

କିନ୍ତୁ ସମ୍ପ୍ରତି ? କବି ତା'ର ବ୍ୟକ୍ତିତ୍ୱକୁ ବଳି ପକାଇ ଦେଉଛି ଅନ୍ୟ ପାଖରେ। ଅର୍ଥ ପଛରେ କବି ଗୋଡ଼ାଉଛି। ନିଜର ସ୍ୱାଧୀନଚେତା ହୃଦୟଟି ସତେ ଯେମିତି ଅନ୍ୟ ପାଖାରେ ବନ୍ଧା ପଡ଼ିଯାଇଛି। କେବଳ ଏତିକି ନୁହେଁ ଅନେକ ବରାଦିଆ କବିତା ଲେଖି ବାଃ ବାଃ ନେବାରେ ସତେ ଯେମିତି ସଭିଏଁ ପାଗଳ ହୋଇ ଉଠିଛନ୍ତି। ନିଜ ହାତରେ ନିଜେ 'ଚଉଦପା' ହୋଇଯାଇଛନ୍ତି। ଯାହା ଲେଖିଲେ ବି କବିପଣର ନାଗରା ବଜାଉଛନ୍ତି। କବିତାର ସୌନ୍ଦର୍ଯ୍ୟ ପଣକୁ ଏମାନେ ବିସ୍ମରି ଯାଉଛନ୍ତି। ଜୋର ଜବରଦସ୍ତ ଶବ୍ଦଗୁଡ଼ିକୁ ସାଉଁଟି କବିତା ଲେଖି ଖୁବ୍ ଆନନ୍ଦ ଅନୁଭବ କରୁଛନ୍ତି।

ଆତ୍ମ ଅହଂକାର ଭିତରେ ବୁଡିଛନ୍ତି ସଭିଏଁ। ଏପରିକି ତତ୍କାଳ ସର୍ଜନା କରି ବେଶ୍ ହଟଚମଟ ସୃଷ୍ଟି କରିବାର ଧାରା ଜାରି ରଖିଛନ୍ତି। ଏତାଦୃଶ ନକଲି ଲେଖକମାନଙ୍କୁ ନିଜ କବ୍‌ଜାକୁ ନେଇଛନ୍ତି ସାରସ୍ୱତ ଦଲାଲମାନେ। ଅର୍ଥ ବିନିମୟରେ ପୁରସ୍କାର, ସମ୍ବର୍ଦ୍ଧନା, ପ୍ରଶସ୍ତିପତ୍ର ଅନାୟାସରେ ମିଳିପାରୁଛି। ସାମ୍ପ୍ରତିକ ସମୟରେ ଓଡ଼ିଶା ରାଜ୍ୟରେ ଅନେକ ପତ୍ରପତ୍ରିକା ପ୍ରକାଶ ପାଉଛି। ହେଲେ ମୁଷ୍ଟିମେୟ ସଫଳ ସମ୍ପାଦକଟି ଆଖି ସାମ୍ନାକୁ ଆସୁଛନ୍ତି। କିଛି ସମ୍ପାଦକ ତ ଭଡ଼ା ସୂତ୍ରରେ ପେଟ୍‌ପକା ଭଡ଼ାଟିଆ ସମ୍ପାଦକ ନିଯୁକ୍ତ କରୁଛନ୍ତି। ଫଳରେ ଲେଖାର ମାନକୁ ତଉଲା ଯାଉନାହିଁ ବରଂ ବ୍ୟକ୍ତିଗତ, ସ୍ୱାର୍ଥ ଏବଂ ନିଜର ଶସ୍ତା ପ୍ରଚାର ନିମନ୍ତେ ଅନେକ ରୁଚିହୀନ ଲେଖା ପ୍ରକାଶ କରୁଛନ୍ତି। ସାହିତ୍ୟ କମ୍ ନଗ୍ନଚିତ୍ର ଅଧିକ। ପ୍ରତିକାଗୁଡ଼ିକ ତ ରଙ୍ଗବେରଙ୍ଗର ଚଳଚ୍ଚିତ୍ର ପୋଷ୍ଟର ପରି ପ୍ରତୀୟମାନ ହେଉଛନ୍ତି। କେଉଁଠି ନଗ୍ନତା ତ; ପୁଣି କେଉଁଠି ଅର୍ଦ୍ଧନଗ୍ନ ବାମାଚିତ୍ର ତଳେ ଗଳ୍ପ ଓ କବିତା ସ୍ଥାନ ପାଉଛି। ସଚେତନ ପାଠକ ଏଥିରୁ ମୁହଁ ଫେରାଇବାକୁ ବାଧ୍ୟ ହେଉଛି। ପତ୍ରିକାର ଅଜ୍ଞ ସମ୍ପାଦକମାନେ ଭଡ଼ାଟିଆ ସମ୍ପାଦକଙ୍କ କଳା କାରନାମା ସମ୍ପର୍କରେ ବୁଝିପାରୁ ନାହାଁନ୍ତି। କଳା, ସଂସ୍କୃତି ଓ ସାହିତ୍ୟ ପ୍ରତି ଅନୁରାଗ ଥିଲେ ସିନା ଜାଣିପାରିବେ ନହେଲେ କେମିତି ଜାଣିବେ ଯେ। ପ୍ରଚୁର ଅର୍ଥ ବ୍ୟୟ କରି ସୁଦୃଶ୍ୟ ପତ୍ରିକା ପ୍ରକାଶ କଲେ ସାହିତ୍ୟର ଅନ୍ତଃସ୍ୱରକୁ କ'ଣ ଅନୁଭବ କରାଯାଇପାରିବ ?

ଏମିତି ଚାଲିଛି ପତ୍ରିକା ହାଟର କାରବାର। କିଛି ଲେଖକ ନିଜ ଲେଖା ଛାପିବା ପାଇଁ ସମ୍ପାଦକଙ୍କ ଉପରେ ବିଭିନ୍ନ ସ୍ତରରେ ପ୍ରଭାବ ବିସ୍ତାର କରିଥାନ୍ତି। ଖୋସାମଦ ବି କରନ୍ତି ପ୍ରଲୋଭନ ବି। ନିର୍ଦ୍ଦିଷ୍ଟ ସଭା ଆୟୋଜନ କରି ଅତିଥି ଭାବେ ନିମନ୍ତ୍ରଣ କରନ୍ତି। ତେଣୁ ଏମାନଙ୍କର ମାନସିକତାକୁ କେଉଁ ସ୍କେଲରେ ମାପିବା ତାହା କହିବା ଅସମ୍ଭବ। ସଫଳ ସମ୍ପାଦକଙ୍କ ପାଖରେ ଶ୍ରେଷ୍ଠ ରଚନାକାର ନୁହେଁ ବରଂ ଶ୍ରେଷ୍ଠ ରଚନା ହିଁ ମୂଲ୍ୟବାନ୍। ଯେଉଁ ସମ୍ପାଦକ ଜଣେ ନାମକରା ସାହିତ୍ୟିକଙ୍କର ନିକୃଷ୍ଟ ଲେଖାକୁ ଫେରାଇଦେବାର ସତ୍‌ସାହସ ରଖିଥାଏ। ସେ ହିଁ ସଫଳ ସମ୍ପାଦକର ସ୍ୱତନ୍ତ୍ର ଆସନ ପ୍ରାପ୍ତ କରିଥାଏ। ଏ ସବୁ ପ୍ରତି ଧ୍ୟାନ ନାହିଁ କାହାର। ମିଛ ପ୍ରଶଂସାରେ ଗଦ୍‌ଗଦ୍ ସଭିଏଁ। ସେ ତ ନିଜ ହାତରେ ଚଉଦ ପା'। ପାଦ ରଖିଲେ ଦୁଲୁକି ଉଠିବ ସର୍ଜନାର ମାଟି। ସବୁଠି କାଚ ଫ୍ରେମ୍ ବନ୍ଧା ମାନପତ୍ର, ଫୁଲତୋଡ଼ା, ତିନିହାତିଆ ଚଦର ସହ ଫ୍ରିରେ ମିଳୁଛି କରତାଳି। ଜଗତୀକରଣ ଯୁଗରେ ଏହାକୁ କ'ଣ ଅସ୍ୱୀକାର କହିହେବ କି ? ମୋର ଯାହା ମନେ ହୁଏ, ଏହା ଏବେ ବିପଣନ ବା ବଜାର ସଂସ୍କୃତି ହୋଇଯାଇଛି। ତତ୍କାଳ ଆନନ୍ଦ ପାଇଁ ସଭିଏଁ ଯେମିତି ପାଗଳ। ବଞ୍ଚିବା ପର୍ଯ୍ୟନ୍ତ ବିଳାସ (ରଭହକ୍ଷଛ ଝସକ୍ଷକ୍ଷ ଯରବସ୍ପକ୍ଷ) ସାହିତ୍ୟ କ୍ଷେତ୍ରରେ ଏଭଳି ଫିଲୋସଫି ବେଶ୍ ସାମ୍ନାକୁ ଆସୁଛି। ଯେମିତି ସେମିତି କବିତାଟିଏ ଲେଖା ହୋଇଯାଉଛି। ସବୁବସ୍ତୁ କବିତା, ଠିଆଠିଆ କବିତା। ଚେନାଚୁର ଖିଆ କାଗଜରେ କବିତା, ରିକ୍ସାରେ କବିତା, ବସ୍ ଟ୍ରେନ୍‌ରେ କବିତା। କେବଳ ସାମୟିକ ତୃପ୍ତି ତଥା ଆତ୍ମପ୍ରଶଂସା ସାଉଁଟିବା ପାଇଁ। ଏମିତି ଅନେକ କବି ଅଛନ୍ତି ଯେଉଁମାନେ ଜିରୋରୁ ହିରୋ ହେବାପାଇଁ ବେଶ୍ ଲଗାମ୍‌ଛଡ଼ା କସରତ୍ କରୁଛନ୍ତି। ପ୍ରଚୁର ଅର୍ଥ ଖର୍ଚ୍ଚ କରି ବହି ମଧ ପ୍ରକାଶ କରୁଛନ୍ତି। ପୁଣି ତାହାକୁ ଡିସ୍‌କାଉଣ୍ଟ ସେଲ୍‌ରେ ବିକ୍ରି କରିବାର ପ୍ରାଣମୂର୍ଚ୍ଛା ଉଦ୍ୟମ କରୁଛନ୍ତି।

ନିଃସନ୍ଦେହ ଏହା କୁହାଯାଇପାରେ, ଲେଖକ/କବିମାନେ ନିଜନିଜର ଅଜବ ଦର୍ପଣରେ ନିଜନିଜର ପ୍ରତିଛବି ଦେଖୁଛନ୍ତି। କିନ୍ତୁ ଭୁଲିଯାଇଛନ୍ତି ସମାଜ ଦର୍ପଣର କଥା। ଏଭଳି କବି ପାଠକମାନଙ୍କ ହୃଦୟରେ ସ୍ପନ୍ଦନ ସୃଷ୍ଟି କରିପାରୁ ନାହିଁ। ସାହିତ୍ୟ ମାଫିଆମାନେ କିନ୍ତୁ ସଭାସମିତିରେ ଏତାଦୃଶ ନକଲି ସାହିତ୍ୟିକମାନଙ୍କୁ ଉଚ୍ଚ ପ୍ରଶଂସା କରି ନିଜନିଜ ଜାଲରେ ଫସାଉଛନ୍ତି। ଫଳରେ ପ୍ରବୁଦ୍ଧ ଚେତନାର ସ୍ରଷ୍ଟାଟିଏ ଅଘର ହୋଇପଡ଼ିଛି। କବଳ ଏତିକି ନୁହେଁ, ଅନେକ ଅବାଞ୍ଛିତ ବ୍ୟକ୍ତିବିଶେଷ ବିଭିନ୍ନ ଗଳାରାସ୍ତା ଦେଇ ସାହିତ୍ୟ ଏକାଡେମୀର ସଦସ୍ୟ ହେବାର ନଜିର୍ ବି ରହିଛି। କେଉଁ ସ୍ୱାକ୍ଷରରେ ସାର୍ବକାଳିକତାର ସ୍ୱର ରହିଛି, ତାହା ବିଚାର ପରିସରକୁ ଆଣିବା ଆବଶ୍ୟକ। ସମ୍ପ୍ରତି ମଣିଷ ବିଶ୍ୱାୟନ ଭିତରେ ନିଜକୁ ଦେଖୁଛି। ସ୍ଥାନୀୟ ଭାବକଳ୍ପ ପ୍ରତି କାହାରି ନିଘା ନାହିଁ। ସଭିଏଁ ମୁଦ୍ରକୁ ଗୁରୁତ୍ୱ ଦେଉଛନ୍ତି। ଯାହା ଆସିଲା, ତାହା ରଚିଗଲା କାଗଜ ଫର୍ଦ୍ଦରେ। ପାଠକ ବୁଝୁ ବା ନ ବୁଝୁ। ତେଣୁ ଏଭଳି ସ୍ଥଳେ ଆମେ କ'ଣ କାଳଜୟୀ ସର୍ଜନା କରିପାରିବା କି ? ଆଜି ସମୟ ଆସିଛି ଭଲ ଆଉ ଭେଲର ପାର୍ଥକ୍ୟ ବୁଝିବାକୁ ପଡ଼ିବ। ସାହିତ୍ୟକୁ ଦଲାଲମୁକ୍ତ କରିବାକୁ ପଡ଼ିବ। କାଳଜୟୀ ସୃଷ୍ଟି ଏବଂ ସ୍ରଷ୍ଟା ମାନଙ୍କର ଉପଯୁକ୍ତ ମୂଲ୍ୟାଙ୍କନ କରିବାକୁ ପଡ଼ିବ। ତେବେ ଯାଇ ପ୍ରଚଳିତ ରଦି ବ୍ୟବସ୍ଥା ଏବଂ କ୍ରିୟାଶୀଳ ମାଫିଆମାନଙ୍କ ଉପରେ ଲଗାମ୍ ଲଗାଇ ହେବ ଏବଂ ବିଶ୍ୱ ଦରବାରରେ ଆମେ ଛାତି ଫୁଲାଇ କହିପାରିବା ଗୋଟିଏ ସର୍ବପ୍ରାଚୀନ ଭାଷାର ଆମେ ହିଁ ଜଣେଜଣେ ସଫଳ ସ୍ରଷ୍ଟା। (ସମାପ୍ତ)

କାଦ୍ରାବାଦ, ସୁନହଟ, ବାଲେଶ୍ୱର, ମୋ: ୯୪୩୮୨୯୦୦୭୨

## ସ୍ମୃତି ଶତଦଳ ୨୧୮



# ୱାଶିଂଟନ୍ ଡିସି ଭ୍ରମଣ

ଡା. ସରୋଜିନୀ ଷଡଙ୍ଗୀ
ଲିଙ୍କରୋଡ଼, କଟକ-୧୨
ଫୋନ୍-୯୪୩୭୦୫୫୦୦୭

(ପୂର୍ବ ପ୍ରକାଶିତ ଉତ୍ତାରୁ)

ପରିବାର ବନ୍ଧୁବାନ୍ଧବ ଏବଂ ତଥା ସାଙ୍ଗସାଥୀଙ୍କ ସହ ସଂପର୍କ ନିଜ ନିଜର ନିଆରାପଣରେ ଅନନ୍ୟ ହୋଇଥାନ୍ତି, ଏବଂ ଏକ ରେଶମ ଡୋରିରେ ବାନ୍ଧି ହୋଇ ରହିଥାନ୍ତି । ତେବେ ଏହା ଗୋଟିଏ ପଟରୁ ହୁଏ ନାହିଁ ପ୍ରାୟ ସବୁ କ୍ଷେତ୍ରରେ ସଂପର୍କ ର ସୂକ୍ଷ୍ମତମ ତନ୍ତୁଟିକୁ ଦୁଇଟି କୁଶଳୀ ହାତରେ ବୁଣିବାକୁ ହୋଇଥାଏ। ଦୁଇ ପାର୍ଶ୍ୱର ଅକ୍ଳାନ୍ତ ଉଦ୍ୟମ ହିଁ ସୁନ୍ଦର ଭାବରେ ସଂପର୍କର ରେଶମ ସୂତାଟିକୁ ଅନନ୍ତ କାଳଯାଏ ଅତୁଟ ରଖିଥାଏ, ଯେମିତି ହସ୍ତତନ୍ତ ଦ୍ୱାରା ବୁଣା ହୋଇଥିବା ଶାଢୀଟିଏ ଦୁଇ ହାତର ଆଙ୍ଗୁଳି ଚାଳନାରେ ଚମତ୍କାର ରୂପ ନେଇଥାଏ । ଠିକ୍ ସେମିତି ସଂପର୍କର ପାଟଶାଢୀ ମଧ୍ୟ ଉପଯୁକ୍ତ ତନ୍ତୁ, ରଙ୍ଗ ଓ ତନ୍ତର ଅପୂର୍ବ ଚାଳନାରେ ସୁନ୍ଦର ରୂପ ଧାରଣ କରିଥାଏ ।

ଆମେରିକା ଆସି ୱାଶିଂଟନ ଡିସି ଦେଖିବାର ଇଚ୍ଛା ଆଗରେ ସବୁ କିଛି ଫିକା ପଡିଗଲା। ସେଠିକି ଯିବା ଯାଏଁ ଆମ ଆଖି ଆଗରେ କେବଳ ନାଚି ଉଠୁଥିଲା ଆମେରିକାର ରାଜଧାନୀ ୱାଶିଂଟନ ଡିସି ଯାହାକୁ ସଂକ୍ଷିପ୍ତରେ କହିଥାନ୍ତି ଡି.ସି.। ଆମେ ସେଠିକି ଯିବା ଆଗରୁ ହିଁ ରମାରମଣଙ୍କର ପୁତୁରା (ପିଉସୀ ପୁଅ ଭାଇଙ୍କ ପୁଅ) ମେରାଇନ୍ ଇଂଜିନିୟର ତାପସ ପଣ୍ଡା ଏବଂ ପୁତୁରା ବୋହୂ ଆର୍କିଟେକ୍ଟ ଇଂଜିନିୟର ପ୍ରଣତି ପଣ୍ଡା ଆମକୁ ଫୋନ୍ କଲେ ୱାଶିଂଟନ୍ ଡିସକୁ ବୁଲି ଆସିଲେ, ତାଙ୍କ ଘରେ କିଛି ଦିନ ଅତିଥି ହେବା ପାଇଁ । ଆମେ ଖୁବ୍ ଖୁସି ହୋଇଗଲୁ। ବହୁ ଦିନ ପରେ ତାପସ ଓ ପ୍ରଣତି ସହ ଦେଖା ହେବ।

ମନେ ପଡିଗଲା ବହୁବର୍ଷ ପୂର୍ବରୁ ତାପସ ଓ ପ୍ରଣତିଙ୍କର ବଡଝିଅକୁ ଏସ୍.ସି.ବି ମେଡିକାଲ କଲେଜର ଗାଇନିକ୍ କାବିନ୍‌ରେ ଡେଲିଭରି କରିଥିଲି ବୋଲି। ସେତେବେଳେ ସେମାନେ ଖୁବ୍ ଖୁସି ହୋଇଥିଲେ ଏବଂ ସଂପର୍କର ଖୁବ୍ ସୂକ୍ଷ୍ମ ମୂଳଦୂଆଟିଏ ଆମ ଭିତରେ ଆରମ୍ଭ ହୋଇଯାଇଥିଲା। ଆମେ ରଚେଷ୍ଟରରୁ ଚିକାଗୋ ଏବଂ ଚିକାଗୋରୁ ୱାଶିଂଟନ୍ ଡିସି ଆସି ପହଞ୍ଚିଲା ବେଳକୁ ତାପସ ଓ ପ୍ରଣତିଙ୍କ ଝିଅ ଟ୍ୱିଙ୍କିଲ୍ ଓ ପୁଅ ରୁପଲ ସମସ୍ତେ ଆସି ଡିସି ଏଆର୍‌ପୋର୍ଟରେ ଉତ୍କଣ୍ଠାର ସହ ଆମକୁ ଅପେକ୍ଷା କରିଥିଲେ। ଆମେ ଏଆର୍‌ପୋର୍ଟରୁ ତାଙ୍କ ଘରକୁ ଆସିଲୁ। ତାଙ୍କ ଘରେ ପହଞ୍ଚିଲା ବେଳକୁ ସଂଧ୍ୟା ୫ଟା ହୋଇ ଯାଇଥଲା। ଚା ଓ ବିସ୍କୁଟ ଖାଇ ସାରିଲା ପରେ ଆମ ପାଇଁ ଜଳଖିଆ ପ୍ରସ୍ତୁତ କଲେ ପ୍ରଣତି । ଆମେରିକାରେ ଆଗରୁ ପ୍ରସ୍ତୁତ ହୋଇ ରହିଥିବା ରୁଟି, ପରଟା ସବୁ ମିଳେ। ତାକୁ ଫ୍ରିଜରୁ କାଢି ସେକି ଖାଇବା କଥା । ଏବେ ଆଧୁନିକତା କେବଳ ଆମେରିକା କାହିଁକି ବିଶ୍ୱର ସମସ୍ତ ମଣିଷଙ୍କ ପାଇଁ ଘର କାମକୁ ବହୁତ ହାଲୁକା କରି ଦେଇଛି । ବିଶେଷ ଭାବରେ କର୍ମଜୀବି ମହିଳାଙ୍କ ପାଇଁ ସବୁ ଜିନିଷ ପ୍ରସ୍ତୁତ ହୋଇ ମିଳୁଛି କିନ୍ତୁ ଗୋଟିଏ କଥା ଲକ୍ଷ୍ୟ କଲି, ଏଠି ସମସ୍ତଙ୍କୁ ନିଜେ ନିଜେ ଘରର ସବୁ କାମ କରିବାକୁ ପଡେ। ସବୁ ମହିଳାମାନଙ୍କୁ ଡ୍ରାଇଭିଂ ଶିଖି ନିଜ ପାଇଁ ରେସନ୍ ଆଣି ଘରେ ରଖିବାକୁ ପଡିଥାଏ । ନିଜେ ଘର ଓଳେଇବାଠାରୁ ଆରମ୍ଭ କରି ବାସନ ମଜା, ଲୁଗା ସଫା ଏବଂ ସମସ୍ତ କାମ ନିଜେ ନିଜେ କରିବାକୁ ପଡିଥାଏ । ଆମ ଦେଶ ଭଳି ଆମେରିକାରେ କାମ କରିବା ପାଇଁ କାମବାଲୀମାନେ ମିଳନ୍ତି ନାହିଁ । ଡ୍ରାଇଭର ବା ବାହାର କାମ ବା ବୋଲହାକ କରିବା ପାଇଁ ଲୋକ ମିଳିବା କଷ୍ଟ । ମିଳିଲେବି ସେମାନଙ୍କର ଦରମା ଖୁବ୍ ବେଶୀ। ଡ୍ରାଇଭିଂ କରୁଥିଲେ ନିଜେ ଗାଡି ସଫା କରିବାଠାରୁ ଆରମ୍ଭ କରି ଗାଡି ରିପେୟାର, ଚକ ବଦଳେଇବା, ପେଟ୍ରୋଲ ପୁରାଇବା ଆଦି ସବୁ କାମ ନିଜେ କରିବାକୁ ପଡିଥାଏ । ଆମ ଓଡିଶାରେ ଯେମିତି ଘରୁ ବାହାରିଲା ମାତ୍ରେ ସଜ ପରିବା ପତ୍ର ଓ ଗ୍ରୋସେରି ଜିନିଷ ମିଳିଯାଏ, ସେମିତି କ୍ଷୀର ପାଇଁ ଗାଡି ଡ୍ରାଇଭ କରି ପାଖରେ ଥିବା ୱାଲମାର୍ଟକୁ ଯିବାକୁ ପଡିଥାଏ। ସେଥିପାଇଁ କ୍ୟାନ୍ କ୍ୟାନ୍ କ୍ଷୀର ଓ ସବୁ ଜିନିଷ ଲୋକେ ଫ୍ରିଜ୍‌ରେ ରଖିଥାନ୍ତି ଦରକାର ପାଇଁ ।

ପ୍ରଣତି ଓ ତାପସ ଦୁହେଁ ଖୁବ୍ ଅତିଥି ପରାୟଣ। ଆମର ଖାଇବା, ପିଇବା ଓ ରହିବାରେ କୌଣସି ପ୍ରକାର ହେଳା କରିନଥିଲେ। ତାପସ ଇଂଜିନିୟର ଓ ପ୍ରଣତି, ପୁଅ ରୁପଲ ଯେଉଁ ସ୍କୁଲରେ ପଢୁଛି ସେ ସ୍କୁଲରେ ଟିଚରସିପ୍ କରୁଥିଲେ। ତାପସ ଓ ପ୍ରଣତି ଛୁଟି ନେଲେ ଓ ପୁଅ ସିଦ୍ଧାର୍ଥ ଓ ଶିଖା ସହ ମିଶି ପ୍ଲାନ୍ କଲେ ତିନିଦିନରେ କେଉଁ କେଉଁ ଦର୍ଶନୀୟ ସ୍ଥାନ ସବୁ ବୁଲି ହେବ ।

ରାଜଧାନୀ। ଏହାକୁ ସଂକ୍ଷିପ୍ତରେ ସମସ୍ତେ ଡିସି ବୋଲି କହିଥାନ୍ତି । ଏହା 'ପୋଟାମାକ୍ ନଦୀ' କୂଳରେ ଅବସ୍ଥିତ । ୱାଶିଂଟନ୍ ଡିସିର ସୀମାକୁ ଲାଗି ଭର୍ଜିନିଆ ଓ ମେରିଲ୍ୟାଣ୍ଡ ଲାଗିଛି । ୧୭୯୧ ମସିହାରେ ଯୁକ୍ତରାଷ୍ଟ୍ର ଆମେରିକାର ପ୍ରଥମ ପେସିଡେଣ୍ଟଜର୍ଜ ୱାଶିଂଟନ୍‌ଙ୍କ ନାମରେ ଏହା ନାମିତ ହୋଇଛି । ଏହାର ଫେଡେରାଲ ଜିଲ୍ଲା କଲମ୍ବିଆ ବୋଲି ନାମିତ ହୋଇଛି । ୱାଶିଂଟନ୍ ଡିସି ହେଉଛି ପୃଥିବୀର ଏକ ପ୍ରଖ୍ୟାତ ରାଜନୈତିକ ରାଜଧାନୀ, ଏବଂ ଏହାର ପର୍ଯ୍ୟଟକଙ୍କ ସଂଖ୍ୟା ଅନେକ ବେଶୀ, ଏହାର ଲୋକ ସଂଖ୍ୟା ପ୍ରାୟ ୭୦ଲକ୍ଷଠାରୁ ବେଶୀ ।

ୱାଶିଂଟନ୍ ଡିସିରେ ଅନେକ କୀର୍ତ୍ତିସ୍ତମ୍ଭ ତଥା ମ୍ୟୁଜିୟମ ରହିଛି, ଯାହାକୁ ପ୍ରତିଦିନ ଲକ୍ଷ ଲକ୍ଷ ପର୍ଯ୍ୟଟକ ଭ୍ରମଣ କରିବାକୁ ଯାଆନ୍ତି । ବର୍ଷକୁ ପ୍ରାୟ ୨କୋଟିରୁ ଅଧିକ ପର୍ଯ୍ୟଟକ ୱାଶିଂଟନ ପର୍ଯ୍ୟଟନରେ ଆସିଥାନ୍ତି । ୱାଶିଂଟନ ଡିସିରେ ଥିବା 'ହ୍ୱାଇଟ୍ ହାଉସ୍' ଆମେରିକାର ରାଷ୍ଟ୍ରପତିଙ୍କର ବାସସ୍ଥାନ ତଥା ଅଫିସ ମଧ୍ୟ । ଏହା ପୃଥିବୀର ସବୁଠାରୁ ପ୍ରସିଦ୍ଧ ସ୍ଥାନ ଏବଂ ଏହା ମଧ୍ୟ ପୃଥିବୀର ସବୁଠାରୁ ବଡ ରାଷ୍ଟ୍ରପତି ଉଆସ ଯାହା ଆମ ଦେଶର ରାଷ୍ଟ୍ରପତି ଭବନଠାରୁ ମଧ୍ୟ ବଡ । ପିଲାଦିନେ ପ୍ରାଇମେରୀ ସ୍କୁଲରେ ପାଠ ପଢିଲାବେଳେ ମୋ ଅଜା ମତେ କହୁଥିଲେ ଆମେରିକାର ରାଷ୍ଟ୍ରପତି ହେଉଛନ୍ତି ସବୁଠାରୁ ସୌଭାଗ୍ୟବାନ୍ ରାଷ୍ଟ୍ରମୁଖ୍ୟ, ଯିଏ ସବୁଠାରୁ ବଡ ଉଆସରେ ରହୁଛନ୍ତି, ଯାହା ପ୍ରାସାଦ ନୁହେଁ ରାଜପ୍ରାସାଦ । ଏହି ବିଶାଳ ଓ ଚମତ୍କାର ବାସଭବନଟି ଧଳା ଓ ଧୂସର ରଙ୍ଗର ବାଲୁକା ପ୍ରସ୍ତରରେ ତିଆରି ହୋଇଛି, ଯାହା ଆଖପାଖରେ ଥିବା ଲାଲରଙ୍ଗର ଇଟା ନିର୍ମିତ କୋଠାଘରଠାରୁ ସଂପୂର୍ଣ୍ଣ ଭାବରେ ସ୍ୱତନ୍ତ୍ର ହୋଇ ବାରି ହୋଇ ପଡୁଛି । ପରବର୍ତ୍ତୀ ସମୟରେ ଆମେରିକାର ପ୍ରାୟ ପ୍ରତ୍ୟେକ ପ୍ରେସିଡେଣ୍ଟ ଓ ତାଙ୍କ ପତ୍ନୀ ଯିଏକି 'ଫାଷ୍ଟଲେଡି ଅଫ ଆମେରିକା' ବସବାସ କରିଛନ୍ତି । ଆମେ ହ୍ୱାଇଟ ହାଉସ ପରିଦର୍ଶନ କଲାବେଳେ ବାରାକ ଓବାମା ଓ ଫାଷ୍ଟଲେଡି ମିଚେଲ ଓବାମା ତାଙ୍କ ଦୁଇଝିଅଙ୍କ ସହ ସେଠି ରହୁଥିଲେ । ତେବେ ଭିତରକୁ ଯିବାକୁ ଅନୁମତି ନମିଳିବାରୁ ଗ୍ରିଲ ଲଗା ପାଚେରି ବାହାରେ ଠିଆ ହୋଇ ତାର ବିଶାଳତାକୁ ଅନୁଭବ କଲୁ ଓ ଫଟୋ ଉଠାଇଲୁ । ତଥାପି ଲାଗୁଥାଏ କେଉଁଠି ନା କେଉଁଠି ବାରାକ୍ ଓବାମା ଓ ମିଚେଲ ଓବାମା ଥରଟିଏ ରାଷ୍ଟ୍ରପତି ଭବନରୁ ବାହାରି ପରିଦର୍ଶକମାନଙ୍କୁ ହାତ ହଲାଇବେ ଏବଂ ଆମେ ତାଙ୍କ ଫଟୋଟି ଉଠାଇ ନେଇପାରିବୁ । (କ୍ରମଶଃ)

## ବ୍ୟକ୍ତିତ୍ୱ...

# ଉପେକ୍ଷିତା ନାୟିକା

ଦୁଇହଜାର ଏକୋଇଶି ମସିହାର ନଭେମ୍ବର ମାସ ନଅ ତାରିଖ । ରାଷ୍ଟ୍ରପତି ଭବନରେ ଚାଲିଥାଏ ଭାରତର ସର୍ବୋଚ୍ଚ ବେସାମରିକ ସମ୍ମାନ " ପଦ୍ମ ପୁରସ୍କାର" ପ୍ରଦାନର ବର୍ଣ୍ଣାଢ୍ୟ ମହୋତ୍ସବ । ପଦ୍ମ ପୁରସ୍କାର ପାଇବା ପାଇଁ ମନୋନୀତ ହୋଇଥିବା ସବୁ ରାଜ୍ୟର ପ୍ରାର୍ଥୀମାନେ ଏକତ୍ରିତ ହୋଇଥାନ୍ତି ଏକ ବିରାଟ ହଲ୍‌ରେ । ସେମାନଙ୍କ ସମ୍ମୁଖରେ ଏକ ଭବ୍ୟ ମଞ୍ଚ ଉପରେ ଆସୀନ ହୋଇଥାନ୍ତି ଭାରତର ମହାମହିମ ରାଷ୍ଟ୍ରପତି ଶ୍ରୀ ରାମନାଥ କୋବିନ୍ଦ । ତାଙ୍କ ନିକଟରେ ଥାଆନ୍ତି ଅନ୍ୟାନ୍ୟ ପାରିଷଦଗଣ। ପଦ୍ମ ପୁରସ୍କାର ତାଲିକା ଧରି ଉଦ୍‌ଘୋଷକ ଜଣ ଜଣ ପ୍ରାର୍ଥୀଙ୍କର ନାମ ଘୋଷଣା କରୁଥାନ୍ତି ଆଉ ସେମାନେ ଜଣ ଜଣ କରି ମଞ୍ଚ ଉପରକୁ ଯାଉଥାନ୍ତି । ମହାମହିମ ରାଷ୍ଟ୍ରପତି ମହୋଦୟ ତାଙ୍କୁ ପଦ୍ମ ପୁରସ୍କାର ଦେଇ ସମ୍ବର୍ଦ୍ଧିତ କରୁଥାଆନ୍ତି । ଏଇ ସମୟରେ ଦେଖାଗଲା ଅଭୂତପୂର୍ବ ଦୃଶ୍ୟ ଟିଏ । ଉଦ୍‌ଘୋଷକ ଘୋଷଣା କଲେ "ମନ୍ଜୁମ୍ମା ଯୋଗତୀ, ସଭାପତି କର୍ଣ୍ଣାଟକ ଜନପଦ ଏକାଡେମୀ, ଏବର୍ଷର ଚତୁର୍ଥ ସର୍ବୋଚ୍ଚ ବେସାମରିକ ସମ୍ମାନ ପଦ୍ମଶ୍ରୀ ପୁରସ୍କାର ପାଇବେ କର୍ଣ୍ଣାଟକ ରାଜ୍ୟର ଲୋକନୃତ୍ୟ କଳା 'ଯୋଗତୀ ନୃତ୍ୟ' ପାଇଁ । ମୁଁ ସସମ୍ମାନେ ଅନୁରୋଧ କରୁଛି ତାଙ୍କୁ ମଞ୍ଚ ଉପରକୁ ଆସିବା ହେବେ ଏବଂ ମହାମହିମ ରାଷ୍ଟ୍ରପତି ମହୋଦୟଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହେବେ। ଆସନ୍ତୁ ମାନନୀୟା ମନ୍ଜୁମ୍ମା ଯୋଗତୀ ମହୋଦୟା ....

ମଞ୍ଚ ଉପରକୁ ଉଠିଲେ ଜଣେ ଗୌରବର୍ଣ୍ଣା ବୟସ୍କା ଭଦ୍ର ମହିଳା , ଦେହରେ ନାଲି ଧଡିଥିବା ବାଇଗଣୀ ରଙ୍ଗର ପାଟ ଶାଢୀ ଆଉ ତା' ସହ ମ୍ୟାଚିଂ ଡିଜାଇନର୍ ନାଲି ବ୍ଲାଉଜ୍, ହାତରେ ହାତଭର୍ତ୍ତି ସବୁଜ ରଙ୍ଗର ପାଣି ଚୁଡି ସାଙ୍ଗକୁ, ସୀମନ୍ତ ଭର୍ତ୍ତି ସିନ୍ଦୁର ଗାର ସହିତ ମଥାରେ ବଡ ସିନ୍ଦୂର ଟୋପାଟି ଖୁବ୍ ସୁନ୍ଦର ମାନୁଥିଲା ତାଙ୍କୁ । ତାଙ୍କ ପାନଖିଆ ନାଲିଓଠରେ ଲାଗି ରହିଥିଲା ଅମୃତମୟ ହସ ଧାରେ । ନୃତ୍ୟ ପଚିଶସୀ ମହିଳା ଜଣକ ମନ୍ଦ୍ର ପଦପାତରେ ପହଞ୍ଚିଲେ ମହାମହିମ ରାଷ୍ଟ୍ରପତି ମହୋଦୟଙ୍କ ସମ୍ମୁଖରେ, ତାଙ୍କର ଲମ୍ବା ପଣତକାନିକୁ ବାମ ହାତରେ ଗୁଡେଇ ଅଗଟିକୁ ଚାମର ଭଳି କରି ତିନି ଥର ଝାଡିଦେଲେ ରାଷ୍ଟ୍ରପତିଙ୍କ ମୁଣ୍ଡରୁ ପାଦ ପର୍ଯ୍ୟନ୍ତ, ଭୂମିରେ ତିନି ଥର ହାତ ଥାପି ତାଙ୍କର ନଜର ଉତାରିଲେ, ପୁନଶ୍ଚ ଅଣ୍ଟାରୁ ତଳକୁ ନିଜ ମୁଣ୍ଡ ନୁଆଁଇ ଏକ ଅପୂର୍ବ ଭଙ୍ଗୀରେ ତିନି ଥର ପ୍ରଣିପାତ ଜଣାଇଲେ ମହାମହିମ ରାଷ୍ଟ୍ରପତିଙ୍କୁ। ଟିକିଏ ଆଚମ୍ବିତ ହେଲେ ମଧ ନିଜକୁ ସମ୍ଭାଳି ନେଇ ସହର୍ଷେ ପଦ୍ମଶ୍ରୀ ପଦକଟି ମନ୍ଜୁମ୍ମାଙ୍କୁ ପିନ୍ଧାଇ ଦେଲେ ମହାମହିମ ରାଷ୍ଟ୍ରପତି। ସାମାଜିକ ଗଣମାଧ୍ୟମର ପ୍ରତିନିଧିମାନଙ୍କ ଅସଂଖ୍ୟ କ୍ୟାମେରା ଖଚ୍ ଖଚ୍ ଶବ୍ଦରେ କଏଦ୍ କରିନେଲା ସେଇ ଅପୂର୍ବ ଦୃଶ୍ୟକୁ। ଉପସ୍ଥିତ ଦର୍ଶକମାନଙ୍କ ସହସ୍ର କରତାଳିରେ କମ୍ପି ଉଠିଲା ସଭାଗୃହ। ସମସ୍ତଙ୍କ ମଧ୍ୟରେ ବିଜୁଳି ଖେଳିଗଲା ଯେମିତି ଏଇ ଚମକପ୍ରଦ ଦୃଶ୍ୟଟି ଦେଖି। ସମସ୍ତେ ହତବାକ୍, ସାରା ବାତାବରଣ ସ୍ତବ୍ଧ ହୋଇଗଲା ଯେମିତି ।

ଏହାଥିଲା ମହାମହିମ ରାଷ୍ଟ୍ରପତିଙ୍କ ପାଇଁ ମନ୍ଜୁମ୍ମା ଯୋଗତୀ ମହୋଦୟାଙ୍କର ସମ୍ମାନ ଏବଂ ଶୁଭେଚ୍ଛା । ସାରା ଦେଶ ପାଇଁ ଥିଲା ଅବିସ୍ମରଣୀୟ ମୁହୂର୍ତ୍ତ ଟିଏ ! ଦେଶରେ ପ୍ରଥମଥର ପାଇଁ ଜଣେ କିନ୍ନରଙ୍କୁ ମିଳୁଥିଲା ସମାଜର ଶ୍ରେଷ୍ଠ ସମ୍ମାନ । ହେଉ ପଛେ ସିଏ ନୃତ୍ୟ କଳା ପାଇଁ, ପ୍ରଥମଥର ପାଇଁ ଭାରତର ଜଣେ କିନ୍ନରଙ୍କୁ ତାଙ୍କର ପ୍ରାପ୍ୟ ଅଧିକାର ତ ମିଳିଲା, ଯାହା ଆଜି ଯାଏଁ ହୋଇପାରି ନଥିଲା ତାହା ଆଜି ଆମର ପ୍ରିୟ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ମହୋଦୟ ଏବଂ ମହାମହିମ ରାଷ୍ଟ୍ରପତି ଶ୍ରୀ ରାମନାଥ କୋବିନ୍ଦ ମହୋଦୟଙ୍କ ସରକାରରେ ସମ୍ଭବ ହେଲା, ତାହା ଏକ ସର୍ବକାଳୀନ ମାଇଲ୍ ଖୁଣ୍ଟ ହୋଇ ରହିବ ଭାରତ ଇତିହାସରେ।



ଭାରତର ଚତୁର୍ଥ ଶ୍ରେଷ୍ଠ ବେସାମରିକ ସମ୍ମାନ 'ପଦ୍ମଶ୍ରୀ'ରେ ସମ୍ମାନିତ ହୋଇଥିବା କର୍ଣ୍ଣାଟକର ଏଇ ଷାଠିଏ ବର୍ଷର ନୃତ୍ୟ ଶିଳ୍ପୀ ଜଣକ ପ୍ରଥମ ତୃତୀୟ ଲିଙ୍ଗୀ ଭାବରେ 'କର୍ଣ୍ଣାଟକ ଜନପଦ ଏକାଡେମୀ'ର ସଭାପତି ଭାବେ ଅଧିଷ୍ଠିତ । 'ଜୋଗାପ୍ପା' ସଂପ୍ରଦାୟର ଧାର୍ମିକ ନୃତ୍ୟ କଳା, ଜନପଦ ଗୀତି, ଦେବୀ ମାନଙ୍କର ପ୍ରିୟ ସୁମଧୁର ଗୀତିକବିତା ଗାୟନ ଇତ୍ୟାଦି ନାନାପ୍ରକାରର କଳାକୁ ଆୟତ୍ତ କରି, ତହିଁରେ ସିଦ୍ଧିପ୍ରାପ୍ତ ହୋଇ ଗୁରୁର ସ୍ଥାନ ଗ୍ରହଣ କରିଛନ୍ତି ସେ। ତାଙ୍କର ଜୀବନ ଯାତ୍ରା ପଥରେ ଅନେକ ବାଧାବିଘ୍ନ ଅତିକ୍ରମ କରି ସେ ଆଜି ନିଜକୁ ପ୍ରତିପାଦିତ କରି ପାରିଛନ୍ତି । ଆଜି ସାରା ଦେଶରେ, ସମଗ୍ର ମାନବସମାଜରେ ସେ ସମ୍ମାନିତ ହୋଇଛନ୍ତି, ଆଦୃତ ହୋଇଛନ୍ତି କେବଳ ନିଜର ଦୃଢ ଆତ୍ମପ୍ରତ୍ୟୟ ଯୋଗୁଁ। ପଛକୁ ଫେରି ଚାହିଁଲେ ତାଙ୍କୁ ଦିଶିଯାଏ ତାଙ୍କର ଦୁଃଖଦ ଅତୀତ । ଆଃ .. କଣ୍ଟାଟିଏ ଫୁଟିଯାଏ ଯେମିତି ହୃଦୟରେ .. ତାଙ୍କ ଆଖି ସଜଳ ହୁଏ ସେ ଅତୀତର ସ୍ମୃତି ଚାରଣରେ....ସେ ବଖାଣି ବସନ୍ତି ତାଙ୍କରି ମୁହଁରେ ତାଙ୍କର ଜୀବନଗାଥା..ତାଙ୍କର ମଞ୍ଜୁନାଥରୁ ମଞ୍ଜାମ୍ମାରେ ପରିବର୍ତ୍ତିତ ହେବାର କରୁଣ କାହାଣୀ...

କର୍ଣ୍ଣାଟକର ବେଲାରୀ ଜିଲ୍ଲାର ଏକ ନିମ୍ନ ମଧ୍ୟବିତ୍ତ ପରିବାରରେ ପୁଅ ହୋଇ ଜନ୍ମ ନେଇଥିଲେ ମଞ୍ଜୁନାଥ ଶେଟ୍ଟୀ । ଅଭାବ ଅନାଟନ ଥିଲେ ମଧ ଭାଇ ଭଉଣୀମାନଙ୍କ ସହିତ ପରିବାରର ସ୍ନେହ ମମତାରେ ଖୁବ୍ ସୁନ୍ଦର ଭାବରେ କଟିଥିଲା ତାଙ୍କର ପିଲାଦିନ । ହେଲେ ଆଦ୍ୟ କୈଶୋରରେ ସେ ଅନୁଭବ କରିଥିଲେ ତାଙ୍କ ଶରୀର ଭିତରେ ଏକ ଅଦ୍ଭୁତ ପରିବର୍ତ୍ତନ। ପୁରୁଷ ପିଲା ହୋଇ ମଧ ନାରୀ ସୁଲଭ ଲକ୍ଷଣ ସବୁ ପ୍ରକାଶ ପାଉଥିଲା ତାଙ୍କ ଭିତରେ, ମାନସିକତାରେ ମଧ ସେ ଶାରୀରିକ ପାଲଟି ଯାଉଥିଲେ ଧୀରେ ଧୀରେ। ତାଙ୍କର ଚାଲିଚଳନ, ଭାବଭଙ୍ଗୀ ଦେଖି ସାଙ୍ଗସାଥୀ, ସାଇପଡିଶା ଟାହିଟାପରା କରୁଥିଲେ। ସେସବୁ ଭଲ ଲାଗୁନଥିଲା ତାଙ୍କ ବାପା, ମାଆ, ଭାଇଭଉଣୀଙ୍କୁ । ସେମାନେ ବାରମ୍ବାର ତାଙ୍କୁ ତାଗିଦ୍ କରୁଥିଲେ.. ଜଣେ ନାରୀଭଳି ନୁହେଁ, ପୁରୁଷ ଭଳି ବଞ୍ଚିବାକୁ ହେବ ତୁମକୁ। ଏ ରଙ୍ଗଢଙ୍ଗ ଛାଡ, ତୁମ ପାଇଁ ଆମେ ଲୋକହସା ହେଉଛୁ । ହେଲେ ସେ ନିଜକୁ ମୋଟେ ପୁଅ ବୋଲି ଭାବି ପାରୁନଥିଲେ, ସେମିତି ଭାବନା ଆସୁନଥିଲା କେବେ ତାଙ୍କର । ପରିବାରର ଚାପରେ ସହମି ଯାଉଥିଲା ତାଙ୍କର କୋମଳ ମନଟି।

ଅଦ୍ଭୁତ ଖିଆଲ ସବୁ ମନକୁ ଆସୁଥିଲା। ଘରେ କେହି ନଥିଲାବେଳେ ଲୁଚାଇ ଲୁଚେଇ ମାଆଙ୍କର ଶାଢୀ ନହେଲେ ଭଉଣୀ ମାନଙ୍କ ପୋଷାକ ପତ୍ର ପିନ୍ଧି ସଜବାଜ ହୋଇ ନିଜକୁ ଆଇନା ରେ ଦେଖୁଥିଲେ। ଦିନେ ସେଇ ଅବସ୍ଥାରେ ଧରା ପଡିଗଲେ ବାପାଙ୍କ ଆଖିରେ। ଓଃ.. ସେଦିନ ଯେଉଁ ମାଡ ! ଦଶମ ଶ୍ରେଣୀରେ ପଢୁଥାନ୍ତି ସେ, ବଡଭାଇ ସେଦିନ ସ୍କୁଲ୍‌ରୁ ଫେରି ବାପାଙ୍କୁ ଅନେକ କଥା ଟିହାଇ କହିଲା ତାଙ୍କ ବିରୁଦ୍ଧରେ। ବାପା ଖୁବ୍ ରାଗିଲେ । ସେଦିନ ବାପାଙ୍କ ଆଉ ବଡଭାଇ ଦୁହେଁ ତାଙ୍କୁ ପିଟିପିଟି ଲହୁଲୁହାଣ କରିଦେଇଥିଲେ । ଦୁହେଁ ମିଶି ମାଡ ମାରି ଘରୁ ବାହାରକୁ ତଡିଦେଇ କହିଲେ ... 'ଯା' ବାହାରି ଯା' ଘରୁ, ତୁ ଆଜିଠାରୁ ଆମ ପାଇଁ ମରିଗଲୁ ଆଉ ଆମେ ତୋ'ପାଇଁ ମରିଗଲୁ ..ଆଜିଠାରୁ ଆଉ ତୋ' ମୁହଁ ଚାହିଁବୁନି ଆମେ'... ମା' କବାଟ କଣରେ ଠିଆ ହୋଇ କାନ୍ଦୁଥିଲା, କିଛି ପ୍ରତିବାଦ କରୁନଥିଲା, ହୁଏତ ସାହସ କରି ପାରୁନଥିଲା ପ୍ରତିବାଦ କରିବା ପାଇଁ...। ପନ୍ଦର ବର୍ଷର ପିଲା ସେ କୁଆଡେ ଅବା ଯାଆନ୍ତେ? ନିଜ ଉପରେ ଖୁବ୍ ରାଗ ଆସିଲା, ଚାଷକାମ ପାଇଁ ଘରେ ରଖାଯାଇଥିବା ଦାନାଦାର ଖାଇ ଆତ୍ମହତ୍ୟା କରିଦେବା ପାଇଁ ଚେଷ୍ଟା କରିଥିଲେ । ହଠାତ୍ ତାଙ୍କୁ ଦେଖିପକାଇ ମାଆ କାନ୍ଦି କାନ୍ଦି ଅସ୍ଥିର ହେଲାରୁ ପରିବାରର ସମସ୍ତେ ମିଶି ତାଙ୍କୁ ନେଇ ଯାଇଥିଲେ ଡାକ୍ତରଙ୍କ ପାଖକୁ ।

ଅନେକ ଚିକିତ୍ସା ପରେ ସୁସ୍ଥ ହୋଇ ଘରକୁ ଫେରିଲେ ସେ। କିଛିଦିନ ପରେ ପୁଣି ତାଙ୍କୁ ଘର ନିକଟସ୍ଥ ଏକ ଦେବୀ ମନ୍ଦିରକୁ ନିଆଯାଇଥିଲା ମନ୍ତ୍ରତନ୍ତ୍ର କରି ତା'ର ମନ ପରିବର୍ତ୍ତନ କରିବା ଲାଗି। ସେଠାରେ ଥିବା ମନ୍ଦିରର ପୂଜାରୀ ସେମାନଙ୍କୁ ବୁଝାଇ କହିଲେ ଯେ ପିଲାଟି ଦେବୀଙ୍କର ଅଂଶରେ ଜନ୍ମ ନେଇଛି, ତା'ଉପରେ ଦୈବୀକୃପା ଅଛି। ତା'କୁ ଛାଡିଦିଅ ସେମିତି ନାରୀ ବେଶ ଧରି ବଞ୍ଚି ରହିବା ପାଇଁ । ସେଇଠୁ ପରିବାରର ଲୋକେ ତାଙ୍କୁ ନେଇ ଯାଇଥିଲେ ହସପେଟ୍ ସ୍ଥିତ 'ହୁଲିଗେ ଆମ୍ମା'ଙ୍କ ମନ୍ଦିରକୁ। ସେଠାରେ ତାଙ୍କ ହାବଭାବ ଦେଖି ତାଙ୍କୁ 'ଯୋଗାପ୍ପା' କରି ଉତ୍ସର୍ଗ କରି ଦେବା ପାଇଁ ହୁକୁମ୍ ଦିଆ ଯାଇଥିଲା ।

'ଯୋଗାପ୍ପା' ଭାରତରେ ଦେବଦାସୀ ଭଳି ଏକ ଧାର୍ମିକ ପ୍ରଥା । ସେହି ପ୍ରଥା ଅନୁଯାୟୀ 'ଯୋଗାପ୍ପା'ମାନେ କୌଣସି ଦେବ ଦେବୀଙ୍କୁ ବିବାହ କରି, ସାରା ଜୀବନ ତାଙ୍କରି ସେବାରେ କଟାଇଥାଆନ୍ତି। ନିଜ ଘରକୁ ସାରା ଜୀବନ ପାଇଁ ପରିତ୍ୟାଗ କରିବାକୁ ପଡିଥାଏ 'ଯୋଗାପ୍ପା'ଙ୍କୁ । 'ଯୋଗାପ୍ପା'ଟିଏ ହୋଇ ମଞ୍ଜୁନାଥଙ୍କୁ ସେମିତି ବିବାହ କରିବାକୁ ପଡିଥିଲା ଦେବୀ 'ରେଣୁକା ୟେଲ୍ଲାମ୍ମା'ଙ୍କୁ । ସେ ମଞ୍ଜୁନାଥରୁ ମନ୍ଜୁମ୍ମା ହେଲେ। ପ୍ୟାଣ୍ଟ ସାର୍ଟ ଛାଡି ଶାଢୀ ପିନ୍ଧିଲେ। ସେହି ପ୍ରଥାରେ ତାଙ୍କୁ ନିଜ ଘରୁ ଚିରଦିନ ପାଇଁ ନିର୍ବାସିତ କରି ଅନ୍ୟ ମାନଙ୍କର ସେବା କରିବା ପାଇଁ ଛାଡି ଦିଆଯାଇଥିଲା ରାଜରାସ୍ତାରେ। ସେ ଟାଣି ହୋଇଯାଇଥିଲେ ଦୁଃଖର କୃଷ୍ଣଗର୍ତ୍ତ ଭିତରକୁ ।

ଏହି ସମୟରେ ଅନେକ ଦୁଃଖ କଷ୍ଟ ଭୋଗିବାକୁ ପଡିଥିଲା ତାଙ୍କୁ । ଦୈନନ୍ଦିନ ଜୀବନରେ ଖାଦ୍ୟ ବସ୍ତ୍ରର ଅଭାବରୁ ଭିକ୍ଷାବୃତ୍ତିକୁ ମଧ ଆପଣେଇବାକୁ ପଡିଥିଲା। ସାମାଜିକ ବାସନ୍ଦ ଏବଂ ଯୌନ ନିର୍ଯ୍ୟାତନା ମଧ ସହିବାକୁ ପଡିଥିଲା ତାଙ୍କୁ । ସେମିତି ଦାରୁଣ ଦୁର୍ଦ୍ଦଶାରେ ଦିନ ବିତାଉଥିବା ବେଳେ ତାଙ୍କର ସାକ୍ଷାତ ହୋଇଥିଲା ଶ୍ରୀ ମାଟ୍ଟିକାଲ୍ ବସାପ୍ପାଙ୍କ ସହିତ । ମାଟ୍ଟିକାଲ୍ ବସାପ୍ପା ଥିଲେ ଜଣେ ଲୋକ ନୃତ୍ୟଶିଳ୍ପୀ। ତାଙ୍କରି ପାଖରୁ ଶିଖିଲେ ସିଏ ଯୋଗତୀ ଲୋକନୃତ୍ୟ । ସେଇଠି ମଧ ତାଙ୍କର ଭେଟ ହୋଇଥିଲେ ପ୍ରସିଦ୍ଧ ଯୋଗତୀ ନୃତ୍ୟ ଶିଳ୍ପୀ 'କଲ୍ଲାଇଭା ଯୋଗତୀ'। ମଣି କାଞ୍ଚନର ସଂଯୋଗ ହେଲା ଭଳି ବଦଳି ଯାଇଥିଲା ତାଙ୍କର ଜୀବନର ଚଲାପଥ। 'କଲ୍ଲାଇଭା ଯୋଗତୀ' ପରଶମଣି ହୋଇ କୋଇଲା ଖଣ୍ଡେକୁ ହୀରାରେ ପରିବର୍ତ୍ତିତ କରିଦେଲେ। ଅସହାୟ ମନ୍ଜୁମା ଧୀରେ ଧୀରେ ଗଢି ହୋଇଥିଲେ ଯୋଗତୀ ନୃତ୍ୟ ବିଶାରଦା ଭାବରେ । ଯୋଗତୀ ନୃତ୍ୟରେ ପାରଦର୍ଶିତା ଲାଭ କରି 'କଲ୍ଲାଇଭା ଯୋଗତୀ'ଙ୍କର ମୃତ୍ୟୁ ପରେ ସେ ହୋଇଥିଲେ ତାଙ୍କ ନାଟ ଦଳର ମୁଖ୍ୟ ଏବଂ ସେହି ଲୋକନୃତ୍ୟ ଶୈଳୀକୁ ଦେଶ ବିଦେଶରେ ପ୍ରଚାରିତ ପ୍ରସାରିତ କରିବାରେ ଲାଗିପଡିଥିଲେ । ତାଙ୍କର ଏ ଦୀର୍ଘ ଦିନର ସାଧନା ଆଜି ସ୍ୱର୍ଣ୍ଣପ୍ରସୂ ହୋଇଛି। ସାରା ସଂସାରର ଦୃଷ୍ଟି ଆକର୍ଷଣ କରିଛି କର୍ଣ୍ଣାଟକର ଯୋଗତୀ ଲୋକନୃତ୍ୟ ।

ପ୍ରଥମେ ଦୁଇହଜାର ଛଅ ମସିହା ରେ ମନ୍ଜୁମ୍ମାଙ୍କୁ 'କର୍ଣ୍ଣାଟକ ଜନପଦ ଏକାଡେମୀ' ପୁରସ୍କାରରେ ସମ୍ମାନିତ କରା ଯାଇଥିଲା ଏବଂ ଦୁଇ ହଜାର ଦଶ ମସିହାରେ ସେ 'କର୍ଣ୍ଣାଟକ ରାଜ୍ୟୋତ୍ସବ ସମ୍ମାନ'ରେ ସମ୍ମାନିତ ହୋଇଥିଲେ।ଉଣେଇଶହ ଅଣାଅଶୀ ମସିହାରୁ 'କର୍ଣ୍ଣାଟକ ଜନପଦ ଏକାଡେମୀ' ଗଠିତ ହୋଇଥିଲେ ମଧ ଏଯାବତ୍ କେବଳ ପୁରୁଷ ମାନେ ହିଁ ଏହାର ସଭାପତି ଆସନ ଅଳଙ୍କୃତ କରି ଆସୁଥିଲେ, ଆଜି ନିଜର ଦୃଢ଼ ଇଚ୍ଛା ଶକ୍ତି ଏବଂ ଶ୍ରେଷ୍ଠ ପ୍ରଦର୍ଶନ ବଳରେ ମନ୍ଜୁମ୍ମା ସେହି ସମ୍ମାନାସ୍ପଦ ସଂସ୍ଥା କର୍ଣ୍ଣାଟକ ଜନପଦ ଏକାଡେମୀର ପ୍ରଥମ ତୃତୀୟଲିଙ୍ଗୀ ସଭାପତି ହୋଇ ପାରିଛନ୍ତି। ମନ୍ଜୁମ୍ମାଙ୍କର ଆତ୍ମଜୀବନୀ 'ନାଡୁବେ ସୁଲିଓ୍ୱା ହେନ୍ନୁ' ଯେଉଁଥିରେ ତାଙ୍କ ତୃତୀୟ ଲିଙ୍ଗୀ ଜୀବନର କରୁଣ କାହାଣୀ ସହିତ ଯୋଗତୀ ଲୋକନୃତ୍ୟ ଶୈଳୀର ଅନେକ ଦିଗଦର୍ଶନ ରହିଛି ଯାହା କର୍ଣ୍ଣାଟକର ସମସ୍ତଙ୍କର ପ୍ରିୟଭାଜନ ହୋଇଛି । ତାହା କର୍ଣ୍ଣାଟକର ହାବେରୀ ଜିଲ୍ଲା ସ୍କୁଲ୍ ଏବଂ କର୍ଣ୍ଣାଟକ ରାଜ୍ୟର ଅକ୍କା ମହିଳା ବିଶ୍ୱବିଦ୍ୟାଳୟ, କର୍ଣ୍ଣାଟକ ଲୋକ ବିଶ୍ୱବିଦ୍ୟାଳୟର ପାଠ୍ୟକ୍ରମରେ ସଂଯୁକ୍ତ କରାଯାଇଛି। ମନ୍ଜୁମ୍ମାଙ୍କ ଆତ୍ମ ଜୀବନୀର ସାରାଂଶକୁ ନେଇ ଶହେପୃଷ୍ଠାର ଏକ ନିବନ୍ଧ ପ୍ରସ୍ତୁତ ହୋଇଛି ଯାହା ଅଧୁନା ଗୁଲବର୍ଗା ବିଶ୍ୱବିଦ୍ୟାଳୟର ସ୍ନାତକ ଏବଂ ସ୍ନାତକୋତ୍ତର ବିଭାଗର ପାଠ୍ୟକ୍ରମରେ ସଂଯୁକ୍ତ ହୋଇଛି ତିନି ବର୍ଷ ହେବ। ଏହିପରି ମନ୍ଜୁମ୍ମା ସବୁରି ହୃଦୟରେ ଶ୍ରଦ୍ଧା ଓ ସମ୍ମାନର ସ୍ଥାନଟିଏ ଦଖଲ କରି ସାରିଛନ୍ତି ତାଙ୍କ ନିଜସ୍ୱ ଶୈଳୀରେ। ମନ୍ଜୁମ୍ମାଙ୍କର ନିରବଚ୍ଛିନ୍ନ ସାଧନା ବଦଳାଇ ଦେଇଛି ଦୀନହୀନ ମନ୍ଜୁମ୍ମାଙ୍କର ପରିଚୟ, ଖାଲି ତାଙ୍କର କାହିଁକି ତାଙ୍କ ଭଳି ଅନେକଙ୍କର ଜୀବନରେ ନୂତନ ଆଶା ଆଉ ଉଦ୍ଦୀପନାର ଆଲୋକ ବର୍ତ୍ତିକା ସାଜିଛନ୍ତି ମନ୍ଜୁମ୍ମା ।



ଆଲେଖ୍ୟ: ସୁଷମା ପରିଜା
ନୂଆବଜାର , କଟକ
ମୋ-୯୩୩୭୨୭୨୬୪୭

# ନାହିଁ ନାହିଁରେ ଚାଲିଛି ଅବକାରୀ ବିଭାଗ : ୭ ମାସରେ ୧୯୯ ମାମଲାରେ ୨୦୩ ଗିରଫ : ବ୍ୟାପକ ମଦ ଜବତ

ଜଳେଶ୍ୱର, ୨୦/୧୧(ନିପ୍ର) : ଅବିଭକ୍ତ ଜଳେଶ୍ୱର ଅବକାରୀ ଥାନା ଇଲାକାରେ ବ୍ୟାପକ ଚୋରା ମାଦକ ଦ୍ରବ୍ୟ କାରବାର ଚାଲୁଥିବାବେଳେ କର୍ମଚାରୀ ମାନଙ୍କ ଦ୍ୱାରା ଗତ ୭ ମାସରେ ମୋଟ ୧୯୯ଟି ମାମଲା ରୁଜୁ ହୋଇ ୨୦୩ ଜଣଙ୍କୁ ଗିରଫ କରାଯାଇଛି । ଏଥିରେ ମୋଟ ୧୨୪୨୫ ଲିଟର ଚୋରା ମଦ ଜବତ୍ କରାଯାଇଛି । ଅନ୍ୟପକ୍ଷରେ କର୍ମଚାରୀ, ଗାଡି ଅଭାବରୁ ଏପରି ଚୋରା ବ୍ୟବସାୟ ବନ୍ଦ କରିବା ସମ୍ଭବ ହେଉନଥିବା କୁହାଯାଇଛି । ପଶ୍ଚିମବଂଗର ଦାନ୍ତୁନ, ମୋହନପୁର, ନୟାଗ୍ରାମ, ଝାଡଗ୍ରାମ, ଗୋପିବଲ୍ଲଭପୁର, ଏଗ୍ରା, କାନ୍ଥି, ରାମନଗର ଓ ଦୀଘା ଥାନା ଇଲାକାରେ ବହୁ ଚୋରା ମଦକାରଖାନା ରହିଥିବାରୁ ସେଠାରେ ପ୍ରସ୍ତୁତ ହେଉଥିବା ବ୍ୟାପକ ଚୋରାମଦ ଉତ୍ତର ବାଲେଶ୍ୱରର ରାଇବଣିଆ, ଜଳେଶ୍ୱର, କମର୍ଦ୍ଦା, ଭୋଗରାଇ ଓ ରୋଇନ୍ ଥାନା ଅଂଚଳକୁ ଚାଲାଣ ହେଉଛି । ଏହା ଦ୍ୱାରା କେତେକ ରାକେଟ୍ ମାଲେମାଲ ହେଉଥିବା ବେଳେ ରାଜ୍ୟ ସରକାରଙ୍କ ବ୍ୟାପକ ରାଜସ୍ୱହାନୀ ଘଟୁଛି । ସଡକପଥରେ ପଶ୍ଚିମବଂଗ ଅଂଚଳରୁ ଜଳେଶ୍ୱରକୁ ଏହି ମଦ କାରବାର ହୋଇ ଆସୁଥିବା ବେଳେ କର୍ମଚାରୀ ଅଭାବରୁ ସମସ୍ତ ଚୋରା କାରବାକରୁ ରୋକିବା ସମ୍ଭବ ହୋଇ ପାରୁନାହିଁ । ଏକ ତଥ୍ୟରୁ ପ୍ରକାଶ ଉପରୋକ୍ତ ଅଂଚଳରୁ ଦେଶୀ ମହୁଲି ମଦ ୧୧୨୩୨ ଲିଟର, ଭାରତର ତିଆରୀ ବିଦେଶୀ ମଦ ୨୬.୨୮୦ ଲିଟର, ମୃଦୁପାନୀୟ ବିଅର୍ ୯ଲି୫୫୦ମି., ପଶ୍ଚିମବଂଗ ମାର୍କା ବିଦେଶୀ ମଦ ୫୬ଲି, ପଶ୍ଚିମବଂଗ ମାର୍କା ବିଅର୍ ୧୫ଲିଟର, ଆସ୍କାଫଟି ୨୫୭ଲି. ଏବଂ ନକଲି ପଶ୍ଚିମବଂଗ ମାର୍କା ୧୩୦ଲିଟର ଏପରି ମୋଟ ୧୨୪୨୫ଲି. ଚୋରାମଦ ଜବତ୍ ହୋଇଥିବା ବେଳେ ଏଥିନେଇ ଜଳେଶ୍ୱର ଭୋଗରାଇ ଅବକାରୀ ଥାନାରେ ୧୯୯ଟି ମାମଲା ରୁଜୁ ହୋଇ ୨୦୩ଜଣଙ୍କୁ ଗିରଫ କରାଯାଇଥିବାର ୨ଟି ଥାନା ଦାୟିତ୍ୱରେ ଥିବା ଅଧିକାରୀ ଦେବେନ୍ଦ୍ର ବେହେରା ପ୍ରକାଶ କରିଛନ୍ତି । ଅନ୍ୟପକ୍ଷରେ ଜଳେଶ୍ୱରରୁ ଗତ ୭ ମାସରେ ୨କିଲୋ ୯୦ଗ୍ରାମର ବ୍ରାଉନ୍‌ସୁଗର ମଧ୍ୟ ଜବତ୍ ହୋଇଛି । ଏହି ଚୋରି ଘଟଣାରେ ମୋଟ ୭ଟି ୪ଚକିଆ, ୧୦ଟି ବାଇକ୍ ଓ ୭ଟି ସ୍କୁଟି ଜବତ୍ ହୋଇଛି । ଅନ୍ୟପକ୍ଷରେ ଜଳେଶ୍ୱରରେ ଥାନା ଗୃହଟି ପୁର୍ତ୍ତ ବିଭାଗ ସ୍ଥାନରେ ଏବଂ ଅତିଛୋଟ କାର୍ଯ୍ୟାଳୟରେ ଚାଲୁଥିବା ବେଳେ ଭୋଗରାଇ ଥାନାର ନିଜସ୍ୱ ଗୃହ ନାହିଁ । ଭୋଗରାଇ ଥାନାରେ ଅଧିକାରୀ ନଥିବାବେଳେ ମାତ୍ର ୨ଜଣ କନିଷ୍ଠିବଳ ରହିଛନ୍ତି । ସେହିପରି ଜଳେଶ୍ୱର ଥାନାରେ ଥାନାଅଧିକାରୀ ସହିତ ଅନ୍ୟ ୨ଜଣ କନେଷ୍ଟବଳ ଥିବା ବେଳେ ଚୋରାମଦ ଧରିବାଲାଗି ସରକାରୀ ଗାଡି ନାହିଁ । ଅନ୍ୟପକ୍ଷରେ ପଶ୍ଚିମବଂଗରୁ ଓଡିଶାକୁ ପ୍ରତିଦିନ ୫ହଜାର ଲି.ରୁ ଅଧିକ ଚୋରାମଦ ଚାଲାଣ ହେଉଥିବା ଓ ବ୍ରାଉନ୍‌ସୁଗର ସଡକ ଓ ଜଳପଥରେ ପ୍ରବେଶ କରୁଥିବା ବେଳେ ଖୁବ୍‌କମ୍‌ସଂଖ୍ୟକ କର୍ମଚାରୀ ଥିବାରୁ ଏହାର ଗତିପଥ ରୋଧ କରିବା ସମ୍ଭବ ହେଉନଥିବା କୁହାଯାଇଛି ।

## ସଡକ ଦୁର୍ଘଟଣାରେ ୨ ଯୁବକ ମୁମୂର୍ଷୁ

ଜଳେଶ୍ୱର, ୨୦/୧୧(ନିପ୍ର) : ଆଜି ଶନିବାର ବାଲେଶ୍ୱର ଜିଲାର ଜଳେଶ୍ୱର ଥାନା ଅନ୍ତର୍ଗତ ସୁଗୋ ନିକଟରେ ତଥା ୫୭ ନଂ ରାଜ୍ୟ ରାଜପଥରେ ୨ ଯୁବକ ଦ୍ରୁତଗତିରେ ବାଇକ୍‌ରେ ଗଲାବେଳେ ରାସ୍ତାକଡରେ ଛିଡା ହୋଇଥିବା ଏକ କାର୍‌କୁ ଧକ୍କା ଦେଇଥିଲେ । ଫଳରେ ବାଇକ୍‌ଟି ନୟନଯୋରିରେ ପଡିବା ସହ ୨ ଯୁବକ କାଦୁଅରେ ପୋତି ହୋଇ ଯାଇଥିଲେ । ସ୍ଥାନୀୟ ଲୋକେ ୨ ଯୁବକଙ୍କୁ ଚିକିତ୍ସାପାଇଁ ଜିକେଭଟ୍ଟର ହସ୍‌ପିଟାଲକୁ ଆଣିଥିଲେ । ଘଟରାରୁ ପ୍ରକାଶ ମୟୂରଭଂଜ ଜିଲାର ଜରଙ୍ଗି ଅଂଚଳର ବିକ୍ରମ ନାୟକ(୨୩) ଓ ଶାନ୍ତନୁ ପାଣ୍ଡୁକି (୨୦) କମର୍ଦ୍ଦା ଡାକଘରେ କର୍ମଚାରୀ ରୂପେ କାର୍ଯ୍ୟ କରନ୍ତି । ଆଜି ଶନିବାର ଗାଁକୁ ଜିବାଲାଗି ଦ୍ରୁତଗତିରେ ଗଲାବେଳେ ଏହି ଦୁର୍ଘଟଣା ଘଟିଥିଲା । ଉଭୟେ ମଦ୍ୟପାନ କରିଥିବାର ସ୍ଥାନୀୟ ଲୋକମାନେ କହିଛନ୍ତି ।

## ଶ୍ରୀ ରସିକରାୟ ଗୋପାଳ ଜୀଉ ମନ୍ଦିରରେ ରାହାସ ପୂର୍ଣ୍ଣିମା

ବାଲେଶ୍ୱର,୨୦/୧୧ (ନି.ପ୍ର): ପବିତ୍ର ମହାପଞ୍ଚକ ଅବସରରେ ବାଲେଶ୍ୱର ସହରର ବାରବାଟୀସ୍ଥିତ ଶ୍ରୀ ରସିକରାୟ ଗୋପାଳ ଜୀଉ ମନ୍ଦିରରେ ଶ୍ରଦ୍ଧାର ସହ ରାସ ପୂର୍ଣ୍ଣିମା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ପୂର୍ଣ୍ଣମୀର ସକାଳର ମଙ୍ଗଳା ଆରତୀଠାରୁ ରାତିର ପହୁଡ଼ ପର୍ଯ୍ୟନ୍ତ ସ୍ୱତନ୍ତ୍ର ନୀତିକାନ୍ତି ଅନୁସାରେ ପୂଜାର୍ଚ୍ଚନା ହୋଇଥିଲା । ଅବିରାମ ଭଜନ କୀର୍ତ୍ତନ ସହ ସମସ୍ତ କର୍ମକାଣ୍ଡ ସମ୍ପନ୍ନ ହୋଇଥିଲା । ଏହି ଅବସରରେ ଆୟୋଜିତ ସାମୂହିକ ପ୍ରସାଦ ସେବନ କାର୍ଯ୍ୟକ୍ରମରେ ବାରବାଟୀ ସମେତ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ । ମନ୍ଦିର କମିଟି କର୍ମକର୍ତ୍ତା ସପନ କୁମାର କରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମକୁ ଅରୁଣ କୁମାର କର, ଦେବାଶିଷ କର, ରାଜେନ୍ଦ୍ର କର, ଅତିନ୍ଦ୍ରଲାଲ କର ସଦସ୍ୟମାନେ ପରିଚାଳନା କରିଥିଲେ । ୫ଶହ ବର୍ଷର ପୁରାତନ ଏହି ମନ୍ଦିରକୁ ଚଳିତବର୍ଷ ପୁନରୁଦ୍ଧାର କରାଯିବା ସହିତ ପ୍ରତିବର୍ଷ ଭଳି ଯାକଜମକରେ ଉତ୍ସବ ପାଳିତ ହୋଇଥିଲା । ରାହାସ ପୂର୍ଣ୍ଣିମା ବ୍ୟତୀତ ଜନ୍ମାଷ୍ଟମୀ, ଝୁଲଣ ପୂର୍ଣ୍ଣିମା, ମକର ସଂକ୍ରାନ୍ତି, ରାଧାଷ୍ଟମୀ ପ୍ରଭୃତିରେ ଏଠାରେ ସ୍ୱତନ୍ତ୍ର ପୂଜାନୀତି ସାଙ୍ଗକୁ ଉତ୍ସବ ଆୟୋଜିତ ହୋଇଥାଏ ବୋଲି କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ଯୁକ୍ତ ଦୁଇ ଅଫଲାଇନ୍ ପରୀକ୍ଷାଫଳ....

ଶ୍ରେଣୀରେ ୮୯ ଜଣ ଉତୀର୍ଣ୍ଣ ହୋଇଛନ୍ତି । ସେହପରି ଯୁକ୍ତ-୨ ବିଜ୍ଞାନ ପାଠ୍ୟକ୍ରମରେ ପ୍ରଥମ ଶ୍ରେଣୀରେ ୭୯ ଜଣ, ଦ୍ୱିତୀୟ ଶ୍ରେଣୀରେ ୧୪୫ ଜଣ ଏବଂ ତୃତୀୟ ଶ୍ରେଣୀରେ ୬୯୯ ଜଣ ଛାତ୍ର କୃତକାର୍ଯ୍ୟ ହୋଇଥିବାବେଳେ ଛାତ୍ରୀମାନଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୫୭ ଜଣ, ଦ୍ୱିତୀୟ ଶ୍ରେଣୀରେ ୯୭ ଜଣ ଏବଂ ତୃତୀୟ ଶ୍ରେଣୀରେ ୪୧୧ ଜଣ କୃତକାର୍ଯ୍ୟ ହୋଇଛନ୍ତି । ଧନ୍ଦାମୂଳକ ଶିକ୍ଷା କ୍ଷେତ୍ରରେ ପ୍ରଥମ ଶ୍ରେଣୀରେ ୫ ଜଣ, ଦ୍ୱିତୀୟ ଶ୍ରେଣୀରେ ୩୭ ଜଣ, ତୃତୀୟ ଶ୍ରେଣୀରେ ୮୩ ଜଣ, ଛାତ୍ର ଉତୀର୍ଣ୍ଣ ହୋଇଥିବାବେଳେ ଛାତ୍ରୀମାନଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୫ ଜଣ, ଦ୍ୱିତୀୟ ଶ୍ରେଣୀରେ ୨୩ ଜଣ, ତୃତୀୟ ଶ୍ରେଣୀରେ ୫୫ ଜଣ ଛାତ୍ରୀ ଉତୀର୍ଣ୍ଣ ହୋଇଛନ୍ତି । ଯୁକ୍ତ-୨ କଳାରେ ୮୯୩୫ ପରୀକ୍ଷାର୍ଥୀ ମଧ୍ୟରୁ ୬୩୧୦ ଜଣ ପାସ୍ କରିଛନ୍ତି । କଳାରେ ପାସ୍ ହାର ଶତକଡ଼ା ୭୦.୬୨ ରହିଛି । ଯୁକ୍ତ-୨ ବାଣିଜ୍ୟରେ ୬୧୫ ପରୀକ୍ଷାର୍ଥୀ ମଧ୍ୟରୁ ୪୨୨ ପାସ୍ କରିଛନ୍ତି ଏବଂ ପାସ୍ ହାର ଶତକଡ଼ା ୬୮.୬୧ ରହିଛି । ଯୁକ୍ତ-୨ ବିଜ୍ଞାନରେ ୨୩୩୧ ପରୀକ୍ଷାର୍ଥୀ ମଧ୍ୟରୁ ୧୫୦୧ ପାସ କରିଛନ୍ତି ଏବଂ ପାସ୍ ହାର ଶତକଡ଼ା ୬୪.୩୯ ରହିଛି । ଧନ୍ଦାମୂଳକ ଶିକ୍ଷାରେ ୪୪୦ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୨୭ ଜଣ ପାସ୍ କରିଛନ୍ତି ଏବଂ ପାସ୍ ହାର ଶତକଡ଼ା ୫୧୫୯ ରହିଛି ।

## ମାହାଙ୍ଗା ଡବଲ ମର୍ଡର ମାମଲାରେ....

ଶରତ ନାଏକ – ମାହାଙ୍ଗା ବ୍ଲକ ଚେୟାରମ୍ୟାନ । ପ୍ରଫୁଲ୍ଲ ବିଶ୍ୱାଳ – ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ, ଯାହାଙ୍କ ମୃତ୍ୟୁ ହୋଇସାରିଛି । ଏ ତିନି ଜଣ ବ୍ୟକ୍ତିଙ୍କ ମଧ୍ୟରେ କଣ କଥାବାର୍ତ୍ତା ହୋଇଥିଲା, କିଏ କାହାକୁ କେତେବେଳେ କେତେ ସମୟ ପାଇଁ ଫୋନ୍ କରିଥିଲେ, ତାର ତଥ୍ୟ ଏହି ମାମଲା ପାଇଁ ଯଥେଷ୍ଟ ଗୁରୁତ୍ୱ ବହନ କରୁଥିବାରୁ, ତୁରନ୍ତ ଏହା ଉପରେ ରିପୋର୍ଟ ଦାଖଲ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ୬ ଫେବୃଆରୀ ୨୦୨୧ । ରାସ୍ତା କଡରୁ ମିଳିଥିଲା ପ୍ରଫୁଲ୍ଲ ବିଶ୍ୱାଳଙ୍କ ମୃତଦେହ । ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ହୋଇଥିବା ପୁଲିସ ସନ୍ଦେହ କରୁଥିଲା, ହେଲେ ଏହା ଅନେକ ବିବାଦ ବି ସୃଷ୍ଟି କରିଥିଲା । କୁଳମଣି ବରାଳ ଏବଂ ଦିବ୍ୟସିଂହ ବରାଳଙ୍କ ହତ୍ୟାର ମୁଖ୍ୟ ଅଭିଯୁକ୍ତ, ଯାହାଙ୍କୁ ପୁଲିସ ଖୋଜୁଥିଲା, ସିଏ କିଭଳି ମୃତ୍ୟୁ ମୁଖରେ ପଡିଲା, ତାକୁ ନେଇ ଅନେକ ପ୍ରଶ୍ନ ବି ଉଠିଥିଲା । ପ୍ରଶ୍ନ ଉଠୁଛି, ପ୍ରଫୁଲ୍ଲ ବିଶ୍ୱାଳଙ୍କ ମୃତ୍ୟୁ କଣ ଦୁର୍ଘଟଣା ଜନିତ ନଥିଲା କି ? ତାଙ୍କର ହତ୍ୟା କରାଯାଇଥିବା ନେଇ ସନ୍ଦେହ ବଢୁଛି କି ? କାହା ସହ କଥା ହୋଇଥିଲେ ପ୍ରଫୁଲ୍ଲ, ସେହି ତଥ୍ୟ ମାମଲାର ଦିଗ ବଦଳାଇବ କି ? ପୂର୍ବରୁ ମାହାଙ୍ଗା ଡବଲ୍ ମର୍ଡର୍ ମାମଲାରେ ପୁଲିସର ଚାର୍ଜସିଟ୍ ଉପରେ ପ୍ରୋଟେଷ୍ଟ ପିଟିସନ୍ ଦାଖଲ କରିଥିଲେ ମୃତ କୁଳମଣି ବରାଳଙ୍କ ପୁଅ ରମାକାନ୍ତ ବରାଳ । ଏଫଆଇଆରରେ ମନ୍ତ୍ରୀଙ୍କ ନାଁ ଥିବା ବେଳେ ପରବର୍ତ୍ତୀ ସମୟରେ କାହିଁକି କଟିଲା, ସେନେଇ ପୁଣି ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ ଜେଏମଏଫସି । ତଦନ୍ତ ସାରି ଶୀଘ୍ର ରିପୋର୍ଟ ଦାଖଲ ପାଇଁ ନିର୍ଦ୍ଦେଶ ଥିଲେ ମଧ ପୁଲିସ ବିଳମ୍ବ କରୁଥିବାରୁ କୋର୍ଟ ଅସନ୍ତୋଷ ବ୍ୟକ୍ତି କରିଛନ୍ତି ।

## ଗାଡିର ସ୍ପିଡ୍ ଲିମିଟ୍ ଧାର୍ଯ୍ୟ ....

ବେଗରେ ଯାତ୍ରା କରି ପାରିବ । ଡ୍ରାଇଭର ସହ ୯ରୁ ଅଧିକ ଯାତ୍ରୀ ପରିବହନ କ୍ଷମତା ଥିବା ଗାଡ଼ି ୪ ଥାକିଆ ରାସ୍ତାରେ ଘଂଟାପ୍ରତି ସର୍ବାଧିକ ୮୦ କିଲୋମିଟର ବେଗରେ ଯାଇ ପାରିବ । ସେହିଭଳି ପୌରାଂଚଳ ଦେଇ ଯାଇଥିବା ଜାତୀୟ କିମ୍ବା ରାଜ୍ୟ ରାଜପଥରେ ଘଣ୍ଟାପ୍ରତି ସର୍ବାଧିକ ୪୦ କିଲୋମିଟର ଏବଂ ଅନ୍ୟ ଜାତୀୟ ଓ ରାଜ୍ୟ ରାଜପଥରେ ଘଂଟାପ୍ରତି ସର୍ବାଧିକ ୬୦ କିଲୋମିଟର ବେଗରେ ଯାତ୍ରା କରି ପାରିବ । ମାଲ ପରିବହନରେ ବ୍ୟବହୃତ ଗାଡ଼ି ୪ ଥାକିଆ ରାସ୍ତାରେ ଘଂଟାପ୍ରତି ସର୍ବାଧିକ ୬୦ କିଲୋମିଟର ବେଗରେ ଯାଇ ପାରିବ । ସେହିଭଳି ପୌରାଂଚଳ ଦେଇ ଯାଇଥିବା ଜାତୀୟ କିମ୍ବା ରାଜ୍ୟ ରାଜପଥରେ ଘଣ୍ଟାପ୍ରତି ସର୍ବାଧିକ ୩୦ କିଲୋମିଟର ଏବଂ ଅନ୍ୟ ଜାତୀୟ ଓ ରାଜ୍ୟ ରାଜପଥରେ ଘଂଟାପ୍ରତି ସର୍ବାଧିକ ୫୦ କିଲୋମିଟର ବେଗରେ ଯାତ୍ରା କରି ପାରିବ । ସେହିଭଳି ୨ ଚକିଆ ଯାନ ଗାଡ଼ି ୪ ଥାକିଆ ରାସ୍ତାରେ ଘଣ୍ଟାପ୍ରତି ସର୍ବାଧିକ ୬୦ କିଲୋମିଟର ବେଗରେ ଯାଇ ପାରିବ ।

## କରୋନା କଟକଣା ଭିତରେ ଯାତ୍ରା....

ଅନୁମତି ନେବାକୁ ପଡ଼ିବ । ଖୋଲା ଜାଗାରେ ୨ ହଜାର ଲୋକଙ୍କୁ ନେଇ ଯାତ୍ରା, ଅପେରା, ଡ୍ରାମା ଓ ମେଲୋଡି ଆଦି ଆୟୋଜିତ ହୋଇପାରିବ । ଏହି ସମୟରେ ସାମାଜିକ ଦୂରତା ବଜାୟ ରଖିବାକୁ ପଡ଼ିବ ବୋଲି ମାର୍ଗଦର୍ଶିକାରେ କୁହାଯାଇଛି । ଅନଲାଇନ୍ ବା ଅଧିକସଂଖ୍ୟକ କାଉଂଟରରେ ଟିକେଟ୍ ବୁକିଂ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି । ସେହିପରି ଅନୁରୂପ ଭାବେ ୫୦ ପ୍ରତିଶତ ଦର୍ଶକଙ୍କୁ ନେଇ ସିନେମା ହଲ୍ ଚାଲିପାରିବ ବୋଲି କୁହାଯାଇଛି । ହଲ୍ ଭିତରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଗଲେ ସେଠାରେ ମଧ କରୋନା କଟକଣା ମାନିବାକୁ ପଡ଼ିବ । ଆବଶ୍ୟକସ୍ଥଳେ ସ୍ଥାନୀୟ ପ୍ରଶାସନ ଦର୍ଶକଙ୍କ ସଂଖ୍ୟାରେ ପରିବର୍ତ୍ତନ କରିପାରିବେ ବୋଲି ଏହି ନୂଆ ମାର୍ଗଦର୍ଶିକାରେ କୁହାଯାଇଛି ।

## ଉତ୍ତର-ପୂର୍ବ ଶିକ୍ଷା ସମ୍ମିଳନୀ ୨୦୨୧କୁ ....

ଜାତୀୟ ଶିକ୍ଷା ନୀତି ଶିକ୍ଷାରେ ଭାଷାର ସମ୍ଭାବନାକୁ ବୃଦ୍ଧି କରିଛି । ଭାରତରେ ମାତୃଭାଷା ଆଧାରିତ ଶିକ୍ଷା ପାଇଁ ଆସାମ ଏକ ଗନ୍ତାଘର ହେବାକୁ ଯାଉଛି । ଆସାମ ମୁଖ୍ୟମନ୍ତ୍ରୀ ଶିକ୍ଷା ଏବଂ ସ୍ୱାସ୍ଥ୍ୟ ପରି ପ୍ରମୁଖ କ୍ଷେତ୍ରଗୁଡିକୁ ପ୍ରାଥମିକତା ଦେଇଛନ୍ତି ଏବଂ ସରକାରଙ୍କ ସେୟାରକୁ ଶିକ୍ଷା ପାଇଁ ଜିଡିପିର ୬ ପ୍ରତିଶତ ବୃଦ୍ଧି କରିଛନ୍ତି । ଅପାର ସମ୍ଭାବନାର ଉତର-ପୂର୍ବ ରାଜ୍ୟ ସମୂହ ଏବଂ ଦେଶର ଶିକ୍ଷା କ୍ଷେତ୍ରରେ ଗୌହ୍ୱାଟୀ ପେଣ୍ଡସ୍ଥଳି ହୋଇପାରିବ । ଗୋହ୍ୱାଟୀରେ ଆୟୋଜିତ ଦୁଇଦିନିଆ ଶିକ୍ଷା ସମ୍ମିଳନୀ ଯୁବପିଢ଼ିଙ୍କ ପାଇଁ ଏକ ଉତମ ଭବିଷ୍ୟତ ନିଶ୍ଚିତ କରିବାରେ ଫଳପ୍ରଦ ହେବ । ଶଙ୍କରଦେବ ଏଜୁକେସନ ଏବଂ ରିସର୍ଚ୍ଚ ଫାଉଣ୍ଡେସନ(ଏସଇଆରଏଫ) ଏବଂ ଆସାମ ସରକାରଙ୍କ ଦ୍ୱାରା ଏହି ଉତର-ପୂର୍ବ ଶିକ୍ଷା ସମ୍ମିଳନୀ ଆୟୋଜନ କରାଯାଇଛି । ଏହି ଉଦଘାଟନୀ କନକ୍ଲେଭରେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା, ଆସାମ ଶିକ୍ଷା ମନ୍ତ୍ରୀ ରନୋଜ ପେଗୁ, ଶିକ୍ଷା ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହିଥିଲେ । ସେହିପରି ଦେଶର ଅନେକ ଶିକ୍ଷାବିତ, ଉତର-ପୂର୍ବାଂଚଳର ୮ଟି ରାଜ୍ୟର ଶିକ୍ଷା ପରାମର୍ଶଦାତା, କେନ୍ଦ୍ରୀୟ ଏବଂ ରାଜ୍ୟ ବିଶ୍ୱବିଦ୍ୟାଳୟର ପ୍ରମୁଖ ମହାନୁଭବମାନେ ଏହି କନକ୍ଲେଭରେ ଯୋଗଦେଇଛନ୍ତି ।

## କୃଷି ଆଇନ ପ୍ରତ୍ୟାହାର ନହେବା....

ଆଗକୁ ଅନ୍ୟ ଦାବି କିପରି ପୂରଣ ହେବ ସେ ନେଇ କେନ୍ଦ୍ର ସହିତ ହେବ ଆଲୋଚନା । କୃଷି ଆଇନ ପ୍ରତ୍ୟାହାରକୁ ନେଇ କଂଗ୍ରେସ ବେସ୍ ଉତ୍ସାହିତ । ସାରାଦେଶରେ ଶନିବାର କିସାନ ବିଜୟ ଦିବସ ପାଳନ କରିଛି କଂଗ୍ରେସ । ବିଭିନ୍ନ ସ୍ଥାନରେ ମୃତ ଚାଷୀଙ୍କ ସ୍ମୃତିରେ କଂଗ୍ରେସ କରିଛି ଶୋଭାଯାତ୍ରା । ଦେଶରେ ଚାଷୀଙ୍କ ଏକତା ମୋଦୀ ସରକାରଙ୍କ ଅଂହକାରକୁ ଭାଂଗିଦେଲା ବୋଲି ଯୁକ୍ତି ବାଢିଛି କଂଗ୍ରେସ । ଜଣାପଡୁଛି ଆଗକୁ ଏହି ମୁଦ୍ଦାକୁ ନେଇ କଂଗ୍ରେସ , ବିଜେପିକୁ ଘେରିବାକୁ ରଣନୀତି କରିଛି । କେନ୍ଦ୍ର ସରକାରଙ୍କୁ ଏହି କୃଷି ଆଇନ ପ୍ରତ୍ୟାହାରକୁ ନେଇ ଗତ ଏକ ବର୍ଷ ହେବ ବାରମ୍ବାର ଘେରି ଆସୁଥିଲେ ବିରୋଧୀ । ସଂସଦର ଶୀତ ଅଧିବେଶନ ଆଗରୁ ମୋଦୀ ସରକାର ନୂଆ କୃଷି ଆଇନ ପ୍ରତ୍ୟାହାର କରି ବିରୋଧୀଙ୍କ ହାତରୁ ଏକ ବଡ ମୁଦ୍ଦା ଖସେଇ ଦେଇଛନ୍ତି ।

## ସିଦ୍ଧୁଙ୍କ 'ବଡ଼ ଭାଇ' ବୟାନକୁ ....

ବାହାରିଛନ୍ତି ପଂଜାବ ସରକାରର କ୍ୟାବିନେଟ ମନ୍ତ୍ରୀ ତଥା କଂଗ୍ରେସ ନେତା ପରଗତ ସିଂହ । ମୋଦୀ ପାକିସ୍ତାନ ଗଲେ ଦେଶ ପ୍ରେମୀ ବୋଲି କୁହାଯାଉଛି ଆଉ ସିଦ୍ଧୁ ଇମ୍ରାନଙ୍କୁ ବଡ ଭାଇ କହିଲେ ଦେଶ ଦ୍ରୋହୀ କିପରି ହେଲା ବୋଲି ସେ ଓଲଟା ପ୍ରଶ୍ନ କରିଛନ୍ତି । ଗୁରୁ ନାନକଙ୍କ ଜୀବନଦର୍ଶନକୁ ସେ ଅନୁସରଣ କରନ୍ତି । ତେଣୁ ସିଦ୍ଧୁ ଏପରି କହିଛନ୍ତି ବୋଲି ପରଗତ ସଫେଇ ଦେଇଛନ୍ତି । ସିଦ୍ଧୁ କିନ୍ତୁ ବିଜେପିର ପ୍ରଶ୍ନକୁ ଖାତିର କରିନାହାନ୍ତି । ପୂର୍ବରୁ ପାକିସ୍ତାନ ସେନା ମୁଖ୍ୟଙ୍କୁ ସିଦ୍ଧୁ ସର୍ବସମ୍ମୁଖରେ ଆଲିଙ୍ଗନ କରି ବିବାଦକୁ ଆସିଥିଲେ । ନିକଟରେ ଏହି ପ୍ରସଙ୍ଗରେ ସିଦ୍ଧୁ ଦେଶ ପାଇଁ ବଡ ବିପଦ ବୋଲି କହିଥିଲେ ପଂଜାବର ପୂର୍ବତନ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂହ ।

## ଭୁବନେଶ୍ୱରରୁ ୭୦ ପଜିଟିଭ୍

ଭୁବନେଶ୍ୱର, ୨୦/୧୧ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ (ବିଏମସି) ଅଂଚଳରୁ ଶନିବାର ଦିନ ଆଉ ୭୦ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ୨୫ ଜଣ କ୍ୱାରେଂଟାଇନ୍‌ରୁ ଚିହ୍ନଟ ହୋଇଥିବା ବେଳେ ୪୫ ଜଣ ଲୋକାଲ ମାମଲା ରହିଛନ୍ତି । ସେହିପରି ଗତ ୨୪ ଘଂଟାରେ ଆଉ ୮୯ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ବିଏମସି ପକ୍ଷରୁ ଟୁଇଟ୍ କରି ଏହି ସୂଚନା ଦିଆଯାଇଛି । ଏଥିସହ ଭୁବନେଶ୍ୱରରେ ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧୨୦୪୫୪ରେ ପହଂଚିଛି । ସେମାନଙ୍କ ମଧ୍ୟରୁ ୧୧୭୮୧୯ ଜଣ ସୁସ୍ଥ ହୋଇଥିବା ବେଳେ ୧୫୩୭ ସକ୍ରିୟ ମାମଲା ରହିଛି । ସେହିପରି ମୃତକଙ୍କ ସଂଖ୍ୟା ୧୦୭୭ ରହିଛି ।

## ରାଜ୍ୟରେ କରୋନାରେ ଆଉ ୨ ଜଣଙ୍କର ମୃତ୍ୟୁ

ଭୁବନେଶ୍ୱର,୨୦/୧୧ (ନି.ପ୍ର): ରାଜ୍ୟରେ କରୋନାରେ ଆଉ ୨ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢି ୮୩୯୧ ହୋଇ ଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧା ଜିଲ୍ଲାରୁ ୨ ଜଣ ସଂକ୍ରମିତ ମୃତ୍ୟୁବରଣ କରିଛନ୍ତି ।

## ବାଲିଆପାଳ ରୋଟାରୀ କ୍ଲବର ଅଭିନବ ପ୍ରୟାସ




ବାଲିଆପାଳ,୨୦/୧୧ (ନି.ପ୍ର): ରୋଟାରୀ କ୍ଲବ ବାଲିଆପାଳ ଶାଖା ପକ୍ଷରୁ ବାଲିଆପାଳ ଅଂଚଳର ଗରିବ ୩୫ ଜଣ ମହିଳା ଓ ପୁରୁଷ ମୋତିଆବିନ୍ଦୁ ରୋଗୀମାନଙ୍କର ବାଲେଶ୍ୱର ରୋଟାରୀ ଆଖି ଚିକିତ୍ସାଳୟରେ ଆଖି ଅସ୍ତ୍ରୋପ୍ରଚାର କରାଯାଇଛି । ସଫଳ ଅସ୍ତ୍ରୋପ୍ରଚାର ପରେ ଆଜି ବାଲେଶ୍ୱରରୁ ସମସ୍ତ ୩୫ ଜଣ ମହିଳା ଓ ପୁରୁଷଙ୍କୁ ବାଲିଆପାଳ ରୋଟାରୀ କ୍ଲବ ପକ୍ଷରୁ ଫୁଲମାଳ ଦେଇ ସମ୍ବର୍ଦ୍ଧିତ କରାଯିବା ସହିତ ସେମାନଙ୍କୁ ଘରକୁ ପଠାଇବାର ବ୍ୟବସ୍ଥା କ୍ଲବ ପକ୍ଷରୁ କରାଯାଇଛି । ଏଥିରେ ରୋଟାରୀ କ୍ଲବର ସଭାପତି ରୋଟାରିଆନ ଅସିତ କୁମାର ଦାସ ସଂପାଦକ ଡ.ସନ୍ତୋଷ କୁମାର ଦାସ,ସୁବ୍ରତ କୁମାର ମହାପାତ୍ର,ଅତନୁ ପାଳ, ତପନ ସାହୁ, ଅଦ୍ୱୈତ ସାହୁ ପ୍ରମୁଖ ସମସ୍ତ ରୋଗୀମାନଙ୍କୁ ଘରକୁ ପଠାଇବାର ସହାୟତା କରିଥିଲେ ।

## 'ସହାୟକ'ପକ୍ଷରୁ କମ୍ବଳ ବଣ୍ଟନ

ବାଲେଶ୍ୱର,୨୦/୧୧ (ନି.ପ୍ର): ସ୍ୱେଚ୍ଛାସେବୀ ସଂଗଠନ 'ସହାୟକ'ର ପୃଷ୍ଠପୋଷକ ଅନିରୁଦ୍ଧ ବେହେରାଙ୍କ ମାତା ସ୍ୱର୍ଗୀୟ ସୁଭଦ୍ରା ବେହେରାଙ୍କ ଅଷ୍ଟମ ଶ୍ରାଦ୍ଧ ବାର୍ଷିକ ଅବସରରେ ଗରିବ ଓ ଅସହାୟ ଲୋକଙ୍କୁ କମ୍ବଳ ବଣ୍ଟନ କରାଯାଇଛି । ଶ୍ରୀ ବେହେରା ସହାୟକ ମାଧ୍ୟମରେ କମ୍ବଳ ସଂଗଠନକୁ ଆର୍ଥିକ ସହାୟତା କରିଥିଲେ । ସଂଗଠନର ସଭାପତି ଇଂ. ସୁରେନ୍ଦ୍ର ନାଥ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶନିବାର ପୂର୍ବାହ୍ନରେ ଗରିବ ଅସହାୟଙ୍କୁ କମ୍ବଳ ବଣ୍ଟନ କରାଯାଇଛି । ସଂଗଠନର ସମ୍ପାଦକ ବିଜୟ କୁମାର ଦାସଅଧିକାରୀ, କୋଷାଧକ୍ଷ ସୁରେନ୍ଦ୍ର ପ୍ରସାଦ ନାୟକଙ୍କ ବନମାଳି ନାୟକ, ପ୍ରଫୁଲ କୁମାର ଦାସ, ଶଚୀନ୍ଦ୍ର ଦାସ, ଭବେଶ ଚନ୍ଦ୍ର ପଣ୍ଡା, ପ୍ରଣିତା ମିଶ୍ର, ଶେଖ ଆଲାଉଦ୍ଦିନ, ଶଶାଙ୍କ ଶେଖର ଦତ୍ତ, କେଶବ ଚନ୍ଦ୍ର ମହାନ୍ତି, ସୁଦର୍ଶନ ଦାସ, ନିରଞ୍ଜନ ପରିଡ଼ା, ରବୀନ୍ଦ୍ର ନାଥ ପାଣି, ରାମଚନ୍ଦ୍ର ସେଠୀ, ପୁରୁଷୋତ୍ତମ ବେହେରା ଓ ବସନ୍ତ କୁମାର ନାୟକ ପ୍ରମୁଖ ବଣ୍ଟନ କାର୍ଯ୍ୟରେ ସହଯୋଗ କରିଥିଲେ ।

## ଶିକ୍ଷା ଉପକରଣ ପ୍ରଦାନ ମାଧ୍ୟମରେ ପଞ୍ଚୁକ ପାଳନ

ଖଇରା,୨୦/୧୧ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ବର୍ତ୍ତନା ସ୍ଥିତ ବିବେକାନନ୍ଦ ସେବା ସଂସ୍ଥାନ ର ସଦସ୍ୟ ମାନେ କାର୍ତ୍ତିକ ପୂର୍ଣ୍ଣମୀକୁ ନିଆରା ଢଙ୍ଗରେ ପାଳିଛନ୍ତି । ସଙ୍ଗଠନର ମୁଖ୍ୟ ଅବସରପ୍ରାପ୍ତ ବାୟୁସେନା କର୍ମଚାରୀ ସତ୍ୟବ୍ରତ ନାରାୟଣ ବେହେରା ଶୁକ୍ରବାର ଦିନ ଖଇରା ବ୍ଲକର ଡଗରପଡାସ୍ଥିତ ସେବାଶ୍ରମକୁ ଯାଇ ବୋଇତ ବନ୍ଦାଣ ଉତ୍ସବ ପାଳନ ପରେ ଅନାଥ ପିଲାମାନଙ୍କୁ ଖାତା ପେନସିଲ କଲମ ଇତ୍ୟାଦି ପ୍ରଦାନ କରିଥିଲେ । ଭାରତମାତା ପୁଜନ ପରେ



ସେମାନଙ୍କ ସହ ଭାବ ବିନିମୟ କରିଥିଲେ । ସଙ୍ଗଠନର ଉପଦେଷ୍ଟା ଉମେଶ ଚନ୍ଦ୍ର ନାୟକ,ଅବସରପ୍ରାପ୍ତ ଶିକ୍ଷକ ଗଗନ ବିହାରୀ ପଣ୍ଡା,ତପନ ବେହେରା,ମହେନ୍ଦ୍ର ଶିଅଳ ପ୍ରମୁଖ ଉପସ୍ଥିତ ଥିଲେ । ପରେ ଆଶ୍ରମର ଅନ୍ତେବାସୀଙ୍କ ଦ୍ୱାରା ସଂାସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବା ପରେ ସେମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା ।

# କଂଗ୍ରେସର ଜନସଂପର୍କ ଅଭିଯାନ ଓ କିଶାନ ବିଜୟ ଦିବସ ପାଳିତ




ଜଳେଶ୍ୱର, ୨୦/୧୧(ନିପ୍ର) : ରାଜ୍ୟରେ ବିଜେଡି ଓ କେନ୍ଦ୍ରରେ ବିଜେପି ସରକାର ଉଭୟଙ୍କ ସହିତ କଳିକରିବା ସହିତ କୋଳାକୋଳି ମଧ୍ୟ ହୁଅନ୍ତି । ୨ଟି ଯାକ ସରକାର ଦୁର୍ନିତୀରେ ଲିପ୍ତ ଥିବାରୁ ସେ ସଂପର୍କରେ ଜନସଚେତନତା ଲାଗି କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧିକଙ୍କ ନିର୍ଦ୍ଦେଶରେ ଜନସଂପର୍କ ଅଭିଯାନ ଆରମ୍ଭ ହୋଇଛି । ଏବଂ ୩ଟି କଳାକୃଷକ ଆଇନ୍‌କୁ ସରକାର ପ୍ରତ୍ୟହାର କରିନେଇଥିବାରୁ କିଷାନ ବିଜୟ ଦିବସ ପାଳନ କରୁଥିବା ସଂପର୍କରେ ଆୟୋଜିତ ସଭାରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି । ଜଳେଶ୍ୱର ଟାଉନ୍‌ହଲ ପଡିଆରେ ଆୟୋଜିତ କଂଗ୍ରେସର ଜନଜାଗରଣ ଅଭିଯାନରେ ଜିଲା କଂଗ୍ରେସ ସଭାପତି ସଂଜଚିବ କୁମାର ଗିରି ଅଧ୍ୟକ୍ଷତା କରିଥିଲେ । ଏଥିରେ ଅଖିଳ ଭାରତ ସାଧାରଣ ସଂପାଦକ ତଥା ଓଡିଶା ପ୍ରଭାରୀ ଡ. ଏ ଚେଲ୍ଲା କୁମାର ଯୋଗ ଦେଇ ବିଜେଡି ଓ ବିଜେପି ସରକାରର ବହୁ ଗୋମର ଖୋଲିବା ସହିତ କର୍ମୀମାନଙ୍କୁ ସଚେତନ ହେବାକୁ ପରାମର୍ଶ ଦେଇଥିଲେ । ରାଜ୍ୟରେ ବିଜେଡି ୨୨ ବର୍ଷର ଶାସନ କାଳରେ ନାରୀ ସଶକ୍ତିକରଣ ନାମରେ ନାରୀ ନିର୍ଯ୍ୟାତନା, ଧର୍ଷଣ, ନାବାଳିକା ନିଖୋଜ, ବେଆଇନ୍‌କାର୍ଯ୍ୟ, ମନ୍ତ୍ରୀଙ୍କର ବ୍ୟଭିଚାରସଂର୍କରେ କହିଥିଲେ । ରାଜ୍ୟରେ ପ୍ରତିଦିନ ୧୨ଟି ଧର୍ଷଣ, ୧୮ଟି ନାବାଳିକା ନିଖୋଜ, ୬୮ହଜାର ମହିଳା ନିର୍ଯ୍ୟାତନା ମାମଲା ରୁଜୁ ହେଉଛି । ଗାଁଗାଁରେ ମଦଦୋକାନ ଖୋଲା ଯାଉଥିବା ବେଳେ ନିଯୁକ୍ତି ଠପ୍ ହୋଇ ଯାଇଛି । ୧୦କୋଟି ଯୁବକ ଚାକିରୀ ହରାଇଛନ୍ତି । ରାଜ୍ୟରେ ୧୧ହଜାର ଡାକ୍ତରୀ ପଦବି ଥିବା ବେଳେ ୨୮ଶହ ପଦବୀ ଖାଲି ଥିବାରୁ ଜଳେଶ୍ୱରର ବିଭିନ୍ନ ଡାକ୍ତରଖାନାରେ ଡାକ୍ତର ନଥିବା କହିଥିଲେ । ସେହିପରି କୃଷକଙ୍କ ଉପରେ ୩ଟି ନୂଆ କଳାଆଇନ୍ କେନ୍ଦ୍ର ସରକାର ଲଦିଦେବା ସହିତ କେନ୍ଦ୍ର ମନ୍ତ୍ରୀଙ୍କ ପୁଅ ଗାଡି ଚପାଇ ୭ଜଣଙ୍କୁ ହତ୍ୟା କରିଥିବା ନଜିର ସଂପର୍କରେ କହିଥିଲେ । ୩୬୫ଦିନ ଧରି ଚାଷୀମାନଙ୍କ ଆନ୍ଦୋଳନ, ରାହୁଲ ଗାନ୍ଧିଙ୍କ ନେତୃତ୍ୱ ଳରେ ସଫଳ ହୋଇଛି । ସେହିପରି କୋଭଡ୍-୧୯ ସଂକ୍ରମଣ ବେଳେ ରାହୁଲଙ୍କ ଉକ୍ତିକୁ କେନ୍ଦ୍ର ସରକାର ମାନିଥିଲେ ଭାରତର ଏଡେବଡ ବିପର୍ଯ୍ୟୟ ହୋଇନଥାନ୍ତି ବୋଲି କହିଥିଲେ । ଉତ୍ତର ବାଲେଶ୍ୱରରେ ଚାଷୀଙ୍କ ସମସ୍ୟା ଉତ୍କଟ ହୋଇଥିବା ବେଳେ ୨୦୦୮ ମସିହାରେ କଂଗ୍ରେସ ଅମଳରେ ସୁବର୍ଣ୍ଣରେଖା ସଂସ୍କାର ସୃଷ୍ଟି ହୋଇଥିଲା । ଏବେ ତାହା ଶୀଳତଭଣ୍ଡାରରେ ପଡି ରହିଛି । ଆସନ୍ତା ଦିନରେ ଚେଲ୍ଲାକୁମାରଙ୍କ ନେତୃତ୍ୱରେ କଂଗ୍ରେସ ପାଲ୍ୟାମେଣ୍ଟରେ ଏହା ଉପସ୍ଥାପନ କରିବ । ସେହିପରି ଦୁର୍ନିତିଖୋର ନେତାଙ୍କ ସଂପର୍କରେ ଜନସଚେତନତା ସୃଷ୍ଟି କରିବାକୁ ଆହ୍ୱାନ ଦେଇଥିଲେ । ଏହି ସଭାରେ ଅଖିଳ ଭାରତ କଂଗ୍ରେସ ସଂପାଦକ ରୁଦ୍ର ରାଜୁ, ପୂର୍ବତନ ପ୍ରଦେଶ କଂଗ୍ରେସ ସଭାପତି ଜୟଦେବ ଜେନା, ଶରଦ ପଟ୍ଟନାୟକ, ସତ୍ୟପ୍ରକାଶ ନାୟକ, ମହିଳା ସଭାନେତ୍ରୀ ବନ୍ଦିତା ପରିଡା, ଛାତ୍ରକଂଗ୍ରେସ ସଭାପତି ୱାସିର ନବାଜ, ଗତ ନିର୍ବାଚନରେ ସାଂସଦ ଭାବେ ଲଢିଥିବା ନବଜ୍ୟୋତି ପଟ୍ଟନାୟକ, ଭୋଗରାଇରୁ ବିଧାୟକଭାବେ ଲଢିଥିବା ସତ୍ୟଶିବ ଦାସ, ଜଳେଶ୍ୱରରୁ ଲଢିଥିବା ସୁଦର୍ଶନ ଦାସ, ଅର୍ଚ୍ଚନା ନନ୍ଦୀ, ବ୍ଲକ ସଭାପତି ରାଜିବ ପରିଡା ବକ୍ତବ୍ୟ ରଖି ପେଟ୍ରୋଲ ଦ୍ରବ୍ୟର ମୂଲ୍ୟର ଅହେତୁକ ବୃଦ୍ଧି, ଚାଷୀଙ୍କୁ ସୁବିଧାସୁଯୋଗ ମିଳୁନଥିବା, ଜଳନିଷ୍କାସନର ବ୍ୟବସ୍ଥା ନଥିବା ଏବଂ କଂଗ୍ରେସ ଅମଳରେ ବ୍ୟାପକ ବିକାଶ ଘଟିଥିବ ସଂପର୍କରେ ସୂଚନା ଦେଇଥିଲେ । ଆସନ୍ତା ଦିନରେ କଂଗ୍ରେସ ହଜାରେ ଦିନରେ ହଜାରେ କୋଟି ଟଙ୍କା ବ୍ୟୟରେ ୧୦୦୦ଟି ଶିଳ୍ପ କରିବ ବୋଲି କହିଥିଲେ । ଶେଷରେ ଗିରିଜା ଶଂକିର ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# ୨୭ନମ୍ବର ୱାର୍ଡକୁ ପୌର ନିର୍ବାଚନରେ ଜନଜାତି ପାଇଁ ସଂରକ୍ଷିତ ରଖିବାକୁ ଦାବି

ବରିପଦା,୨୦/୧୧ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ବାରିପଦା ପୌର ପରିଷଦ ଅଧୀନରେ ଥିବା ୨୭ନମ୍ବର ୱାର୍ଡରେ ନିର୍ବାଚନ ପାଇଁ ପ୍ରସ୍ତୁତ ସଂରକ୍ଷଣ ତାଲିକା ପରିବର୍ତ୍ତନ ଦାବିରେ ଗୁରୁବାର ୱାର୍ଡବାସୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ଧାରଣା ଦେଇଥିଲେ । ଶତାଧିକ ମହିଳା ପୁରୁଷ ଏକ ଶୋଭାଯାତ୍ରାରେ ଆସି ଧାରଣା ଦେବା ସହ ଜିଲାପାଳଙ୍କୁ ଏକ ଦାବୀପତ୍ର ପ୍ରଦାନ କରିଥିଲେ । ପୌର ପରିଷଦର ହେମଚନ୍ଦ୍ରପୁର, ମହାରାଜପୁର, ତକତପୁର ଓ ଦେବେନ୍ଦ୍ରପୁର ମୌଜାକୁ ନେଇ ଏହି ୱାର୍ଡଟି ଗଠିତ ହୋଇଛି । ଏଠାରେ ସାନ୍ତାଳ, ହୋ, ମୁଣ୍ଡା ଓ ଭୂମିଜ



ସମ୍ପ୍ରଦାୟର ଶତକଡ଼ା ୭୦ଭାଗ ଲୋକ ବସବାସ କରୁଛନ୍ତି । ଦୀର୍ଘ ବର୍ଷ ହେଲା ଉକ୍ତ ୱାର୍ଡଟି ତଫସିଲଭୁକ୍ତ ଜାତିଙ୍କ ପାଇଁ ସଂରକ୍ଷିତ ରହୁଥିବାରୁ ଜନଜାତିର ଲୋକମାନେ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରିବାରୁ ବଞ୍ଚିତ ହୋଇ ରହୁଛନ୍ତି । ଫଳରେ ଜନଜାତି ସମ୍ପ୍ରଦାୟର ଲୋକଙ୍କ ବିଭିନ୍ନ ସମସ୍ୟାର ସମାଧାନ ହେଉନାହିଁ । ଏହାକୁ ନେଇ ଅଞ୍ଚଳର ରବୀନ୍ଦ୍ର ହେମ୍ବ୍ରମ, ଲକ୍ଷ୍ମଣ ମାରାଣ୍ଡି, ବିନୋଦ ବେହେରା, ବୁଧୁରାମ ପୂର୍ତ୍ତି, ବିମଲ ହେନ୍ତମ ପ୍ରମୁଖଙ୍କ ନେତୃତ୍ୱରେ ୱାର୍ଡବାସୀ ଜିଲାପାଳଙ୍କ ଠାରେ ଦାବୀପତ୍ର ପ୍ରଦାନ କରିଛନ୍ତି ।

# ଆଜିଠାରୁ ତିନି ଦିନିଆ ଜାତୀୟ ଗଣମାଧ୍ୟମ ମହାସମ୍ମିଳନୀ

ଭୁବନେଶ୍ୱର,୨୦/୧୧ (ନି.ପ୍ର): ପୂର୍ବ ଭାରତର ସବୁଠାରୁ ବଡ଼ ଏବଂ ଆର୍କଷଣୀୟ ମିଡ଼ିଆ ମହାକୁମ୍ଭର ପଂଚମ ସଂସ୍କରଣର ଇ-ଉଦ୍‌ଘାଟନ ପାଇଁ ଭର୍ଚୁଆଲ ମଂଚ ପ୍ରସ୍ତୁତ। ପୂର୍ବତନ ମୁଖ୍ୟମନ୍ତ୍ରୀ ଡଃ ହରେକୃଷ୍ଣ ମହତାବଙ୍କ ୧୨୨ତମ ଜନ୍ମବାର୍ଷିକ ଉପଲକ୍ଷେ, ଆସନ୍ତାକାଲି (ରବିବାର)ଠାରୁ ଏହି ତିନି ଦିନିଆ ଜାତୀୟ ଗଣମାଧ୍ୟମ ମହାସମ୍ମିଳନୀ ଅନ୍‌ଲାଇନ୍‌ରେ ଅନୁଷ୍ଠିତ ହେବାକୁ ଯାଉଛି। ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନ ସ୍ଥାନୀୟ ଇନିଷ୍ଟିଚ୍ୟୁଟ୍ ଅଫ୍ ମିଡିଆ ଷ୍ଟଡିଜ୍ (ଆଇ.ଏମ.ଏସ୍) ଦ୍ୱାରା ଆୟୋଜିତ ଏହି ମହାକୁମ୍ଭକୁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ଥିବା ବେଳେ ଲୋକସଭା ସାଂସଦ ଏବଂ ପ୍ରଜାତନ୍ତ୍ରର ସମ୍ପାଦକ ଭର୍ତ୍ତୃହରି ମହତାବ, ମିଡିଆ ଏଣ୍ଡ୍ ଏଂଟରଟେନ୍‌ମେଂଟ ସ୍କିଲ୍ କାଉନ୍‌ସିଲ୍‌ର ଅଧ୍ୟକ୍ଷ ତଥା ବିଶିଷ୍ଟ ସିନେ ନିର୍ଦ୍ଦେଶକ ସୁଭାଷ ଘାଇ, ଏମ.ଜି.ଏମ୍ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ସୁଧିର ଗାଭାନେ, ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘର ସାଧାରଣ ସଂପାଦକ ପଙ୍କଜ ମିତଲ, ତେଜପୁର ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ସୁନିଲ କାନ୍ତ ବେହେରା ପ୍ରମୁଖ ଅଂଶଗ୍ରହଣ କରିବେ। ଦେଶ ଓ ବିଦେଶର ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରୁ ପ୍ରାୟ ୮୦୦ ରୁ ଅଧିକ ଜ୍ଞାନୀ, ଗବେଷକ, ବିଦ୍ୟାର୍ଥୀ, ବୁଦ୍ଧିଜିବି ଏବଂ ରାଜ୍ୟର ବହୁ ସାମ୍ବାଦିକ ଓ ଗଣମାଧ୍ୟମ ଛାତ୍ରଛାତ୍ରୀ ଏହି ସମ୍ମିଳନୀରେ ଅଂଶଗ୍ରହଣ କରିବେ। ଏବର୍ଷ ସମ୍ମିଳନୀର ଶୀର୍ଷକ "ଗଣମାଧ୍ୟମ ଓ ଡିଜିଟାଲ ଟେକ୍ନୋଲୋଜି" ଥିବାବେଳେ, ଦ୍ୱିତୀୟ ଦିନରେ ୧୦୦ରୁ ଉର୍ଦ୍ଧ୍ୱ ବିଶେଷଜ୍ଞ ସେମାନଙ୍କର ଗବେଷଣାତ୍ମକ ସନ୍ଦର୍ଭ ୫ଟି ସମାନ୍ତରାଳ ବୈଷୟିକ କର୍ମଶାଳାରେ ଉପସ୍ଥାପନ କରିବାର କାର୍ଯ୍ୟକ୍ରମ ରହିଛି ବୋଲି ସମ୍ମିଳନୀର ଅଧ୍ୟକ୍ଷ ଏବଂ ଆଇ.ଏମ୍.ଏସ୍.ର ନିର୍ଦ୍ଦେଶକ ପ୍ରଫେସର ଉପେନ୍ଦ୍ର ପାଢୀ ସୂଚନା ଦେଇଛନ୍ତି। ତୃତୀୟ ଦିନରେ ଉଦ୍‌ଯାପନୀ ସମାରୋହରେ ଓଡ଼ିଶାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ପ୍ରଖ୍ୟାତ ସାମ୍ବାଦିକ ତଥା ପରୀର ସଂସ୍ଥାପକ ସମ୍ପାଦକ ପି ସାଇନାଥ ଏବଂ ମଣିପାଲ ଇନିଷ୍ଟିଚ୍ୟୁଟ୍ ଅଫ୍ କମ୍ୟୁନିକେସନର ପ୍ରଫେସର ବି. ପି. ସଂଜୟ ପ୍ରମୁଖ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି।

# ଭୋଟର ତାଲିକା ସଂଶୋଧନ ଲାଗି ବୁଲିଲା ସଚେତନତା ରଥ

ପୁରୀ,୨୦/୧୧ (ନି.ପ୍ର): ଭାରତର ନିର୍ବାଚନ ଆୟୋଗ ଓ ରାଜ୍ୟ ନିର୍ବାଚନ ଆୟୁକ୍ତଙ୍କ ନିର୍ଦ୍ଦେଶକ୍ରମେ ସ୍ୱତନ୍ତ୍ର ସଂକ୍ଷିପ୍ତ ଫଟୋ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ଜାରି ରହିଛି। ୨୦୨୨ ଜାନୁଆରୀ ପହିଲା ସୁଦ୍ଧା ଯେଉଁମାନଙ୍କ ବୟସ ୧୮ବର୍ଷ ହୋଇଥିବ ସେମାନେ ନୂତନ ଭୋଟର ଭାବେ ନାମ ପଞ୍ଜିକରଣ କରିପାରିବେ। ଏ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଲାଗି ଏକ ସଚେତନତା ରଥକୁ ଜିଲ୍ଲାପାଳ ସମର୍ଥ ବର୍ମା ଶୁଭାରମ୍ଭ କରିଛନ୍ତି। ଏହି ରଥ ଜିଲ୍ଲାର ସମସ୍ତ ବ୍ଲକ ଅଞ୍ଚଳରେ ବୁଲି ସଚେତନତା ସୃଷ୍ଟି କରିବ। ନୂତନ ଭୋଟର ଭାବେ ନାମ ପଞ୍ଜିକରଣ ନିମନ୍ତେ ଫର୍ମ ନମ୍ବର ୬, ପ୍ରବାସୀ ଭାରତୀୟଙ୍କ ନାମ ପଞ୍ଜିକରଣ ପାଇଁ ଫର୍ମ ନମ୍ବର ୬(କ), ତାଲିକାରୁ ବାଦ୍ ପାଇଁ ଫର୍ମ ନମ୍ବର ୭, ସଂଶୋଧନ ନିମନ୍ତେ ଫର୍ମ ନମ୍ବର ୮ ଏବଂ ଭୋଟରଙ୍କ ନାମ ସ୍ଥାନାନ୍ତର ନିମନ୍ତେ ଫର୍ମ ନମ୍ବର ୮(କ) ବୁଥ ସ୍ତରରେ ବିଏଲଓମାନଙ୍କ ନିକଟରେ ଆବେଦନ କରାଯାଇପାରିବ। ସେହିଭଳି ସମାନ ବିଧାନସଭା ନିର୍ବାଚନ ମଣ୍ଡଳି ଅଧିନରେ ସ୍ଥାନାନ୍ତର ନିମନ୍ତେ ଫର୍ମ ନମ୍ବର ୮, ଅନ୍ୟ ନିର୍ବାଚନ ମଣ୍ଡଳୀକୁ ସ୍ଥାନାନ୍ତର ପାଇଁ ପୂର୍ବନାମ କାଟିବା ନିମନ୍ତେ ଫର୍ମ ନମ୍ବର ୭ ଏବଂ ନୂତନ ସ୍ଥାନରେ ନାମ ପଞ୍ଜିକରଣ ନିମନ୍ତେ ଫର୍ମ ନମ୍ବର ୬ ଭୋଟରମାନେ ବ୍ୟବହାର କରିପାରିବେ। ଏହି କାର୍ଯ୍ୟକ୍ରମ ଚଳିତ ମାସ ପହିଲାରୁ ଆରମ୍ଭ ହୋଇଥିବାବେଳେ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଆସନ୍ତା ଡିସେମ୍ବର ୨୦ତାରିଖ ସୁଦ୍ଧା ଭୋଟର ତାଲିକା ସଂଶୋଧନ ସଂକ୍ରାନ୍ତୀୟ ସମସ୍ତ ଅଭିଯୋଗ ଶୁଣାଣି କରାଯାଇ ଜାନୁୟାରୀ ୫ ତାରିଖ ସୁଦ୍ଧା ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ। ଭୋଟର ହେଲ୍ପଲାଇନ୍ ଆପ, ନ୍ୟାସନାଲଭୋଟର ସର୍ଭିସ ପୋର୍ଟାଲ ଓ ଭୋଟର ସହାୟତା କେନ୍ଦ୍ର ମାଧ୍ୟମରେ ଭୋଟରମାନେ ସେମାନଙ୍କ ତଥ୍ୟ ପାଇ ପାରିବେ। ଉପଜିଲ୍ଲାପାଳ ଓ ସମସ୍ତ ବିଡ଼ିଓ ମାନଙ୍କ କାର୍ଯ୍ୟାଳୟରେ ଭୋଟର ସହାୟତା କେନ୍ଦ୍ର ଖୋଲାଯାଇଛି। କୌଣସି ବ୍ୟକ୍ତି ଯେପରି ଭୋଟ୍‌ଦାନରୁ ବଞ୍ଚିତ ନହୁଅନ୍ତି ସେଥିଲାଗି ଆସନ୍ତାକାଲି ଜିଲ୍ଲାସ୍ତରରେ ସ୍ୱତନ୍ତ୍ର ଅଭିଯାନ ଦିବସ ପାଳନ କରାଯିବ। ବୁଥ ସ୍ତରୀୟ ଅଧିକାରୀମାନେ ନିଜି ନିଜ ବୁଥରେ ଉପସ୍ଥିତ ରହିବେ।

# ବାଲିଆପାଳରେ କଂଗ୍ରେସର ଜନଜାଗରଣ ଅଭିଯାନ ସମାବେଶ




ବାଲିଆପାଳ, ୨୦/୧୧ (ନି.ପ୍ର): ଦିର୍ଘ ୭ ବର୍ଷ ଧରି ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କେବଳ ଜନ ବିରୋଧୀ ଆଇନ ଗୁଡିକ ପାସ କରିଛନ୍ତି। ବିମୁଦ୍ରିକରଣ ହେଉକି ଜିଏସଟି, ରାଷ୍ଟ୍ରୀୟ ସମ୍ପତ୍ତି ବିକ୍ରୀ କରିବାର ନିଷ୍ପତି ମଧ୍ୟ ଜନ ବିରୋଧୀ। ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୩ କଳା କୃଷି ଆଇନ ପ୍ରତ୍ୟାହର କରିବାକୁ ବାଧ୍ୟ ହେଲେ। ଏହା କଂଗ୍ରେସ ଦଳ ତଥା ଦେଶ ପାଇଁ ଏକ ଐତିହାସିକ ବିଜୟ। କିଛି ଦିନ ତଳେ ଦେଶରେ ଯେଉଁ ନିର୍ବାଚନ ହୋଇଥିଲା ସେଥିରେ କଂଗ୍ରେସ ଦଳର ସଫଳତା ଏବଂ ବିଜେପିର ବିଫଳତା ଆଜି ନିଜ ସରକାରର ଅହଂକାର ଓ ଦାମ୍ଭିକତାକୁ ହଟିବା ପାଇଁ ବାଧ୍ୟ କରିଛି। ନିକଟରେ ହେବାକୁ ଥିବା ୫ଟି ରାଜ୍ୟ ନିର୍ବାଚନରେ ପରାଜିତ ହେବାର ଅଶଙ୍କାରେ ମୋଦି ଭୟଭୀତ ହୋଇ ଏହି ଆଇନ ପ୍ରତ୍ୟାହାର କରିବାକୁ ବାଧ୍ୟ ହେଲେ। ଏଥିପାଇଁ କଂଗ୍ରେସ ନେତା ରାହୁଲ ଗାନ୍ଧି ପାର୍ଲ୍ୟାମେଂଟ ଠାରୁ ଆରମ୍ଭ କରି ପଞ୍ଜାବ ଓ ହରିୟାନାରେ କୃଷକଙ୍କ ସହିତ ମିଶି ନିଜର ସଂଗ୍ରାମ ଜାରି ରଖିଥିଲେ। ତେବେ କଳା କୃଷି ଆଇନ ପ୍ରତ୍ୟାହାର ଆନ୍ଦୋଳନରେ ଯେଉଁ ୭୫୦ କୃଷକ ବଳିଦାନ ଦେଇଛନ୍ତି ଏବଂ ଯେଉଁ ମାନଙ୍କୁ ପଛ ପଟୁ ଗାଡି ଚଢାଇ ମାରି ଦିଆଗଲା ଆଉ ଯେଉଁ ମାନଙ୍କ ନାମରେ ବିଭିନ୍ନ ଆତଙ୍କବାଦ ଆଇନ ବଳରେ କେସ ଦାଏର ହୋଇଛି ସେଥିପାଇଁ ମୋଦି ଦାୟୀ ବୋଲି ଆଜି ବାଲିଆପାଳ ଠାରେ କଂଗ୍ରେସ ଦଳ ପକ୍ଷରୁ ଆୟୋଜିତ ବିରାଟ ଜନଜାଗରଣ ସମାବେଶରେ ଉଦବୋଧନ ଦେଇ ଅଖିଳ ଭାରତ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ତଥା ଓଡିଶା କଂଗ୍ରେସ ପ୍ରଭାରୀ ଡକ୍ଟର ଏ. ଚେଲା କୁମାର କହିଛନ୍ତି। ଓଡିଶା ପ୍ରସଙ୍ଗରେ ଡକ୍ଟର ଏ. ଚେଲା କୁମାର କହିଥିଲେ ଯେ ୨୧ ବର୍ଷର ବିଜେଡି ଶାସନରେ ଓଡିଶାରେ ନାରୀ ଏବଂ ଶିଶୁ ନିର୍ଯ୍ୟାତନା, ଗୁଣ୍ଡାରାଜ ଏବଂ ଦୁର୍ନିତି ବହୁ ପରିମାଣରେ ବଢିଛି। ପ୍ରତି ବର୍ଷ ସରକାର ୨ ଲକ୍ଷ ବେକାର ଯୁବକଙ୍କୁ ଚାକିରୀ ଦେବାର ପ୍ରତିଶୃତି ଦେଇ କ୍ଷମତାକୁ ଆସିଥିଲେ। କିନ୍ତୁ ୨୦ ବର୍ଷ ଶାସନରେ ୧ ଲକ୍ଷ ୨୫ ହଜାର ଚାକିରୀ ଉଚ୍ଛେଦ ହୋଇଛି। ସେହିପରି କେନ୍ଦ୍ରର ମୋଦି ସରକାର ପ୍ରତି ବର୍ଷ ଦେଶର ୨ କୋଟି ବେକାରିଙ୍କୁ ଚାକିରୀ ଦେବାର ଦେଇଥିବା ପ୍ରତିଶୃତି ମଧ୍ୟ ଫମ୍ପା ଆବାଜରେ ପରିଣତ ହୋଇଛି। ୭ ବର୍ଷ ଭିତରେ ୧୪ କୋଟି ବେକାରୀଙ୍କୁ ଚାକିରୀ ଦେବା ତ ଦୂରର କଥା ୨୦ କୋଟି ଲୋକଙ୍କୁ ଚାକିରୀରୁ ବିତାଡିତ କରି ସାରିଲେଣି। ଜନ ବିରୋଧୀ ବାଲିଆପାଳରେ ପ୍ରସ୍ତାବିତ ସୂବର୍ଣ୍ଣରେଖା ବନ୍ଦର ଓ ପେଟ୍ରୋ କେମିକାଲ୍ସକୁ ଅନ୍ୟତ୍ର ସ୍ଥାନନ୍ତର କରିବାକୁ ଡକ୍ଟର ଚେଲା କୁମାର ଦାବି କରିଥିଲେ। ଧାନ, ପାନ ଓ ମୀନରେ ସମୃଦ୍ଧ ଉର୍ବର ଶସ୍ୟଶ୍ୟାମଳା ଅଂଚଳର ୧୫ ହଜାର ପରିବାରର ୬୦ ହଜାର ରୁ ଉର୍ଦ୍ଧ୍ୱ ଲୋକଙ୍କୁ ବିସ୍ଥାପିତ କରି ଶିଳ୍ପ ଏବଂ ବନ୍ଦର ପ୍ରତିଷ୍ଠା ହେଲେ କଂଗ୍ରେସ ଦଳ ଲୋକଙ୍କ ପଛରେ ରହି ତାହାର ଦୃଢ ବିରୋଧ କରିବ। ଜିଲ୍ଲା କଂଗ୍ରେସ କମିଟି ସଭାପତି ସଞ୍ଜିବ ଗିରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାବେଶରେ କଂଗ୍ରେସ ମିଡିଆ ସେଲର ଅଧ୍ୟକ୍ଷ ସତ୍ୟପ୍ରକାଶ ନାୟକ ନିଜ ବକ୍ତବ୍ୟରେ ବିଜେପି ଏବଂ ବିଜେଡିକୁ ତୀବ୍ର ସମାଲୋଚନା କରିଥିଲେ। ଦିର୍ଘ ୯ ବର୍ଷ ଧରି ବିଜେଡି ଓ ବିଜେପି ପରକ୍ରିୟା ପ୍ରତି କାହାକୁ ଅଛପା ନାହିଁ। ବିଜେପିର ରାଜ୍ୟ ସଭା ସଦସ୍ୟଙ୍କୁ ବିଜେଡି ଭୋଟ ଦେଇ ଜିତେଇବା ଏବଂ ପାର୍ଲ୍ୟାମେଂଟରେ କୃଷି ଆଇନ ସମେତ ସବୁ ଆଇନ ପାସ କରିବାରେ ସହଯୋଗ କରିବା ଏହି ଦୁଇ ଦଳର ବନ୍ଧୁତ୍ୱକୁ ପଦାରେ ପକାଇ ଥିବା ବେଳେ ବିଜେଡି କଂଗ୍ରେସକୁ ବିଜେପିର ବି ଟିମ କହିବା ହାସ୍ୟାସ୍ପଦ ବିଷୟ ବୋଲି ଶ୍ରୀ ନାୟକ କହିଥିଲେ।

# ଅକ୍ଷୟ ପ୍ରଧାନ ସ୍ମୃତି ସମାରୋହ ଅନୁଷ୍ଠିତ

ଭୁବନେଶ୍ୱର,୨୦/୧୧ (ନି.ପ୍ର): ସିପିଆଇର ପୂର୍ବତନ ରାଜ୍ୟ କାର୍ଯ୍ୟକାରୀ ସମ୍ପାଦକ, ଓଡ଼ିଶାର ବିଶିଷ୍ଟ ଶ୍ରମିକ ନେତା, ବିପ୍ଳବୀ ଅକ୍ଷୟ କୁମାର ପ୍ରଧାନଙ୍କ ୨୧ତମ ରାଜ୍ୟସ୍ତରୀୟ ସ୍ମୃତି ସମାରୋହ ଭୁବନେଶ୍ୱର ଠାରେ ପାଳିତ ହୋଇଯାଇଛି। ସ୍ମୃତି କମିଟିର ଅଧ୍ୟକ୍ଷ ତଥା ବରିଷ୍ଠ ସିପିଆଇ ନେତା ଦିବାକର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାରୋହରେ ସ୍ମୃତି କମିଟିର ସମ୍ପାଦକ ମହେଶ୍ୱର ରାଉତ ପ୍ରାରମ୍ଭିକ ସୂଚନା ଦେବା ପରେ ସିପିଆଇର ରାଜ୍ୟ ସମ୍ପାଦକ ଆଶିଷ କାନୁନ୍‌ଗୋ, ସିପିଆଇ(ଏମ୍)ର ରାଜ୍ୟ ସମ୍ପାଦକ ଅଳି କିଶୋର ପଟ୍ଟନାୟକ, ସିପିଆଇ ଜାତୀୟ କାର୍ଯ୍ୟକାରିଣୀ ସଭ୍ୟ ରାମକୃଷ୍ଣ ପଣ୍ଡା ଓ ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ ପ୍ରୟାତ ନେତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ସମାରୋହରେ ଓଡ଼ିଶାର ବିଶିଷ୍ଟ କମ୍ୟୁନିଷ୍ଟ ଓ ଶ୍ରମିକ ନେତା ପ୍ରଶାନ୍ତ ପାଇକରାୟ, ଓଡ଼ିଶାର କମ୍ୟୁନିଷ୍ଟ ଓ ମହିଳା ଆନ୍ଦୋଳନର ବରିଷ୍ଠ ନେତ୍ରୀ ବନଲତା ଜେନା, ବିଶିଷ୍ଟ କୃଷକ ନେତା ସନାତନ ପାତ୍ର ଓ ସିପିଆଇ ପୁରୀ ଜିଲ୍ଲା ସମ୍ପାଦକ ପ୍ରଦୀପ୍ତ କୁମାର ମହାନ୍ତିଙ୍କୁ ୨୦୨୧ ମସିହାର ଅକ୍ଷୟ ସମ୍ମାନ ଅର୍ପଣ କରାଯାଇଥିଲା।

## କରୋନାରୁ ସୁସ୍ଥ ହେଲେ ଆଉ ୨୬୩ ଆକ୍ରାନ୍ତ

ଭୁବନେଶ୍ୱର,୨୦/୧୧ (ନି.ପ୍ର): ରାଜ୍ୟରେ ଗତ ୨୪ ଘଂଟା ମଧ୍ୟରେ କରୋନା ସଂକ୍ରମଣରୁ ଆଉ ୨୬୩ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଏଥି ସହିତ ରାଜ୍ୟରେ କରୋନାରୁ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୩୬ ହଜାର ୨୩୦ରେ ପହଂଚିଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି। ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ ଆଜି ଏଥିରେ ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୧୧୧ ଜଣ ଓ କଟକ ଜିଲ୍ଲାରୁ ୨୯ ଜଣ ଆକ୍ରାନ୍ତ କରୋନାରୁ ସୁସ୍ଥ ହୋଇଛନ୍ତି। ସମ୍ବଲପୁରରୁ ୧୩, ଢେଙ୍କାନାଳରୁ ୧୧, ଯାଜପୁର, ସୁନ୍ଦରଗଡ଼ରୁ ୧୦-୧୦, ବାଲେଶ୍ୱରରୁ ୯, ଦେବଗଡ଼, କେନ୍ଦ୍ରାପଡ଼ା, ପୁରୀରୁ ୭ ଜଣ ଲେଖାଏଁ, ଜଗତସିଂହପୁରରୁ ୫, ମୟୂରଭଂଜରୁ ୪, ଗଜପତି, ଝାରସୁଗୁଡ଼ାରୁ ୩-୩, ଭଦ୍ରକ, କଳାହାଣ୍ଡିରୁ ୨-୨, ବୌଦ୍ଧ, ଗଂଜାମ, କନ୍ଧମାଳ, ନୟାଗଡ଼, ସୁବର୍ଣ୍ଣପୁରରୁ ଜଣେ ଲେଖାଏଁ ଓ ରାଜ୍ୟପୁଲରୁ ୨୫ ଜଣ ଆକ୍ରାନ୍ତ କରୋନାରୁ ସୁସ୍ଥ ହୋଇଛନ୍ତି।

# ନଛିପୁର ହାଇସ୍କୁଲର ପ୍ରାକ ରୌପ୍ୟ ଜୟନ୍ତୀ ସମ୍ମିଳନୀ

## ଯୋଗ ଦେଲେ ଶିକ୍ଷାବିତ, ରାଜନୈତିଜ୍ଞ ଓ ପୁରାତନ ଛାତ୍ର



ଖଇରା,୨୦/୧୧ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ପଳସା ପଞ୍ଚାୟତ ଅଧୀନ ନଛିପୁର ହାଇସ୍କୁଲ ୩୦ବର୍ଷରେ ପଦାର୍ପଣ କରିଥିବା ବେଳେ ରୌପ୍ୟ ଜୟନ୍ତୀ ପାଳନ ପାଇଁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ଶନିବାର ପୁରାତନ ଛାତ୍ର, ପରିଚାଳନା କମିଟି, ଶିକ୍ଷାବିତ, ବିଭିନ୍ନ ରାଜନୈତିକ ଦଳର ନେତା, ଶିକ୍ଷକ, ଗ୍ରାମବାସୀ, ବିଭିନ୍ନ ଶିକ୍ଷକ ସଂଘର କର୍ମକର୍ତ୍ତାଙ୍କୁ ନେଇ ଏକ ଏକ ସମ୍ମିଳନୀ ଖଇରା ବ୍ଲକର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଉମେଶ ଚନ୍ଦ୍ର ନାୟକଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇ ଯାଇଛି। ପ୍ରାକ୍ତନ ଅଧ୍ୟକ୍ଷ ମୁକ୍ତିକାନ୍ତ ଶତପଥି ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। କମିଟି ସଭାପତି ଭରତ ଚନ୍ଦ୍ର ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ ଅବସରରେ ଆସନ୍ତା ଡିସେମ୍ବର ମାସ ୨ୟ ସପ୍ତାହରେ ଅନୁଷ୍ଠିତ ହୋବକୁ ଥିବା କାର୍ଯ୍ୟକ୍ରମର ସଫଳତା ପାଇଁ ସମସ୍ତ ପୁରାତନ ଛାତ୍ରଙ୍କ ସମେତ ଗ୍ରାମବାସୀ ଓ ସମସ୍ତ ସଂଗଠନର ସହାୟତା କାମନା କରିଥିଲେ। ସମାରୋହ ପୂର୍ବରୁ ବିଜ୍ଞାନ ପ୍ରଦର୍ଶନୀ, ବ୍ଲକସ୍ତରୀୟ ପ୍ରତିଯୋଗିତା ଆୟୋଜନ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ସେହିଭଳି ସମାରୋହ ପାଳନ ଅବସରରେ ନୂତନ ଶିକ୍ଷା ନିୟମର ସାମାଜିକ ଦିଗ ଓ ଏହାର ପ୍ରଭାବ, ଅନ୍ଧ ବିଶ୍ୱାସ ଓ କୁସଂସ୍କାରର ମୂଳ ଉତ୍ପାଟନ, ମାନବାଧିକାର ସମସ୍ୟା ବିଷୟ ଉପରେ ବିଭିନ୍ନ ଆଲୋଚନା ଚକ୍ର ଆୟୋଜନ ପାଇଁ ପ୍ରସ୍ତାବ ରଖାଯାଇଥିଲା। ପରିଚାଳନାରେ ସଫଳତା ପାଇଁ ଅଭ୍ୟର୍ଥନା, ଅର୍ଥ ଓ ସମନ୍ୱୟ ସମିତି ଭଳି କମିଟି ମାନ ଗଠାନ କରାଯାଇଥିଲା।

# ଛାଡ଼ଖାଇରେ ଆମିଷ ବଜାର ଭିଡ଼ : କେଉଁଠି ବି ନାହିଁ କରୋନା ସତର୍କତା



ବାଲେଶ୍ୱର,୨୦/୧୧ (ନି.ପ୍ର): ଦୀର୍ଘ ଏକମାସର ନିଷ୍ଠାପର ଭାବେ ମହାପଞ୍ଚକ ବ୍ରତ ପାଳନ ପରେ ଏହା ପବିତ୍ର କାର୍ତ୍ତିକ ପୂର୍ଣ୍ଣମାରେ ଉଦଯାପିତ ହୋଇଥାଏ। ମାସକ ଯାକ ଅରୁଆ ଭାତ ଓ ସମ୍ପୂର୍ଣ୍ଣ ଶୁଦ୍ଧ ନିରାମିଷ ଖାଇ ଆସିଥିବା ବ୍ରତଧାରୀଙ୍କ ପାଇଁ ପୂର୍ଣ୍ଣମୀ ପରଦିନ ଅର୍ଥାତ ଛାଡ଼ଖାଇର ଗୁରୁତ୍ୱ ଅଧିକ। ଏହି ଛାଡ଼ଖାଇ ଦିବସରେ ପ୍ରାୟ ପ୍ରତ୍ୟେକ ଓଡ଼ିଆ ଘରେ ଆମିଷ ଖାଇବାର ପରମ୍ପରା ବହୁ ଦିନରୁ ଚଳିଆସିଛି। ତେବେ ଚଳିତବର୍ଷ ପୂର୍ଣ୍ଣମା ପରଦିନ ଶନିବାର ପଡ଼ିଥିଲେ ବି କାଁ ଭାଁ ପରିବାରକୁ ଛାଡ଼ିଦେଲେ ପ୍ରାୟ ଅଧିକାଂଶ ଘରେ ଆଜି ଆମିଷ ଖାଦ୍ୟ ପ୍ରସ୍ତୁତି ହୋଇଛି। ଏନେଇ ସକାଳୁ ସକାଳୁ ବାଲେଶ୍ୱର ସହରର ମାଛ, ମାଂସ ଦୋକାନରେ ଲୋକଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ସହରର ଅରଡ଼ବଜାର, ନୂଆବଜାର, ମୋତିଗଞ୍ଜ ଓ ଓଟି ରୋଡ଼ ସିନ୍ଦୁରୀସ୍ଥିତ ମାଛ ଗୋଦାମ ସମେତ ଆଜିମାବାଦ, ଆଇଟିଆଇ ଛକ, ହେମକାପଦା ଛକ, ସୁନହଟ ଛକ ପ୍ରଭୃତି ମାର୍କେଟରୁ ଘରକୁ ମାଛ ନେବା ପାଇଁ ଲୋକେ ଭିଡ଼ ଜମାଇଥିଲେ। ରୋହି, ଭାକୁର ଆଦି ଦେଶୀ ପୋହଣା ସମେତ ଇଲିସି, ଫିରିକା, କୋରା, ଆଞ୍ଜି, ଶିଳା, ପାଣିଆଖିଆ ପ୍ରଭୃତି ବିଭିନ୍ନ ପ୍ରକାର ସମୁଦ୍ର ମାଛ ସାଙ୍ଗକୁ କଙ୍କଡ଼ା, ମଧୁର ଓ ଲୁଣି ଚିଙ୍ଗୁଡ଼ି ଅଧିକ ପରିମାଣର ବିକ୍ରି ହେଉଥିବା ଦେଖିବାକୁ ମିଳିଥିଲା। କେଜି ପ୍ରତି ୨ଶହରୁ ହଜାରେରୁ ଅଧିକ ଟଙ୍କା ପର୍ଯ୍ୟନ୍ତ ମାଛ ବିକ୍ରି ହୋଇଥିଲା। ଶନିବାରରେ କିଛି ଲୋକେ ଆମିଷ ଖାଉ ନଥିବା ବେଳେ ଚଳିତ ଛାଡ଼ଖାଇରେ ଅନ୍ୟାନ୍ୟ ବର୍ଷ ତୁଳନାରେ କିଛି ପରିମାଣର ମାଛ କମ ବିକ୍ରି ହୋଇଥିବା ବେପୋରୀମାନେ ପ୍ରକାଶ କରିଛନ୍ତି। ତେବେ ମାଛର ମୂଲ୍ୟ ଦିନକୁ ଦିନ ବଢୁଥିବା ବେଳେ ସକ୍ଷମ ଅନୁସାରେ ଲୋକେ ନିଜ ପରିବାର ପାଇଁ ମାଛ କିଣି ନେଉଥିବା କେତେକ ଗ୍ରାହକ ସୂଚନା ଦେଇଛନ୍ତି। ସେହିଭଳି ବ୍ରୟଲର ଓ ଦେଶୀ କୁକୁଡ଼ା ସାଙ୍ଗକୁ ସହରର ବିଭିନ୍ନ ସ୍ଥାନରେ ଖାସିମାଂସ ଦୋକାନ ଗୁଡ଼ିକରେ ବି ଅନୁରୂପ ଭିଡ଼ ଦେଖିବାକୁ ମିଳିଥିଲା। ସବୁଠାରୁ ବଡ଼କଥା ହେଲା କରୋନା ସଂକ୍ରମଣର ବିପଦ ଅଦ୍ୟାବଧି ଟଳି ନଥିବା ବେଳେ ସାମାଜିକ ଦୂରତା ରକ୍ଷା ଓ ମାସ୍କ ପରିଧାନ ପ୍ରତି ଉଭୟ ବିକ୍ରେତା ଏବଂ ଗ୍ରାହକଙ୍କଠାରେ ବେଫିକର ଆଚରଣ ପରିଲକ୍ଷିତ ହୋଇଥିଲା।

# ୨୪ରେ ବିଜେପିର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ

ଭୁବନେଶ୍ୱର, ୨୦/୧୧ (ନି.ପ୍ର): ରାଜ୍ୟର ସାଂପ୍ରତିକ ରାଜନୈତିକ ଓ ସାମାଜିକ ପ୍ରସଙ୍ଗକୁ ନେଇ ଆସନ୍ତା ୨୪ତାରିଖରେ ବିଜେପିର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହେବ। ଏହାପୂର୍ବରୁ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ ପଦାଧିକାରୀ, ଜିଲ୍ଲା ସଭାପତି ଓ ପ୍ରଭାରୀ ବୈଠକ ଆସନ୍ତା ୨୩ତାରିଖରେ ରାଜ୍ୟ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହେବ। ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହେବାକୁ ଥିବା ଏହି ଗୁରୁତ୍ୱପୂର୍ଣ୍ଣ ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଅଶ୍ୱିନୀ ବୈଷ୍ଣବ, ବିଶେଶ୍ୱର ଟୁଡୁ ସମେତ ରାଜ୍ୟ ପ୍ରଭାରୀ ଡି.ପୁରନ୍ଦେଶ୍ୱରୀ ଏବଂ ସହ ପ୍ରଭାରୀ ବିଜୟ ପାଲ ସିଂ ତୋମରଙ୍କ ସମେତ ସମସ୍ତ ସାଂସଦ ଓ ବିଧାୟକ, ରାଜ୍ୟ ପଦାଧିକାରୀ ଏବଂ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରମୁଖ ଯୋଗ ଦେବେ। ୨୪ତାରିଖରେ ହେବାକୁ ଥିବା ଏହି କାର୍ଯ୍ୟକାରିଣୀ ବୈଠକ ଭୁବନେଶ୍ୱର ଚନ୍ଦ୍ରଶେଖରପୁର ସ୍ଥିତ ହୋଟେଲ୍ ପଦ୍ମଜା ପ୍ରିମିୟମ୍ ଠାରେ ଅନୁଷ୍ଠିତ ହେବ ବୋଲି ରାଜ୍ୟ ସାଧାରଣ ସଂପାଦକ ଗୋଲକ ମହାପାତ୍ର ସୂଚନା ଦେଇଛନ୍ତି।

# ମାନ୍ୟବର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ଦ୍ୱାରା ସମ୍ମାନିତ ହେଲେ ଭଦ୍ରକର ବିରଳ ପ୍ରତିଭା



ଭଦ୍ରକ,୨୦/୧୧ (ନି.ପ୍ର): ଭଦ୍ରକ ଜିଲ୍ଲାର ବିରଳ ପ୍ରତିଭା ସାଧୁଶ୍ରୀ ପଣ୍ଡିତ ଦୈତାରି ମହାପାତ୍ରଙ୍କୁ ଓଡ଼ିଶାର ମାନ୍ୟବର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ରାଜଭବନ କାର୍ଯ୍ୟାଳୟରେ ସମ୍ବର୍ଦ୍ଧିତ ଓ ସମ୍ମାନିତ କରିଛନ୍ତି। ପ୍ରାପ୍ତ ସମ୍ବାଦରୁ ପ୍ରକାଶ ଯେ ଓଡ଼ିଶାର ପୁରପଲ୍ଲୀରେ ପୂଣ୍ୟ 'ବଡ଼ଓଷା'ର ପାରମ୍ପରିକ ଉତ୍ସବ ପାଳିତ ହେଉଥିବା ବେଳେ ମାନ୍ୟବର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଭଦ୍ରକ ମାଟିର ବିରଳ ପ୍ରତିଭା ପଣ୍ଡିତ ଦୈତାରି ମହାପାତ୍ରଙ୍କୁ ରାଜ ଭବନ କାର୍ଯ୍ୟାଳୟରେ ତାଙ୍କର ପାଣ୍ଡିତ୍ୟ ତଥା ଜୀବନବ୍ୟାପୀ ସାରସ୍ୱତ ସାଧନାର ବିଶାଳତାକୁ ଉପଲବ୍ଧି ପୂର୍ବକ ଉତ୍ତରୀୟ ଓ କୃଷ୍ଣ ତୁଳସୀ ଚଉଁରା ଉପହାର ପ୍ରଦାନ କରି ସମ୍ମାନିତ କରିଛନ୍ତି। ଶ୍ରୀ ମହାପାତ୍ର ଭଦ୍ରକ ଜିଲ୍ଲା ଅନ୍ତର୍ଗତ ବ୍ରାହ୍ମଣୀଗାଁରେ ସ୍ୱର୍ଗତ ଭୈରବାନନ୍ଦ ମହାପାତ୍ରଙ୍କ ଔରଷ ଓ ମାତା ସ୍ୱର୍ଗତାଃ ଶାନ୍ତିଲତା ମହାପାତ୍ରଙ୍କ ଗର୍ଭରୁ ଜନ୍ମ ଗ୍ରହଣ କରିଥିଲେ। ତୁଳସୀ ଦୁଇପତ୍ରରୁ ବାସିଲା ପରି ତାଙ୍କ ପ୍ରତିଭାର ସ୍ମରଣ ହୋଇଥିଲା, ମାତ୍ର ୪ ବର୍ଷ ବୟସରୁ। ଶୈଶବାବସ୍ଥାରେ ଦେବାଧିଦେବ ମହାଦେବଙ୍କ କୃପା ଲାଭ କରି ସେ ଲେଖା ଆରମ୍ଭ କରି ଅଦ୍ୟାବଧି ସ୍ୱଳ୍ପ ଅବଧି ମଧରେ ୨୦୦୦ଖଣ୍ଡ ବିଭିନ୍ନ ଉପାଦେୟ ପୁସ୍ତକ ରଚନା କରି ନିଜସ୍ୱ ପାଣ୍ଡିତ୍ୱର ପରିଚୟ ପ୍ରଦାନ କରିପାରିଛନ୍ତି। ଏହି ପ୍ରଥିତଯଶା ମହାନ ପ୍ରତିଭାଙ୍କର ସାରସ୍ୱତ ଅବଦାନ ପାଇଁ ସେ ବିଭିନ୍ନ ଅନୁଷ୍ଠାନ ତରଫରୁ ପୁରସ୍କୃତ ତଥା ସମ୍ବର୍ଦ୍ଧିତ ହୋଇ ଆସୁଥିବା ବେଳେ ଗତକାଲି ଓଡ଼ିଶାର ମାନ୍ୟବର ରାଜ୍ୟପାଳ ରାଜଭବନ କାର୍ଯ୍ୟାଳୟରେ ଏକ ନିରାଡମ୍ବର ପରିବେଶରେ ସମ୍ମାନିତ କରିଥିବାରୁ ତାଙ୍କର ଭୂୟସୀ ପ୍ରଶଂସା କରିବା ସହିତ ଓଡ଼ିଆ ସାହିତ୍ୟ ଜଗତକୁ ଶ୍ରୀ ମହାପାତ୍ରଙ୍କ ଅବଦାନ ଅବର୍ଣ୍ଣନୀୟ ତଥା ଅମ୍ଳାନ ପ୍ରତିଭା ବୋଲି କହିଥିଲେ। ଏହି ଅବସରରେ ଶ୍ରୀ ମହାପାତ୍ରଙ୍କ ରଚିତ ମା' ଶାରଦା ପବ୍ଲିକେଶନ ଓ ସତ୍ୟନାରାୟଣ ବୁକ୍‌ଷ୍ଟୋର ବାଲୁବଜାରଙ୍କ ଦ୍ୱାରା ପ୍ରକାଶିତ ୫ ଗୋଟି ପୁସ୍ତକ 'ଭୂମି-ଭୂମାର ଭୌମକାର କାନ୍ତକବି ଲକ୍ଷ୍ମୀକାନ୍ତ', 'ବନ୍ଦେ ଉତ୍କଳ ଜନନୀର ଉଦ୍‌ଗାତା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର', 'ରାଜ୍ୟ ସଂଗୀତ ବନ୍ଦେ ଉତ୍କଳ ଜନନୀ ଏବଂ ଆମ ଦେଶର ଗୌରବ ୧ମ ଓ ୨ୟ ଖଣ୍ଡକୁ ରାଜ୍ୟପାଳ ଲୋକାର୍ପଣ କରିଥିଲେ। ଏଥି ପୂର୍ବରୁ ୨୦୧୯ ମସିହା ମାର୍ଚ୍ଚ ମାସରେ ଶ୍ରୀ ମହାପାତ୍ର ରାଜ୍ୟପାଳଙ୍କୁ ୧୭ଖଣ୍ଡ ପୁସ୍ତକ ପ୍ରଦାନ ପୂର୍ବକ ୪ଗୋଟି ଉପାଦେୟ ପୁସ୍ତକ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ଭଦ୍ରକ ମାଟିର କୃତି ସନ୍ତାନ ଆଧ୍ୟାତ୍ମିକ ପୁରୁଷ ଶ୍ରୀ ମହାପାତ୍ରଙ୍କୁ ରାଜ୍ୟପାଳ ରାଜଭବନରେ ଜୀବନବ୍ୟାପୀ ସାହିତ୍ୟ ସାଧନା ପାଇଁ ସମ୍ମାନିତ ଓ ସମ୍ବର୍ଦ୍ଧିତ କରିଥିବାରୁ ଓଡ଼ିଶାର ବହୁ ବୁଦ୍ଧିଜୀବୀ ଶ୍ରୀ ମହାପାତ୍ରଙ୍କୁ ଭୂୟସୀ ପ୍ରଶଂସା କରିଛନ୍ତି। ଏହି ମନୋଜ୍ଞ ସଭାରେ ସର୍ବୋପରି ରାଜଭବନର ସୂଚନା ଅଧିକାରୀ ରକ୍ଷକ କୁମାର ନାୟକ, ଅଧ୍ୟାପକ ଅମରେନ୍ଦ୍ର ପଣ୍ଡା ଏବଂ କଳିଙ୍ଗ ସମାଜର ପ୍ରତିଷ୍ଠାତା ଉମାକାନ୍ତ ମହାନ୍ତି ଉପସ୍ଥିତ ଥିଲେ।

# ଏସଭିଏମ୍‌ରେ ଜାତୀୟ ସେବା ଯୋଜନାର ଶୀତକାଳୀନ ସ୍ୱତନ୍ତ୍ର ଶିବିର ଉଦ୍‌ଘାଟିତ




ବାରିପଦା,୨୦/୧୧ (ନି.ପ୍ର): କେନ୍ଦ୍ର ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧିନସ୍ଥ ଜାତୀୟ ସେବା ଯୋଜନା ମାଧ୍ୟମରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ସହାୟତାରେ ବାରିପଦା ସ୍ଥିତ ସାଇବିଦ୍ୟା ମନ୍ଦିର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ଜାତୀୟ ସେବା ଯୋଜନାର ସାତ ଦିବସୀୟ ଶୀତକାଳୀନ ସ୍ୱତନ୍ତ୍ର ଶିବିର ଆନୁଷ୍ଠାନିକ ଭାବେ ଉଦଘାଟିତ ହୋଇଯାଇଛି। ଏସଭିଏମ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଅକ୍ଷୟ କୁମାର ଖିଲାରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଏନଏସଏସ କାର୍ଯ୍ୟକ୍ରମ ଅଧିକାରୀ ସ୍ୱରୂପ କୁମାର ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବରେ ମହାରାଜା ପୂର୍ଣ୍ଣଚନ୍ଦ୍ର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ ଶୁଭଙ୍କର ସାହୁ ଯୋଗ ଦେଇ ଶିକ୍ଷା କ୍ଷେତ୍ରରେ ବ୍ୟକ୍ତିତ୍ୱ ଗଠନ କରି ସମାଜ ଗଠନରେ ଛାତ୍ର ସମାଜର ଦାୟିତ୍ୱ ସମ୍ପର୍କରେ ଅବଗତ କରାଇଥିଲେ। ସମ୍ମାନିତ ଅତିଥି ଭାବରେ ଅନୁଷ୍ଠାନର ନିର୍ଦ୍ଦେଶକ ଇଂ ପ୍ରଭଞ୍ଜନ ରାଉତ, ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରତିଚି ରଞ୍ଜନ ରାଉତ, ଉପାଧ୍ୟକ୍ଷ ମନରଞ୍ଜନ ରାଉତ, ଚଳିତ ବର୍ଷ ଜାତୀୟ ସେବା ଯୋଜନାରେ ରାଷ୍ଟ୍ରପତିଙ୍କ ଠାରୁ ସମ୍ମାନିତ ହୋଇଥିବା ଛାତ୍ର ଜନ୍ମଜୟ ଗିରି, ଜାତୀୟ ଯୁବ ବିଜେତା ସୁବ୍ରତ କୁମାର ଦାସ ଉପସ୍ଥିତ ରହିଥିଲେ। ଏହି ଉଦ୍ଘାଟନୀ ଉତ୍ସବରେ ପ୍ରଥମେ ଛାତ୍ର ଛାତ୍ରୀଙ୍କ ଦ୍ୱାରା ଅତିଥିଙ୍କୁ ନିମନ୍ତ୍ରଣ କରାଯାଇଥିଲା। ଏହି ଶିବିର ଆସନ୍ତା ୨୫ତାରିଖ ପର୍ଯ୍ୟନ୍ତ ପୋଷ୍ୟ ଗ୍ରାମ କୈଳାସଚନ୍ଦ୍ରପୁର ଠାରେ ସ୍ୱଚ୍ଛ ଭାରତ, ବୃକ୍ଷରୋପଣ କାର୍ଯ୍ୟକ୍ରମ, ସଚେତନତା ରାଲି ସହିତ କୋଭିଡ ସଚେତନତା ଅଭିଯାନ ସୃଷ୍ଟି କରିବା ସ୍ଥିର କରାଯାଇଥିବା ଅନୁଷ୍ଠାନର ନିର୍ଦ୍ଦେଶକ ଜଣାଇଛନ୍ତି। ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ କରାଯାଇଥିଲା। କରୋନା କଟକଣା ନିୟମ ଅନୁଯାୟୀ ଅନୁଷ୍ଠାନର ଶିକ୍ଷକ ଦେବାଶିଷ ଦାସ, ରାଜୀବ ଗାନ୍ଧୀ, ଶିବନାଦ ଦାସ, ସାଗର କୁମାର ମୁଦୁଲି, ରାଜେଶ ମହାନ୍ତ, ଜଗବନ୍ଧୁ ବେହେରା, ଶ୍ରୀଧର ପାଲ, ସଞ୍ଜୟ ନାୟକ, ଚିତ୍ତରଞ୍ଜନ ରାଉତ, ବିଦ୍ୱାଭୂଷଣ ବେହେରା, ଦୀପଞ୍ଜଳି ନାୟକ, ଅଞ୍ଜଳି କଳିଆ, ମମତା ଦଳେଇ, ସବିତା ବାରିକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଲକ୍ଷ୍ମୀଧର ବେହେରା ଧନ୍ୟବାଦ ଜଣାଇଥିଲେ। ବିଦ୍ୟାଳୟର ଏଭଳି ପଦକ୍ଷେପକୁ ସମ୍ପାଦକ ଚନ୍ଦ୍ରକାନ୍ତ ରାଉତ ସ୍ୱାଗତ କରିଛନ୍ତି।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078
❒ Managing & Executive Editor : Srustidhar Parida
❒ Editor: Sairindhree Sahoo